


ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୩ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 MARCH 2025

Vol.No. 36 ■ No.77 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଚେନ୍ନାଇରେ ଡିଲିମିଟେସନ ବିରୋଧୀ ଗୋଷ୍ଠୀଙ୍କ ମେଳି: ବିଜେଡି ସହ ୮ ରାଜ୍ୟର ବିରୋଧୀ ଦଳ ପ୍ରତିନିଧି ସାମିଲ

ନୂଆଦିଲ୍ଲୀ, ୨୨/୩ : ଚେନ୍ନାଇରେ ସୀମା ପୁନଃ ନିର୍ଦ୍ଧାରଣ ବିରୋଧୀ ଗୋଷ୍ଠୀଙ୍କ ମେଳି। ଆଜି ସୀମା ପୁନଃ ନିର୍ଦ୍ଧାରଣ ବା ଡିଲିମିଟେସନ ସମ୍ପର୍କିତ ଯୁଗ୍ମ କାର୍ଯ୍ୟାନୁଷ୍ଠାନ କମିଟିର ପ୍ରଥମ ବୈଠକ ଆୟୋଜିତ ହୋଇଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ଏହି ବୈଠକରେ ଓଡ଼ିଶା ସମେତ ତାମିଲନାଡୁ, କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ଛତିଶଗଡ଼ର ବିରୋଧୀ ଦଳର ନେତା ମାନେ ଯୋଗଦେଇଛନ୍ତି । ବିଜେଡି ପକ୍ଷରୁ ସଞ୍ଜୟ ଦାସବର୍ମା ଓ ଅମର ପଟ୍ଟନାୟକ ଏହି ବୈଠକରେ ସାମିଲ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ହେବାକୁ




ଯାଉଥିବା ସୀମା ପୁନଃ ନିର୍ଦ୍ଧାରଣ ଦ୍ୱାରା ଏହି ସବୁ ରାଜ୍ୟ ପ୍ରଭାବିତ ହେବ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ତେଣୁ ପ୍ରଭାବିତ ହେବାକୁ ଥିବା ୮ ରାଜ୍ୟର ବିରୋଧୀ ଦଳର ପ୍ରତିନିଧିଙ୍କୁ ନେଇ ଏହି ବୈଠକ ହୋଇଛି । ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ବନ୍ଦ କରିବା ନେଇ ସମ୍ଭାବ୍ୟ ପ୍ରୟାସର ରୂପରେଖା ପ୍ରସ୍ତୁତ କରିବା ଏହି ବୈଠକର ଉଦ୍ଦେଶ୍ୟ । ଗତ ୫ ଦଶନ୍ଧି ଧରି ଦେଶରେ କୌଣସି ସୀମା ନିର୍ଦ୍ଧାରଣ ହୋଇନାହିଁ । ୨୦୨୬ ପରେ କେନ୍ଦ୍ର ସରକାର ଏହା କରିପାରନ୍ତି ବୋଲି ସୂଚନା ମିଳିଛି।

▶▶ପୃଷ୍ଠା ୭

## ନାଗପୁର ହିଂସା: ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ବିବାଦ



ମୁମ୍ବାଇ ୨୨।୩: ନାଗପୁର ହିଂସାକୁ ନେଇ ମହାରାଷ୍ଟ୍ର ରାଜନୀତି ଏବେ ସରଗରମ। ଶନିବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଦଙ୍ଗାକାରୀଙ୍କ ପ୍ରତି କଠୋର ମତ ପୋଷଣ କରିଛନ୍ତି। କହିଛନ୍ତି ଦଙ୍ଗାକାରୀ ଯେ କୌଣସି ଧର୍ମର ହୋଇଥାନ୍ତୁ ନା କାହିଁକି ତାଙ୍କୁ ଛଡା ଯିବ ନାହିଁ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ପୂର୍ବରୁ ରାଜ୍ୟର ଡେପୁଟି ସିଏମ ଅଜିତ ପାୱାର ମୁସଲମାନଙ୍କୁ ନ ଡରାଇବା ଓ ଭାରତ ହେଉଛି ବିବିଧତାରେ ଏକତାର ଦେଶ ବୋଲି କହିଥିଲେ। ଏବେ ଏହି ପୁରା ପ୍ରକରଣରେ ବିଜେପି ଓ ଏନଡିଏ ନେତାଙ୍କ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି। ଡେପୁଟି ସିଏମ ଇଫ୍ତାର ପାର୍ଟିରେ କହିଛନ୍ତି ଯେ ଆମେ କୌଣସି ବିଭାଜନକାରୀ ଶକ୍ତିଙ୍କ ଜାଲରେ ଫଶିବାର ନାହିଁ। ନିକଟରେ ଆମେ ହୋଲି ପାଳନ କରିଛେ, ଆଗକୁ ଗୁଡିପଡୱା ଓ ଇଦ ଆସୁଛି। ଏହି ସବୁ ପର୍ବକୁ ଆମେ ଏକାଠି ମିଳିମିଶି ପାଳନ କରିବା। କାରଣ ଏକତା ହିଁ ଆମର ଅସଲ ବଳ। ମୁଁ ଆପଣମାନଙ୍କୁ ଭରସା ଦେଉଛି ଆପଣାନଙ୍କ ଭାଇ ଅଜିତ ପାୱାର ଆପଣମାନଙ୍କ ସହିତ ଅଛନ୍ତି। ସେ କହିଛନ୍ତି ଯିଏ ବି ଆମ ମୁସଲମାନ ଭାଇ ଓ ଭଉଣୀଙ୍କୁ ଆଖି ଦେଖାଇବ, ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଝଗଡ଼ା କରି ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ କରିବ ଓ ଆଇନକୁ ହାତକୁ ନେବାକୁ ଉଦ୍ୟମ କରିବ ସେ ଯେ କେହିବି ହେଉ ନା କାହିଁକି ତାଙ୍କୁ ଛଡା ଯିବ ନାହିଁ , କି କ୍ଷମା କରାଯିବନି। ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ନାଗପୁର ସାମ୍ବାଦିକ ସମ୍ମିଳନୀରେ ଅଜିତ ପାୱାରଙ୍କ ବୟାନକୁ ନେଇ ପ୍ରଶ୍ନ କରାଯିବାରୁ ସେ କହିଥିଲେ ଅଜିତ ପାୱାର କଣ କହିଛନ୍ତି ମୁଁ ଜାଣିନି, ହେଲେ ଯିଏ ବି ସମାଜକୁ ଭାଙ୍ଗିବାକୁ ଓ ହିଂସାକୁ ଉସକାଇବ ତାକୁ ଛାଡିବୁନି। ହିଂସାରେ ହୋଇଥିବା ସମ୍ପତ୍ତି ହାନୀ ଦଙ୍ଗାକାରୀଙ୍କଠୁ ଅସୁଲ କରାଯିବ।

▶▶ପୃଷ୍ଠା ୭

## କାଳ ସାଜି ଦୁଃଖ ଆଣିଦେଲା କାଳବୈଶାଖୀ: ଦେଇଗଲା କ୍ଷତି-କ୍ଷତ



ଭୁବନେଶ୍ୱର, ୨୨/୩ (ନି.ପ୍ର): ଖରା ତାତିରୁ ଆଶ୍ୱସ୍ତି ଆଣି ଦେଇଛି କାଳବୈଶାଖୀ ବର୍ଷା। କିନ୍ତୁ ଝଡ଼ତୋଫାନ ସାଙ୍ଗକୁ କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି ବି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ୧୭ଟି ପଞ୍ଚାୟତର ଶତାଧିକ ଗାଁ ପ୍ରଭାବିତ। ସେପଟେ କେନ୍ଦୁଝର ଜିଲ୍ଲାରେ ବି ତାଣ୍ଡବ ରଚିଛି କାଳବୈଶାଖୀ। ବ୍ରହ୍ମପୁରରେ ବେହାଲ୍ କରିଛି ଅସରାଏ ବର୍ଷା। ଆଜି କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପବନ ସାଙ୍ଗକୁ ଆକାଶରୁ ଖସିଛି କୁଆପଥର। ପାଣିପାଗ ବିଭାଗ ଆସନ୍ତା ୨୪ ଘଣ୍ଟା ପାଇଁ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦେଇଛି। କାଳ ସାଜିଲା କାଳବୈଶାଖୀ। ଅଚାନକ ଘୋଟି ଆସିଲା କଳାହାଣ୍ଡିଆ ମେଘ। ସାଇଁ ସାଇଁ ଗର୍ଜନ କରି ବହିଲା ପ୍ରଳୟଙ୍କାରୀ ପବନ। ତୁହାକୁ ତୁହା ବର୍ଷିଲା। ଆକାଶରୁ ଖସିଲା କୁଆପଥର। ତାତିରୁ ତ୍ରାହି ଆଣିଥିବା ଝଡ଼ବର୍ଷା ଦେଇଯାଇଛି ଦାରୁଣ ଦୁଃଖ। ଟାଙ୍ଗରା ଭୂଇଁ ପାଲଟିଛି ଗାଁ। ମାଟିରେ ମିଶିଛି ଆଜବେଷ୍ଟସ ଘର । ଗାଡିମୋଟର କାଚ ଭାଙ୍ଗି ଚୁରମାର । ବର୍ଷାରେ ଜଳବନ୍ଦୀ ସ୍ଥିତି । କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାମନାକୁ ଆସିଛି ଏମିତି ଘଟଣା । କେଉଁଠି ପ୍ରବଳ ଭିଜାଇଛି ତ କେଉଁଠି ଛାଡି ଯାଇଛି କ୍ଷତ ଓ କ୍ଷତି। ଲୋକଙ୍କ ଉପରେ ମୁଣ୍ଡ ଗୁଞ୍ଜିବାକୁ ଚାଳ ନାହିଁ । କୁଆପଥର ମାଡ଼ରେ ଭଙ୍ଗା ଟାଇଲ୍ ଓ ଆଜବେଷ୍ଟସ ଘରୁ ଅନାଇଲେ ଜଳ ଜଳ ଦିଶୁଛି ଜହ୍ନ ତାରା। ଚାରିଆଡେ ପକ୍ଷୀ ମଡକ। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ଗାଁରେ ଏମିତି ଦୁର୍ଦ୍ଦଶା। ଗତ ଗୁରୁବାର ରାତିରେ ବର୍ଷା ପବନ ସାଙ୍ଗକୁ ବଡ଼ ବଡ଼ କୁଆପଥର ଖସିଥିଲା। ଏଥିରେ ୧୭ଟି ପଞ୍ଚାୟତର ଶହେରୁ ଅଧିକ ଗାଁ ପ୍ରଭାବିତ ହୋଇଛି।

▶▶ପୃଷ୍ଠା ୭

## କନିଷ୍ଠ ଯନ୍ତ୍ରୀଙ୍କ ବେପାର ନିଶାକୁ ଦେଖି ତାଜୁବ୍ ଭିଜିଲାନ୍ସ

ଭୁବନେଶ୍ୱର, ୨୨/୩ (ନି.ପ୍ର): ଭିଜିଲାନ୍ସ ରେଡରେ ସାଧାରଣତଃ ନଜରକୁ ଆସିଥାଏ ଟଙ୍କା-ସୁନା, କୋଠା-ବାଡ଼ି, ଗାଡ଼ି। ଦୁଇ ଲକ୍ଷ ନଗଦ କ୍ୟାସ୍ ସହ କାଲି ଧରାପଡ଼ିଥିବା ଯାଜପୁର ଆରଡି ବିଭାଗର କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କର ଏସବୁ ତ ଅଛି। ହେଲେ ବାବୁଙ୍କ ବେପାର ନିଶା ଭିଜିଲାନ୍ସକୁ ତାଜୁବ କରିଛି। ସାମ୍ନାକୁ ଆସିଛି ଭୀମସେନଙ୍କ ଭୁବନେଶ୍ୱର ଉପକଣ୍ଠ ଆଲିସାନ୍ ବଙ୍ଗଳା ପରିସରରେ ଥିବା ତିନି ତିନିଟି ଫ୍ୟାକ୍ଟ୍ରି। ଆଖି ଖୋସିଲା ଭଳି ଆଲିସାନ୍ ବଙ୍ଗଳା...ଆଉ ତାରି ଭିତରେ ଏବଂ ପାଖାପାଖି ଅଞ୍ଚଳରେ ତିନି ତିନିଟି ଫ୍ୟାକ୍ଟ୍ରି, ବିଜନେସ୍ ଏମ୍ପାୟାର....କେଉଁଠି ପିଇବା ପାଣି ଫ୍ୟାକ୍ଟ୍ରି, କେଉଁଠି ଇଟା ତିଆରି ଫ୍ୟାକ୍ଟ୍ରି, ତ ପୁଣି କେଉଁଠି ଫର୍ଣ୍ଣିଚର ୱାର୍କସପ୍ ସାଙ୍ଗକୁ ସୋ- ରୁମ୍। 'ଦୁର୍ନୀତି କରି ଟଙ୍କା ଅର୍ଜ, ସବୁ ସଉକ୍ ପୂରା ପରେ ସେ କଳା ଟଙ୍କାକୁ ବ୍ୟବସାୟରେ ଲଗାଅ'। ଯେମିତି ଏଇ ନୂଆ ଫଣ୍ଡାରେ ଥିଲେ ଏ ଲାଞ୍ଚୁଆ ସରକାରୀ ବାବୁ ଭୀମସେନ ମହାରଣା।




## ଗିରଫ ହେଲେ ଦୁର୍ନୀତିଖୋର ନିଲମ୍ବିତ ପିଇଓ

ଭୁବନେଶ୍ୱର, ୨୨/୩ (ନି.ପ୍ର): ଦୁଇ ଦୁଇଟି ପଞ୍ଚାୟତର ୩ କୋଟିରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥକୁ ଆତ୍ମସାତ କରିଥିବା ପିଇଓଙ୍କୁ ଗିରଫ କଲା ଭିଜିଲାନ୍ସ । କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ତଳନାଗି ଓ ପୋଡ଼ା ପଦର ପଞ୍ଚାୟତର ପିଇଓ ଭାବେ ଦେବାନନ୍ଦ ସାଗର ଗତ ୨୦୧୮ରୁ ୨୦୨୨ ଯାଏଁ କାର୍ଯ୍ୟ ତୁଲାଇ ଆସୁଥିଲେ । କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଜଳ ଭଣ୍ଡାର ମଧ୍ୟରେ ଥିବା ପୋଡ଼ା ପଦର ପଞ୍ଚାୟତ ଓ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ତଳନାଗି ଏହି ଦୁଇଟି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ

## ଦୁଇଦିନ ଟଳିଲା ମମତା ବାନାର୍ଜୀଙ୍କ ବିଦେଶ ଯାତ୍ରା

କୋଲକାତା, ୨୨/୩ (ନି.ପ୍ର): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବ୍ରିଟେନ ଯାତ୍ରା ଦୁଇଦିନ ପାଇଁ ଟଳିଛି । ଲଣ୍ଡନର ହୋଥ୍ରି ଏୟାରପୋର୍ଟରେ ବିଜୁଳି ସଙ୍କଟ କାରଣରୁ ଏହି ନିଷ୍ପତି ନିଆଯାଇଛି । ଏୟାରପୋର୍ଟର ପଶ୍ଚିମ ଅଂଚଳରେ

▶▶ପୃଷ୍ଠା ୭

## ୨୦୨୬-୨୭ ଶିକ୍ଷା ବର୍ଷରେ ଲାଗୁ ହେବ ନୂଆ ସିଲାବସ୍: ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବଦଳିବ ପାଠ୍ୟକ୍ରମ

ଭୁବନେଶ୍ୱର, ୨୧/୩ (ନି.ପ୍ର): ରାଜ୍ୟରେ ବଦଳିବ ସ୍କୁଲ ପିଲାଙ୍କ ସିଲାବସ୍ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ହେବ ନୂଆ ପାଠ୍ୟକ୍ରମ । ଆଜି ଏନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ୨୦୨୬-୨୭ ଶିକ୍ଷା ବର୍ଷରେ ରାଜ୍ୟରେ ଲାଗୁ ହେବ ନୂଆ ସିଲାବସ୍ । ଜାତୀୟ ଶିକ୍ଷା ନୀତି-ଘରଚ ଅନୁସାରେ ନୂତନ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ । ନୂଆ ସିଲାବସ୍‌ରେ ଭାଷା, ସଂସ୍କୃତି, ଐତିହ୍ୟକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେପଟେ ରାଜ୍ୟର ସ୍କୁଲରେ ପିଲାଙ୍କ ଆଡମିଶନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମାର୍ଚ୍ଚ ୩୧ ନୁହେଁ ସେପ୍ଟେମ୍ବର ପହିଲା ସୁଦ୍ଧା ୬ ବର୍ଷ ହେବା ଜରୁରୀ । ଆଜି ଏନେଇ ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ରର ନିୟମ ଅନୁସାରେ ୩୧ ମାର୍ଚ୍ଚ ସୁଦ୍ଧା ପିଲାଙ୍କୁ ୬ ବର୍ଷ ହେଲେ ଆଡମିଶନ୍ ନେଇପାରିବେ। କିନ୍ତୁ ଓଡ଼ିଶାରେ ଏହି ନିୟମକୁ କୋହଳ କରାଯାଇଛି। ୩୧ ମାର୍ଚ୍ଚ ନୁହେଁ ୧ ସେପ୍ଟମ୍ବର ସୁଦ୍ଧା ୬ ବର୍ଷ ହେଲେ ସ୍କୁଲରେ ନାମଲେଖାଇ ପାରିବେ। । ସେପଟେ ରାଜ୍ୟର ସ୍କୁଲରେ ପିଲାଙ୍କ ଆଡମିଶନକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଯେପରି କେହି ବି ପିଲା ବାଦ୍ ପଡ଼ିବେନି ସେ ନେଇ ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ ଦୋହରାଇଛନ୍ତି । ସୂଚନା ଅନୁସାରେ ୬ ବର୍ଷରେ ପିଲାଙ୍କ ଆଡମିଶନ୍‌କୁ ନେଇ ଦ୍ୱନ୍ଦ୍ୱ ଓ ଆଶଙ୍କା ଦେଖା ଦେଇଥିଲା ।

## ଜେଲକୁ ଫେରିଲେ ରାଜା ଚକ୍ର

ଭୁବନେଶ୍ୱର, ୨୨/୩ (ନି.ପ୍ର): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟ ଦୁର୍ନୀତି ମାମଲାରେ ଗିରଫ ବିଜେଡି ନେତା ରାଜା ଚକ୍ର ଜେଲ କୁ ଫେରିଛନ୍ତି। ରାଜାଙ୍କ ସମେତ ତାଙ୍କ ସହଯୋଗୀ ମାନସ ବାରିକ, ଉତ୍କଳ ଦାସ ଓ ସୁଶାନ୍ତ ସାମଲ ମଧ୍ୟ ବିଚାରବିଭାଗୀୟ ହାଜତକୁ ଯାଇଛନ୍ତି। ରାଜାଙ୍କର ୩ ଦିନିଆ ରିମାଣ୍ଡ ସରିବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ରିମାଣ୍ଡ ଅବଧି ଶେଷ ହେବା ପରେ କ୍ରାଇମବ୍ରାଂଚ ଇଓଡବ୍ଲୁ ଶନିବାର ରାଜାଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରିଥିଲା। ରାଜାଙ୍କ ପକ୍ଷରୁ ଜାମିନ ଆବେଦନ ହୋଇଥିବା ବେଳେ ୩ରୁ ୪ ଦିନ ମଧ୍ୟରେ ଏହାର ଶୁଣାଣି ହେବ ।

## କ୍ରାଇମବ୍ରାଞ୍ଚର ତନାଘନା: ପଞ୍ଚମ ଦିନରେ ୨ଜଣଙ୍କୁ ଜେରା

ଭୁବନେଶ୍ୱର, ୨୨/୩ (ନି.ପ୍ର): ନବ ଦାସ ହତ୍ୟା ମାମଲାରେ ପୁଣି ଆକ୍ଟିଭ ମୋଡ୍‌ରେ କ୍ରାଇମବ୍ରାଞ୍ଚ । ପଞ୍ଚମ ଦିନରେ ୨ ଜଣଙ୍କୁ ଜେରା କରିଛି ତଦନ୍ତକାରୀ ଟିମ୍ । ହତ୍ୟା ସମୟର ପ୍ରତ୍ୟକ୍ଷଦର୍ଶୀ ଥିବା ଜୀବନ ନାୟକଙ୍କ ବୟାନ ରେକର୍ଡ କରାଯାଇଛି । ପୂର୍ବ ବୟାନ ସହ ବର୍ତ୍ତମାନର ବୟାନ ମେଳ ଖାଉଛି କି ନାହିଁ ତାହା ଯାଞ୍ଚ କରିଛି ଟିମ୍ ।



ହତ୍ୟାକାଣ୍ଡ ସମୟରେ ନବଙ୍କୁ ଫୁଲମାଳ ପିନ୍ଧାଉଥିଲେ ଜୀବନ । ତାଙ୍କ ବେକରେ ଗୁଳି ବାଜିବା ପରେ ନବଙ୍କ ଛାତିରେ ବାଜିଥିଲା । ସେପଟେ ପ୍ରଥମ ଥର ପାଇଁ ପୋଲିସଠାରୁ ବନ୍ଧୁକ ଛଡ଼ାଇଥିବା ସରୋଜ ସାଙ୍କୁ ଜେରା କରାଯାଇଛି। ହତ୍ୟାକାଣ୍ଡ ସମୟରେ ଉପସ୍ଥିତ ଥିଲେ ସରୋଜ ।

▶▶ପୃଷ୍ଠା ୭

## ମଣିପୁରରେ ଉଗ୍ରବାଦୀ ସଂଗଠନର ଛଅ କ୍ୟାଡର ଗିରଫ

ଇମ୍ଫାଲ, ୨୨/୩ : ମଣିପୁରରେ ସୁରକ୍ଷାବାହିନୀ ଉଗ୍ରବାଦୀ ସଂଗଠନ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୁରକ୍ଷାବାହିନୀ ଭିନ୍ନ ଭିନ୍ନ ସଂଗଠନର ଛଅ ସକ୍ରିୟ କ୍ୟାଡରଙ୍କୁ ଗିରଫ କରିଛି ।ପୋଲିସ ମୁଖପାତ୍ର ଆଜି ସକାଳେ ଏହି ସୂଚନା ଦେଇଛନ୍ତି। ପୋଲିସ ମୁଖପାତ୍ରଙ୍କ ଅନୁସାରେ ସୁରକ୍ଷାବାହିନୀ ଆରପୀଏଫ/ ପୀଏଲଏର ଏକ ସକ୍ରିୟ କ୍ୟାଡର ଲେଶରାମ ରୋମନ ମେତେଇ(୪୬)ଙ୍କୁ ଇମ୍ଫାଲ ୱେଷ୍ଟ ଜିଲ୍ଲାର ଅଣ୍ଡ୍ରୋ-ଥାନା ଅଞ୍ଚଳର ଉଚୋଲ ମାଖା ଲେକୟାରୁ ଗିରଫ କରିଛି।

▶▶ପୃଷ୍ଠା ୭

## ସାବାଡ ହେବେ ବାଲି ମାଫିଆ: ପରିଚାଳନା ପାଇଁ ସରକାର ଆଣିଲେ ଏସଓପି

ଭୁବନେଶ୍ୱର, ୨୨/୩ (ନି.ପ୍ର): ଏଣିକି ଆଉ ମନଇଚ୍ଛା ବାଲି ଉଠାଇ ପାରିବେ ନାହିଁ । ଏଥିପାଇଁ ସରକାର ଆଣିଛନ୍ତି ଏସଓପି । ବାଲି ଖାଦାନ ପାଇଁ ଖଣି ଓ ଇସ୍ପାତ ବିଭାଗ ଏସଓପି ଜାରି କରିଛି । ଦୀର୍ଘଦିନ ଧରି ରାଜ୍ୟର ବେଆଇନ ବାଲି ଚୋରାଚାଲାଣ ନେଇ କନକ ନ୍ୟୁଜରେ ଲାଗାତର ଖବର ପ୍ରସାରଣ ହୋଇଥିଲା । ଏହା ପରେ ଖଣି ବିଭାଗ ଜାରି କରିଛି ଏସଓପି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତି ଜିଲ୍ଲାରେ ଗଠନ ହେବ ସ୍ୱତନ୍ତ୍ର କମିଟି।




ସଦସ୍ୟ ରହିବେ ଉପଜିଲ୍ଲାପାଳ, ଏସ୍‌ପି, ଡିଏଫଓ, ଜିଲ୍ଲା ଉନ୍ନୟନ ଅଧିକାରୀ। ରାଜସ୍ୱ ବିଭାଗ ଏଡିଏମ୍, ଜିଲ୍ଲା ଖଣି ଅଧିକାରୀ ମଧ୍ୟ କମିଟିର ସଦସ୍ୟ ରହିବେ। ୨ ବିଡିଓ ଓ ୨ ତହସିଲଦାର ବି ସଦସ୍ୟ ରହିବେ। କମିଟିର ଆବାହକ ରହିବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଲି ଉଠାଣ ନେଇ ଖାଦାନ ନିର୍ଦ୍ଧାରଣ କରିବ କମିଟି। ଓଏମଏମସି ୨୦୧୬ ନିୟମ ଅନୁଯାୟୀ ୫ ବର୍ଷ ପାଇଁ ବାଲି ଖାଦାନ

▶▶ପୃଷ୍ଠା ୭

# ଖପ୍ରାଖୋଲ ତହସିଲ ଅଂଚଳରେ ମାଳମାଳ ବେଆଇନ ଇଟାଭାଟି : ପ୍ରଶାସନ ଜରିମାନା ଆଦାୟ କରି ଚୁପ୍‌ଚାପ୍

ବଲାଙ୍ଗିର, ୨୨/୩ (ନି.ପ୍ର): ଖପ୍ରାଖୋଲ ତହସିଲ ଅଂଚଳର ବିଭିନ୍ନ ରାଜସ୍ୱ ଗ୍ରାମରେ ମାତିଛନ୍ତି ଇଟା ମାଫିଆ । ଖପ୍ରାଖୋଲ ବ୍ଲକର ବିଭିନ୍ନ ପଂଚାୟତରେ ମାଳମାଳ ବେଆଇନ ଇଟାଭାଟି ଗଢି ଉଠିଛି । ଇଟାଭାଟି ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ତାପମାତ୍ରା ବୃଦ୍ଧି ପାଇ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି । ଗଛ କାଟି କାଠ ଗଣ୍ଡିମାନ ଲଗାଇ ଇଟା ପୋଡା ଯାଉଥିବାରୁ ଧ୍ୱଂସ ପାଉଛି ଜଙ୍ଗଲ । ଅଭିଯୋଗ କଲେ ବି ଶୁଣିବାକୁ କେହି ନାହାଁନ୍ତି । ତେବେ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ କେବଳ କିଛି ଟଙ୍କାର ଜରିମାନା ଆଦାୟ କରି ଚୁପ୍ ରହି ଯାଉଥିବାରୁ ଏହା ଇଟାଭାଟି ମାଲିକଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି । ବେଆଇନ କାରବାରକୁ ରୋକିବା ସହ ରାଜସ୍ୱ ସଂଗ୍ରହକୁ ଗୁରୁତ୍ୱ ଦିଆଯିବା ସହ ଜଳ, ଜମି, ଜଙ୍ଗଲ ଏବଂ ଗ୍ରାମ ପରିବେଶ ସୁରକ୍ଷାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଖପ୍ରାଖୋଲ ତହସିଲ ଅଂଚଳରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଖପ୍ରାଖୋଲ ତହସିଲ ଅଧୀନ ବିଭିନ୍ନ ପଂଚାୟତରେ ସଠିକ ପରିବେଶ ମଞ୍ଜୁରୀ ନ ଥାଇ ମଧ୍ୟ ଏକାଧିକ ବେଆଇନ ଇଟାଭାଟି ଗଢ଼ି ଉଠିଥିବା ବେଳେ ରାଜସ୍ୱ ବିଭାଗ କିଂ କର୍ତବ୍ୟ ବିମୁଢ଼ ଅବସ୍ଥାରେ ଥିବା ପ୍ରତୀୟମାନ ହେଉଛି । ବେଆଇନ ଇଟାଭାଟି ମାଲିକଙ୍କ ଦବଦବା ସମ୍ମୁଖରେ ତହସିଲ ପ୍ରଶାସନ ନତମସ୍ତକ ହୋଇ ରହିବା ଅଂଚଳବାସୀଙ୍କୁ ଚକିତ କରିଛି । ଫାଲ୍‌ଗୁନ ମାସ ନ ପୂରୁଣୁ ବର୍ତମାନ ଅଂଚଳରେ ତାପମାତ୍ରା ୩୯ ଡିଗ୍ରୀକୁ ବୃଦ୍ଧି ପାଇଥିବା ବେଳେ ଚୈତ୍ର ଓ ବୈଶାଖରେ ତାପମାତ୍ରା ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେବେ ଇଟାଭାଟି ଯୋଗୁ ତାପମାତ୍ରା ଅହେତୁକ ବୃଦ୍ଧି ପାଇବ ବୋଲି ପରିବେଶବିତମାନେ ସନ୍ଦେହ ପ୍ରକାଶ କରିବା ସହ ସ୍ଥାନୀୟ ପ୍ରଶାସନ ଓ ଇଟାଭାଟି ମାଲିକ ଏଥିପ୍ରତି ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି କହିଛନ୍ତି । ଏନେଇ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ଇଟାଭାଟି ଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଜବତ ଗୋରୁ ଗ୍ରାମବାସୀଙ୍କୁ ପ୍ରଦାନର ଦୀର୍ଘ ବର୍ଷ ପରେ ସେମାନଙ୍କଠାରୁ ଫେରାଇ ନେବା ପାଇଁ ଚକ୍ରାନ୍ତ ଚାଲିଥିବା ଅଭିଯୋଗ

ମାଲକାନଗିରି, ୨୨/୩ (ନି.ପ୍ର): ଆନ୍ଧ୍ର ଚାଲାଣ ହେଉଥିବା ଗୋରୁ ବୋଝେଇ ଗାଡି ଜବତ କରି ଉଦ୍ଧାର ଗୋରୁଙ୍କୁ ଗ୍ରାମବାସୀଙ୍କ ସହ ଆଲୋଚନା କରି ରକ୍ଷଣା ବେକ୍ଷଣ ସହ ପାଳିବା ପାଇଁ ଦିଆଯାଇଥିଲା। ଏହି ଘଟଣାକୁ ଦୀର୍ଘ ଦିନ ବିତିଯିବା ପରେ କୋର୍ଟର ନିର୍ଦ୍ଦେଶ ଆସିଛି। ଜବତ ସମସ୍ତ ଗୋରୁ ଥାନାରେ ରହିବ। ନିର୍ଦ୍ଦେଶ ଅନୁଯାଇ ଗୋରୁ ଫେରେଇବା ପାଇଁ ଥାନାକୁ ଡାକୁଛି ପୋଲିସ। ଗୋରୁ ନେଇ ପାଳୁଥିବା ଲୋକେ ଏବେ ହଇରାଣ ହେବା ସହ ଗୋରୁ ଫେରେଇ ପାରିବେ ନାହିଁ ବୋଲି କହୁଛନ୍ତି। ସେପଟେ ହରଡଘଣାରେ ପୋଲିସ। ନେବାର ଥିଲା ଯଦି ଦେଉଥିଲେ କଣ ପାଇଁ ବୋଲି ପଚାରିଲେ ଗାଁର ବୁଦ୍ଧିଜିବୀ। ଯଦି ଗୋରୁ ଥାନାରେ ରଖିବା ଉଚିତ ଥାଏ, ତେବେ ପ୍ରଥମେ ଗ୍ରାମବାସୀଙ୍କ ହସ୍ତାନ୍ତର କାହିଁକି କରାଯାଇଥିଲା ? ଗୋରୁ ପ୍ରଦାନ କରାଯାଇଥିବା ଲୋକ ମାନେ ଅଭିଯୋଗ କରିଛନ୍ତି ଯେ, ଥାନାରେ ରାଇଟର ଭାବେ କାମ କରୁଥିବା ସଂଜୀବ ପାଢ଼ୀ ନାମକ ବ୍ୟକ୍ତି ଗାଁ ଗାଁ ବୁଲି ଲୋକଙ୍କ ଠାରୁ ଗାଈ ସଂଗ୍ରହ କରୁଛନ୍ତି ଏପରିକି ଗାଈ ପାଳିଥିବା ଲୋକ ତାଙ୍କୁ କୋର୍ଟ ଆଦେଶ ନକଲ ମାଗିଲେ ସେ ଦେଖାଉନଥିବା ଏବଂ ଗାଈ ନଦେଲେ ୧୪୦୦୦ ଦେବ ନହେଲେ ଜେଲ୍ ଯିବ କହୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯଦି ଗାଈ ପାଳିଥିବା ଲୋକ ମାନେ ଦୀର୍ଘ ବର୍ଷ ଧରି ଗାଈକୁ ରଖି ଖାଇବାକୁ ଦେଇଥିଲେ ସେ ଟଙ୍କା ତାଙ୍କୁ କିଏ ଦେବ ? ପ୍ରକାଶ ଥାଉକି, ୨୦୨୩ ଅଗଷ୍ଟ ୨୧ ତାରିଖ ସକାଳେ ସମୟରେ ଏମଭି ୭୯ ପୋଲିସ୍ ପେଟ୍ରୋଲିଂ ସମୟରେ ଗୋରୁ ଚାଲାଣ ହେଉଥିବା ଦୁଇଟି କଣ୍ଟେନର ଗାଡ଼ିକୁ ଧରିଥିଲେ। ଦୁଇଟି କଂଟେନରରୁ ୧୧୩ଟି ଗୋରୁ ସହ ତିନି ଜଣ ଆସାମୀ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବର୍ତମାନ ଯଦି ଆଦେଶ ଆସିଛି ଗୋରୁଗୁଡିକୁ ସଂଗ୍ରହ କରିବା ପାଇଁ ହେଲେ ଅଫିସର ମାନେ ପୋଲିସ୍ ଷ୍ଟାଫ୍ ଧରି ଯିବା କଥା, ହେଲେ ବାହାର ଲୋକ ଧରି କିପରି କଲେକ୍ସନ କରୁଛନ୍ତି। ଏଥିରେ ସନ୍ଦେହ ଉଠୁଛି ପୋଲିସ୍ ଉପରେ। ଗୋରୁ ଚାଲାଣ ଦଲାଲ୍ ଏବଂ ପୋଲିସ୍ ମଧ୍ୟରେ ରହିଛି କି କିଛି ମଧୁଚନ୍ଦ୍ରିକା ତାକୁ ନେଇ ପ୍ରଶ୍ନ ଉଠିଛି।

## ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବଲାଙ୍ଗୀର, ୨୨/୩ (ନି.ପ୍ର): ସ୍ଥାନୀୟ ଛତାମଖନା ସ୍ଥିତ ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଅଧ୍ୟକ୍ଷ ଡ. ଧନଞ୍ଜୟ ସେଠ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ସ୍ତରୀୟ ରେଡକ୍ରସ ପୁରସ୍କାର ଭୁବନେଶ୍ୱର ରାଜ ଭବନ ରେ ପୁରସ୍କୃତ ହୋଇଥିବା ଡ. ଦୈତାରୀ ପୂଜାରୀଙ୍କୁ ମାନ୍ୟଗଣ୍ୟ ଅତିଥିମାନେ ମାନପତ୍ର ତଡା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟବକ୍ତା ଭାବରେ ଜିଲ୍ଲା ରେଡକ୍ରସର ପୃଷ୍ଟପୋଷକ ସଦସ୍ୟ ବିଷ୍ଣୁ ପ୍ରସାଦ କେଡିଆ, ସମ୍ମାନିତ ଅତିଥି ଭାବରେ ଶଙ୍କର ଜୈନ ଯୋଗ ଦେଇ ଶ୍ରୀ ପୂଜାରିଙ୍କୁ ସମ୍ବର୍ଦ୍ଧନା କରିବା ସଙ୍ଗେ ସଙ୍ଗେ ରେଡକ୍ରସ ପାଇଁ ସମସ୍ତ ପ୍ରକାରର ସହଯୋଗ କରିବା ପାଇଁ ଘୋଷଣା କରିଥିଲେ। ଉକ୍ତ ସଭାରେ ବିଷ୍ଣୁ ପ୍ରସାଦ କେଡିଆ ତଥା ଶଙ୍କର ପ୍ରସାଦ ଜୈନ ପେଟ୍ରନ ମେମ୍ବର ଭାବରେ ୨୫ ହଜାର ଟଙ୍କା ଲେଖାଏଁ ଦେଇ ସଦସ୍ୟତା ଗ୍ରହଣ କରିଥିଲେ। ଘସିଏନ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜି ଅଧ୍ୟାପକ ପ୍ରହଲ୍ଲାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଡ. ପବିତ୍ର କୁମାର ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମାଳୟା ତ୍ରିପାଠୀ, ଚାରୁଲତା ମିଶ୍ର, ସୁଦାମ ଚରଣ ଖମାରୀ, ରାଧାକାନ୍ତ ସାହୁ, ପ୍ରେମାନନ୍ଦ ବିଶି, ଦୁର୍ବାଦଳୟ ମିଶ୍ର, ଦିଗାମ୍ବର ପାଣ୍ଡେ, ଦୁଃଖିଶ୍ୟାମ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଉପରେ ଭାରତୀୟ ନିର୍ବାଚନ କମିଶନଙ୍କ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୨୨/୩ (ନି.ପ୍ର): ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିଶନର (ସିଇଓ) ଭାବରେ ଜ୍ଞାନେଶ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମତଦାନ ପ୍ରକ୍ରିୟାକୁ ମୁକ୍ତ ଓ ଅବାଧ ତଥା ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ନିର୍ବାଚନ କମିଶନର ଡଃ. ସୁଖ୍ବୀର ସିଂହ ସାନ୍ଧୁ ଓ ଡଃ. ବିବେକ ଯୋଶୀ ପ୍ରମୁଖ ସହଯୋଗ କରିଛନ୍ତି। ନିର୍ବାଚନ କମିଶନ ସମସ୍ତ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛନ୍ତି । ମତଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ଏକ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ବ୍ୟବସ୍ଥା କରିଛନ୍ତି। ଏଥିରେ ରାଜନୈତିକ ଦଳ ଓ ପ୍ରମୁଖ ଅଂଶୀଦାର ତୃଣମୂଳ ସ୍ତରରେ ସାମିଲ ହେଉଥିବା ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସକାଶେ ପ୍ରାୟ ୧ କୋଟି ନିର୍ବାଚନ ଅଧିକାରୀଙ୍କ ନିରନ୍ତର କ୍ଷମତା ବୃଦ୍ଧି ପାଇଁ ଡିଜିଟାଲ୍ ତାଲିମ ବ୍ୟବସ୍ଥା କରାଯାଇଛି। ନିର୍ବାଚନ କର୍ତୃପକ୍ଷଙ୍କ ସହ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ପ୍ରାୟ ୫୦୦୦ଟି ସର୍ବଦଳୀୟ ବୈଠକ ମାଧ୍ୟମରେ ରାଜନୈତିକଦଳ ଅଂଶଗ୍ରହଣ କରିଥିଲେ। ବୈଠକରେ ଏ ପର୍ଯ୍ୟନ୍ତ କେବଳ ୮୯ଟି ପ୍ରଥମ ଅପିଲ୍ ଏବଂ କେବଳ ୧ଟି ଦ୍ୱିତୀୟ ଅପିଲ୍ ଦାଖଲ ହୋଇଛି। ୟୁଆଇଡିଏଆଇ ଏବଂ ଭାରତୀୟ ନିର୍ବାଚନ କମିଶନର ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। କମିଶନ ଦେଶବ୍ୟାପୀ ଭୋଟର ତାଲିକାରେ ଡୁପ୍ଲିକେଟ ହଟାଇବେ । ୩ ମାସ ମଧ୍ୟରେ ଏକ ଦଶନ୍ଧି ଧରି ଚାଲିଥିବା ସମସ୍ୟାର ସମାଧାନ ପାଇଁ ନିଷ୍ପରି ନେଇଛନ୍ତି। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କର୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଭୋଟର ତାଲିକା ନିୟମିତ ହେବ। ସମସ୍ତ ଯୋଗ୍ୟ ନାଗରିକଙ୍କ ଶତ ପ୍ରତିଶତ ପଞ୍ଜୀକରଣ ସୁନିଶ୍ଚିତ କରିବା, ସହଜ ମତଦାନ ଏବଂ ସୁଖଦ ମତଦାନ ଅଭିଜ୍ଞତା ସୁନିଶ୍ଚିତ କରିବା ହେଉଛି ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ଉଦ୍ଦେଶ୍ୟ। କୌଣସି ମତଦାନ କେନ୍ଦ୍ରରେ ୧୨୦୦ରୁ ଅଧିକ ମତଦାତା ରହିବେ ନାହିଁ । ମତଦାତାଙ୍କ ଠାରୁ ୨ କିଲୋମିଟର ଦୂର ମଧ୍ୟରେ ମତଦାନ କେନ୍ଦ୍ର ରହିବା ପାଇଁ ପଦକ୍ଷେପ ନିଆଯିବ। ଏପରିକି ଦୂରତମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ ବୋଲି କାର୍ଯ୍ୟାଳୟ ସୂଚନା ଦେଇଛି। ସହରାଂଚଳର ଭୋଟରଙ୍କୁ ନିର୍ବାଚନରେ ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ସକାଶେ ଆବଶ୍ୟକ ମତେ କଲୋନୀ ଅଥବା ବହୁତଳ ଅଟ୍ଟାଳିକା ପରିସରରେ ମତଦାନ କେନ୍ଦ୍ର କରାଯାଇପାରିବ ବୋଲି ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇ ଦିନିଆ ସମ୍ମିଳନୀ ମାର୍ଚ୍ଚ ୪ରେ ନୂଆଦିଲ୍ଲୀରେ ହୋଇଥିଲା । ଯେଉଁଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବୈଠକରେ ତୃଣମୂଳସ୍ତରରେ ରାଜନୈତିକ ଦଳ ଦ୍ୱାରା ଅଣାଯାଇଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରାଯିବ। ଏହି ପ୍ରକ୍ରିୟା ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଭାରତରେ ସମାପ୍ତ ହେବ । ଭାରତୀୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳଙ୍କ ଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଛନ୍ତି । ସେମାନେ ୩୦ ଏପ୍ରିଲ ୨୦୨୫ ସୁଦ୍ଧା ମତାମତ ପଠାଇ ପାରିବେ।

# ରାଜ୍ୟରେ ମହିଳା ନିର୍ଯାତନାକୁ ବିରୋଧ କରି ମାର୍ଚ୍ଚ୨୭ରେ କଂଗ୍ରେସର ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି

ମାଲକାନଗିରି, ୨୨/୩ (ନି.ପ୍ର): ରାଜ୍ୟରେ ମହିଳା ନିର୍ଯାତନାକୁ ବିରୋଧ କରି ମାର୍ଚ୍ଚ ୨୭ ରେ କଂଗ୍ରେସର ବିଧାନସଭା ଘେରାଉକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାର ରାଜ୍ୟରେ ଦିନକୁ ଦିନ ମହିଳା ନିର୍ଯାତନା, ଦୁଷ୍କର୍ମ ବଢ଼ିବାରେ ଲାଗିଛି। ଏବଂ ଏହି ସବୁକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହେଇଛି। ବିଗତ ଓ ବର୍ତମାନ ସରକାର ଅମଳରେ ପ୍ରାୟ୧୬୦୦ ରୁ ଉର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ଯାହାକୁ ନେଇ ଘୋର ଉଦବେଗ ପ୍ରକାଶ କରିଛି ଜାତୀୟ କଂଗ୍ରେସ ଦଳ । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ଶଗଡ଼ିଆ, ମାଲକାନଗିରି ଜିଲ୍ଲା ଦାୟୀତ୍ୱରେ ଥିବା ପର୍ଯ୍ୟବେକ୍ଷକ ଦ୍ୱାରିକା ମହାପାତ୍ର, ମାଲା ମାଢ଼ି, ଜି. ଶ୍ରୀନିବାସ ରାଓ, ସରୋଜ ପାତ୍ର, ପ୍ରାଣ କୃଷ୍ଣ ମଣ୍ଡଳ, ଭିମା ଓ୍ୱାରସେ, ବିନାୟକ ପାତ୍ର, ଇସାକ୍ ଖୋସଲା, ପଦ୍ମ ପାଙ୍ଗି, କେଶୁ ରାଓ, ପର୍ଶୁରାମ ଭକ୍ତ ପ୍ରମୁଖ କଂଗ୍ରେସ ନେତା ଉପସ୍ଥିତ ରହିଥିଲେ। ମାଲକାନଗିରି ଜିଲ୍ଲାର ଏମଭି ୭୨ ରେ ଦୁଇ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ଘଟଣାର ସଠିକ୍ କାରଣ ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ଦୁଇ ଛାତ୍ରୀଙ୍କ ମୃତ୍ୟୁ ଶ୍ୱାସ ରୋଧ ହୋଇ ମୃତ୍ୟୁ ହୋଇଥିବାର ପ୍ରଶାସନ କହୁଥିବା ବେଳେ କଂଗ୍ରେସ କିନ୍ତୁ ଏହା ଏକ ଗଣ ଦୁଷ୍କର୍ମ ବୋଲି ଅଭିଯୋଗ କରିଛି। ଏହି ଘଟଣାରେ ସଂପୃକ୍ତ ଏକାଧିକ ବ୍ୟକ୍ତି ଖୋଲମ୍ ଖୋଲା ବୁଲୁଥିବା ବେଳେ ଏବଂ ଏହି ଘଟଣାକୁ ଚପାଇବା ପାଇଁ ଅନ୍ୟ ଦେଶରୁ ଗ୍ରାମବାସୀଙ୍କୁ ଧମକ ଦିଆଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାକୁ ନେଇ ମାର୍ଚ୍ଚ ୨୭ ତାରିଖ ଦିନ ରାଜ୍ୟ ବିଧାନସଭା ଘେରାଉ କରିବା ପାଇଁ କଂଗ୍ରେସ ନିଷ୍ପତି ନେଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବନାଗ୍ନୀ ନିବାରଣ, ନିୟନ୍ତ୍ରଣ ଏବଂ ସଚେତନତା ସଭା ସହ ବିଶ୍ୱ ଜଙ୍ଗଲ ଦିବସ ପାଳିତ

ଜୟପୁର, ୨୨/୩ (ନି.ପ୍ର): ବନାଗ୍ନୀ ନିବାରଣ, ନିୟନ୍ତ୍ରଣ ଏବଂ ସଚେତନତା ସଭା ଓ ବିଶ୍ୱ ଜଙ୍ଗଲ ଦିବସ ଆଜି ପାଳିତ ହୋଇଛି । ଏମଏସ ସ୍ୱାମୀନାଥନ ରିସର୍ଚ ଫାଉଣ୍ଡେସନର ସମ୍ମିଳନି କକ୍ଷରେ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଆମରି ସୁରକ୍ଷା ଆମରି ହାତେ, ଜଙ୍ଗଲ ସୁରକ୍ଷା କରିବା ଯେତେ, ସୁରକ୍ଷିତ ହେଲେ ପୁରୁଣା ବନ, ସୁରକ୍ଷିତ ହେବ ଆମ ଜୀବନ ଉପରେ ସଚେତନ କରାଯାଇଛି । ଜୟପୁର ବନାଚଂଳ ଅଧିକାରି ସଚିଦା ନନ୍ଦ ପରିଡା ଙ୍କ ତତ୍ୱାବଧାନରେ ଆୟୋଜିତ କାଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ଉପାଧ୍ୟକ୍ଷ ଗଣେଷ ପାଢୀ, ଡିଏଫଓ ପ୍ରତାପ କୁମାର ବେହେରା, ଏସିଏଫ ପ୍ରଶନ୍ନ କୁମାର ମିଶ୍ର, ଏସିଏଫ ଅମିତ ପ୍ରକାଶ ନାୟକ, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଉଦୟ କୁମାର ଦାସ. ରାଷ୍ଟ୍ରପତି ପରୁସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦିପ କୁମାର ମିଶ୍ର ଉପସ୍ଥିତ ଥିଲେ । ପ୍ରଥମେ ବକ୍ତୃତା ପ୍ରତିଯୋଗତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ୪୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥଲେ । ସେଥି ମଧ୍ୟରୁ ପ୍ରଥମ ଦ୍ୱିତିୟ ତୃତିୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏସଏସଜି ମହିଳା, ବନ ସୁରକ୍ଷା ସମିତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ବେଆଇନ ଶିକାର ଠାରୁ ଦୂରେଇ ରହିବା ଉପରେ ସଚେତନ କରାଯାଇଥିଲା । ବନାଗ୍ନୀ ନିବାରଣ ନିୟନ୍ତ୍ରଣ ଏବଂ ବେଆଇନ ଶିକାର ପ୍ରତିରୋଧ ଓ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ସଚେତନ କରାଯାଇଥିଲା । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ଆମ ଜଙ୍ଗଲ ଯୋଜନାରେ ଏହି ସଚେତନତା କରାଯାଇଥିଲା । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବେଆଇନ ଶିକାର କରିବା ନାହିଁ, ଜଙ୍ଗଲ ଅମ୍ଲଜାନ ପ୍ରକୃତିର ଦାନ, ଜଙ୍ଗଲକୁ ସୁରକ୍ଷା ଦେବା ଆମର ପ୍ରାଥମିକ ଅବଦାନ ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା

କେନ୍ଦୁଝର, ୨୨/୩ (ନି.ପ୍ର): ସୂଚନା ଅଧିକାର ଆଇନ୍-୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସୁଶ୍ରୀ ଶ୍ୱେତାଲିନା ସାହୁ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କିରଣ କୁମାର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗଦେଇ (ଡିସ୍‌କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ ଉତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଂଟ ଖୋଲାଯିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ପ୍ରଶ୍ନୋତର ଅଧିବେଶନରେ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେଓଗାଁ ଚିନିକଳ ସଂଘର୍ଷ ସମିତି

ବଲାଙ୍ଗୀର, ୨୨/୩ (ନି.ପ୍ର): ଶିଶୁ ଉଦ୍ୟାନ ଠାରେ ଦେଓଗାଁ ଚିନିକଳ ପୁନରୁଦ୍ଧାର ସଂପର୍କରେ ତିବ୍ର ଆଲୋଚନା ଚକ୍ର ହୋଇଯାଇଛି। ଏହି ବିଷୟରେ ଅନେକ ବୁଦ୍ଧିଜିବି ନିଜର ମତାମତ ରଖିଥିଲେ। ଦେଓଗାଁ ଚିନିକଳର ଆବଶ୍ୟକତା ସଂପର୍କରେ ଆଲୋଚନା ହେଲା। ଏହି ବାବଦରେ ଏକ କମିଟି ଗଠନ କରାଗଲା। ଏହି କମିଟିର ମୁଖ୍ୟ ସଂଯୋଜକ ଭାବରେ ବିଭୁଦତ ମିଶ୍ରଙ୍କୁ ଦାୟିତ୍ୱ ଦିଆଗଲା। ଅନ୍ୟ ସଂଯୋଜକ ଭାବରେ ରାଜେଶ ବଗର୍ତି, ସତ୍ୟ ବନଛୋର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିପିନ କୁଶଲିଆ, ଆଶିଷ ପାଣ୍ଡେ, ସନ୍ଦିପ ବାଗ, ପଂଟୁ ସେଠଙ୍କୁ ଦାୟିତ୍ୱ ଦିଆଯାଇଛି।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୨୨/୩ (ନି.ପ୍ର): ସ୍ୱାଧୀନୋତର ଓଡିଶା ରାଜନୀତିରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଜଣେ ପରିପୂର୍ଣ୍ଣ ପ୍ରେରଣାଦାୟୀ ସଫଳ ବ୍ୟକ୍ତିତ୍ୱ। ଅନୁଗୁଳ ଗଡ଼ଜାତ ଖମାର ଅଂଚଳ କୃଷକ ପରିବାରରେ ଜନ୍ମ ହୋଇ ଚିକିତ୍ସା ସେବାକୁ ଜୀବନର ବୃତି ଭାବେ ଗ୍ରହଣ କରିଥିବା ଡାକ୍ତର ଦେବେନ୍ଦ୍ର ପ୍ରଧାନ ପରବର୍ତୀ ସମୟରେ ବିଜେପିର ବ୍ଲକ୍ ସଭାପତି ସ୍ତରରୁ ରାଜନୈତିକ କାର୍ଯ୍ୟ ଆରମ୍ଭ କରି ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ଉପସଭାପତି ଭଳି ସାଙ୍ଗଠନିକ ଦାୟିତ୍ୱ ସଫଳ ଭାବେ ନିର୍ବାହ କରିବା ସହିତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱର କେନ୍ଦ୍ର ସରକାରରେ ଭୂପୃଷ୍ଠ ପରିବହନ ଓ କୃଷି ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଫଳ ଭାବେ ନିର୍ବାହ କରିଥିଲେ। ତାଙ୍କ ସମୟରେ ଓଡିଶାର ରାଷ୍ଟ୍ରୀୟ ରାଜପଥ ନିର୍ମାଣ, ବନ୍ଦର ବିକାଶ ଓ କୃଷି ବିକାଶର ବିଭିନ୍ନ ଯୋଜନା ଓଡିଶା ପ୍ରଦେଶ ଓ ଦେଶ ପାଇଁ ସ୍ମରଣୀୟ ହୋଇ ରହିବ। ସେ ଯେତିକି ସରଳ ସେତିକି ସୁଦୃଢ଼ ଓ ସସକ୍ତ, ନୀତି ଓ ବିଚାର ନିଷ୍ଠ ଏବଂ ସଫଳ ଥିଲେ ନିଜ ଜୀବଦଶାରେ, ବୋଲି ବିଜେପିର ବରିଷ୍ଠ ନେତା ଭୁବନ ମୋହନ ଜେନା କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୁତିର ସମ୍ପାଦକ ପଣ୍ଡିତ ସର୍ବେଶ୍ୱର ମିଶ୍ର ଡାକ୍ତର ପ୍ରଧାନଙ୍କୁ ଜଣେ ପ୍ରେରଣାଦାୟୀ, ସମାଜ ମନସ୍କ ସଫଳ ରାଜନେତା ବୋଲି ଅଭିହିତ କରିବା ସହିତ ତାଙ୍କୁ ଜଣେ ଯୋଗ୍ୟ ସମାସେବୀ, ଚିକିତ୍ସକ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଜଣେ ସୁଯୋଗ୍ୟ ପୁତ୍ରର ପିତା ଭବେ ସଫଳ ବ୍ୟକ୍ତି ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାର ସଂଚାଳନ କରି ପଣ୍ଡିତ ହୃଷୀକେଶ ରଥ ତାଙ୍କ ଜୀବନର ବହୁ ଅନାଲୋଚିତ ପ୍ରସଙ୍ଗ ଆଲୋଚନା କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶ୍ରୀମଦ୍ ଭାଗବତ ଗୀତାର ପୁରୁଷୋତମ ଯୋଗ ଶ୍ରୀ ଡ. ପ୍ରସନ୍ନ ପରିଡା ପାଠ କରିଥିଲେ। ପରେ ପବିତ୍ର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶତାଧିକ ଲୋକଙ୍କ ସହିତ ପୂଜ୍ୟପୂଜା ସଂସଦର ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇ କେନ୍ଦ୍ରାପଡ଼ା ସହିତ ତାଙ୍କର ସ୍ମୃତି ରୋମନ୍ଥନ କରିଥିଲେ। ବିଜେପି ନେତା ଦୁର୍ଯ୍ୟୋଧନ ସାହୁ, ଦେବେନ୍ଦ୍ର ପ୍ରଧାନଙ୍କ ସହଯୋଗୀ ହରିଶ ଜେନା, ବିଶିଷ୍ଟ ଶିକ୍ଷକ ନେତା ଅଜୟ କୁମାର ସାମଲ, ସରୋଜ କୁମାର ମହାନ୍ତି, ପବିତ୍ର ପରିଡା, ନୀଳମଣି ସାହାଣୀ, ରୋଜାଲିନ ମହାନ୍ତି, ଧର୍ମରକ୍ଷା ସେନା ର ଉମେଶ ଦାସ ଓ ଗୋଲଖ ଚନ୍ଦ୍ର ବେହେରା, ବିବେକାନନ୍ଦ ମହାରଣା, ପଣ୍ଡିତ ଅଭୟ ସତପଥୀ, ଗୋଲକ ଚନ୍ଦ୍ର ପଢ଼ିହାରୀ, ମୁକ୍ତାର ଖାଁ, ଉମାକାନ୍ତ ଦାସ, ବିଶିଷ୍ଟ ସାମ୍ବାଦିକ ରବି ନାରାୟଣ ପତି ଓ ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଡାକ୍ତର ପ୍ରଧାନଙ୍କ ସ୍ମୃତିଚାରଣ କରିବା ପରେ ଶାନ୍ତି ପାଠ ହେଲାପରେ ଶ୍ରଦ୍ଧାଞ୍ଜଳୀ ସଭା ସାଙ୍ଗ କରାଯାଇଥିଲା।

# ବନ ବିଭାଗ ତରଫରୁ ଚମ୍ପୁଆ ଶିଶୁ ମନ୍ଦିର ପୁରସ୍କୃତ

ଚମ୍ପୁଆ, ୨୨/୩ (ନି.ପ୍ର): କେନ୍ଦୁଝର ବନ ବିଭାଗ ତରଫରୁ କେନ୍ଦୁଝର ଅଡିଟୋରିୟମ ଠାରେ ବିଶ୍ୱ ବନ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ କେନ୍ଦୁଝର ଠାରେ ବୃକ୍ଷରୋପଣ, ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ ଓ ଜନ ସଚେତନତା କ୍ଷେତ୍ରରେ ପ୍ରମୁଖ ଯୋଗଦାନ ନିମନ୍ତେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଗ୍ରହଣ କରିଥିଲେ। ଜିଲ୍ଲା ବନ ବିଭାଗ ତରଫରୁ ପୁରସ୍କାର ବାବଦକୁ ୧୦ ହଜାର ଟଙ୍କାର ଚେକ୍ ଓ ମାନପତ୍ର ପ୍ରଦାନ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟସଭା ସାଂସଦ ରାହାସ ବିହାରୀ ବାରିକ, ସମ୍ମାନିତ ଅତିଥିଭାବେ ଆସିଷ୍ଟାଣ୍ଟ କଞ୍ଜରଭେସନ ଅଫ୍ ଫରେଷ୍ଟ କେ. ନାଗରାଜନ, କେନ୍ଦୁଝର ଜିଲ୍ଲା କେନ୍ଦୁ ଲିଫ ଡି.ଏଫ.ଓ ନିତ୍ୟାନନ୍ଦ ନାଏକ ଏବଂ ଓ.ଏଫ.ଡି.ସି.ର ଡି.ଡି.ଏମ ଜେ. ପି. ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପଂଚ ଦିବସୀୟ ବିଶାଳ ଯୋଗ ସାଧନା ଶିବିର

ବଲାଙ୍ଗୀର, ୨୨/୩ (ନି.ପ୍ର): ପତଞ୍ଜଳି ପରିବାର ବଲାଙ୍ଗିର ଆନୁକୁଲ୍ୟରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ଠାରେ ଆସନ୍ତା ୨୨ ମାର୍ଚ୍ଚ ରୁ ୨୬ ମାର୍ଚ୍ଚ ମଧ୍ୟରେ ହେବାକୁ ଥିବା ବିଶାଳ ଯୋଗ ଶିବିର ଆୟୋଜନକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ କୋଶଳ କଳା ମଣ୍ଡଳ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯୋଗ ଋଷି ସ୍ୱାମୀ ରାମଦେବଜି ମହାରାଜଙ୍କ ପରମ ଶିଷ୍ୟ, ଭାରତ ସ୍ୱାଭିମାନ କେନ୍ଦ୍ରୀୟ ପ୍ରଭାରୀ, ସ୍ୱାମୀ ପରମାର୍ଥଦେବଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟରେ ପାଂଚ ଦିନ ବ୍ୟାପି ଯୋଗ, ଆସନ, ପ୍ରାଣାୟମ ଉପରେ ବିଶେଷ ପ୍ରଶିକ୍ଷଣ ଦିଆଯିବ ବୋଲି ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦାନ କରି ପ୍ରେସ ବାର୍ତା ରଖିଥିଲେ। ଆସନ୍ତା ପାଂଚ ଦିନ ବଲାଙ୍ଗୀର ଯୋଗମୟ ହେବ ବୋଲି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧା ମାଧବ ବହିଦାର କହିଥିବାବେଳେ, ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ରଘୁନାଥ ଷଡଙ୍ଗୀ ସମସ୍ତଙ୍କୁ ଯୋଗଦାନ କରିବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଯୁବ ପ୍ରଭାରୀ ଜ୍ୟୋତି ପ୍ରକାଶ ସାହୁ ସଂଯୋଜନା କରିଥିବା ବେଳେ ଯୋଗ ସମିତି ଜିଲ୍ଲା ପ୍ରଭାରୀ ଅଶୋକ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ବିରେନ୍ଦ୍ର ଅଗ୍ରୱାଲ, ମହିଳା ପ୍ରଭାରୀ ସୁଜାତା ଦିଶ୍ରୀ, ନିହାରିକା ଭଉଣି, ଶିବରାମ ପଣ୍ଡା, ରାମ ସାହୁ ପ୍ରଭୃତି ସହଯୋଗ କରିଥିଲେ।

# ପାଟଣେଶ୍ୱର ମନ୍ଦିର ଗମ୍ଭୀରା ଘର ଚୁନ ପଥର ଖସୁଛି: ଦେବାଳୟ ସୁରକ୍ଷା କମିଟି ଉପଜିଲ୍ଲାପାଳଙ୍କୁ ଦାବି ଜଣାଇଲେ

ବଲାଙ୍ଗୀର, ୨୨/୩ (ନି.ପ୍ର): ଦେବାଳୟ ଏବଂ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଜିଲ୍ଲାର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ଗର୍ଭଗୃହ ରେ ଚୁନ ପଥର ଖସୁଥିବାରୁ ଏହା ଜିଲ୍ଲା ପାଇଁ ଅଶୁଭ ସଂକେତ ଓ ଭକ୍ତଙ୍କ ମନରେ ଅଶାନ୍ତି ପ୍ରକଟ ହେଉଥିବାରୁ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ୪ ଦଫା ଦାବି ପ୍ରଦାନ କରିଥିଲେ ତଥା ଉନ୍ନତିକରଣ ପାଇଁ ଗତ ଜାନୁୟାରୀ ତା.୦୩.୦୧.୨୦୨୪ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ ହୋଇଥିଲା। ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ଅଟକଳ ୧ କୋଟି ୧୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଭକ୍ତ ଓ ଲୋକଙ୍କ ଦାବିରେ ପ୍ରଶାସନ ଡିପିଆର ପ୍ରସ୍ତୁତ କରି ମାଁ ପାଟଣେଶ୍ୱରୀ ମନ୍ଦିରର ଯଜ୍ଞ ମଣ୍ଡପ, ରୋଷେଇଶାଳା, ଭୋଗ ମଣ୍ଡପ, ସବାୟତ ପାଇଁ ବିଶ୍ରାମ ଗୃହ, ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ଓ ମୁଖ୍ୟ ଗେଟ ଡିପିଆର ରେ ସ୍ଥାନ ପାଇଥିଲା। ଏକ ବର୍ଷରୁ ଉର୍ଦ୍ଧ୍ୱ ହୋଇଯିବ ମୁଖ୍ୟ ଗେଟ ନିର୍ମାଣ କରି ଓ ମନ୍ଦିରର ପାଶ୍ୱର୍ରେ କାର୍ଯ୍ୟ ଚାଲିଥିବା ବେଳେ ଡିପିଆର ସମ୍ପୂର୍ଣ୍ଣ ବଦଳି ଯାଇଛି। ମନ୍ଦିରର ସୌନ୍ଦର୍ଯ୍ୟୋକରଣ ଅଧାପନ୍ତରିଆ ହୋଇ କାର୍ଯ୍ୟ ଚାଲିଛି। ଡିପିଆର ସମ୍ପୂର୍ଣ୍ଣ ବଦଳାଇ ଦେଇଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ହୋଇଥିଲା। ମାଁ ପାଟଣେଶ୍ୱରୀ ମନ୍ଦିର ମୁଖ୍ୟ ଗମ୍ଭିରାଘର ରେ ଚୁନ୍, ପଥର ଦେବୀ ଙ୍କ ପ୍ରତିମୂର୍ତି ଉପରେ ଖସୁଥିବା ବେଳେ ଏହା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରୁଛୁ। ମାଁ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭିରା ଘରେ ଚୁନ ପଥର ଖସୁଥିବା ବେଳେ ମରାମତି ପାଇଁ ଦାବି, ମନ୍ଦିର ନିର୍ମାଣ ୧୮୭୨ ମସିରେ ୨୦୨୫ ଯାଏ ଏ ଯାଏଁ ଗମ୍ଭିରା ଘର ମରାମତି ମରାଯାଇନାହିଁ। ଆଗକୁ ବର୍ଷା ଅଛି, ମନ୍ଦିର ବିପଦମୁଖ ଅବସ୍ଥାରେ ଏହାକୁ ମରାମତି କରିବାକୁ ଦାବି, ୨୦୨୩ ରେ ଡିପିଆର ତିଆରି ହୋଇଥିବା କାର୍ଯ୍ୟକରାଯାଉ ଆମର ଦାବି, ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତି ଅବସରେ ବଲାଙ୍ଗିର ସହରର ପ୍ରବେଶ ଦ୍ୱାରରେ ମୁଖ୍ୟ ଗେଟ ନିର୍ମାଣ କରିବା ପାଇଁ ଦାବି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ମାର୍ଚ୍ଚ ୨୦୨୫
email : rabibarachayan2015@gmail.com

# ରବିବାର ଚୟନ

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ ବେହେରା

ଭାଗ-୯୦
(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୋ ପିତା ଜନକ ମଧ ମହା ଆଡ଼ମ୍ବରରେ ଆସିଥିଲେ । ଦୀର୍ଘ ଚଉଦବର୍ଷ ପରେ ଝିଅ ଜୋଇଁଙ୍କୁ ଦେଖିବେ । ଦେଖିବେ ବଡ଼ଜ୍ୱାଇଁର ରାଜ୍ୟାଭିଷେକ । ଏହିଦିନ ମୋର ଅନ୍ୟ ତିନିଭଉଣୀଙ୍କ ଆନନ୍ଦ ଉଲ୍ଲାସ କହିଲେ ନସରେ । ତାଙ୍କ ପାଦ ମାଟିରେ ଲାଗୁ ନଥାଏ । ଘଡ଼ିକେ ପ୍ରହରକେ ସେମାନେ ଆସି ମୋତେ ନାନା ସମ୍ବାଦ ଦେଇ ଯାଉଥାନ୍ତି । ବଶିଷ୍ଠ, ବିଶ୍ୱାମିତ୍ର, ବାମଦେବ, ଜାବାଳ, କାଶ୍ୟପ, ଗୌତମ ଆଦି ସିଦ୍ଧ ମୁନିଋଷି ମାନଙ୍କୁ ଲକ୍ଷ୍ମଣ ନିମନ୍ତ୍ରଣ କରି ଆଣିଥିଲେ ଅଯୋଧ୍ୟାକୁ । ଭାଇଙ୍କ ଅଭିଷେକ ଉତ୍ସବ ପାଇଁ ସେ ସମୁଦ୍ର, ପବିତ୍ର ନଦୀମାନଙ୍କରୁ ପାଣି ସୁବର୍ଣ୍ଣ କଳସରେ ପୂର୍ଣ୍ଣ କରି ଅଣାଇଥିଲେ । ଅଭିଷେକ ଉତ୍ସବ ଦିନ, ପ୍ରଭାତର ସୂର୍ଯ୍ୟ ପୂର୍ବଦିଗକୁ ମଣ୍ଡନ କରିବା ପୂର୍ବରୁ ଅଯୋଧ୍ୟା ନଗରୀରେ ଏକତ୍ର ବାଜି ଉଠିଥିଲା ସହସ୍ର ସହସ୍ର ଶୁଭଶଂଖ । ଏହାସହିତ ଯାଜ୍ଞିକ ବ୍ରାହ୍ମଣ ମାନେ ଆରମ୍ଭ କରି ଦେଇଥିଲେ ମଂଗଳାଷ୍ଟକ । ବେଦ ଧ୍ୱନିରେ କମ୍ପି ଉଠିଥିଲା ଅଯୋଧ୍ୟା । ସୂର୍ଯ୍ୟ ଉଦୟ ହେବାପୂର୍ବରୁ ଆରମ୍ଭ ହୋଇଯାଇଥିଲା ଶୁଭ ଯଜ୍ଞାନୁଷ୍ଠାନ । ବିଶ୍ୱାମିତ୍ରଙ୍କ ଆଦେଶାନୁସାରେ ମୋର ତିନି ଶାଶୁ ମୋ ସ୍ୱାମୀଙ୍କ ଅଂଗରେ ହଳଦୀ, ଚନ୍ଦନ, ଘୃତର ପ୍ରଲେପ ଦେଇ ସବୁ ନଦୀ ସମୁଦ୍ରର ମିଶ୍ରିତ ଜଳରେ ସ୍ନାନ କରାଇ ଦେଇଥିଲେ । ସ୍ନାନାନ୍ତେ ଅଂଗ ପୋଛି ତାଙ୍କୁ ହଳଦିଆ ପାଟବସ୍ତ୍ର ପରିଧାନ କରାଇ ଦେଇଥିଲେ । ବିଭୀଷଣ ଆଣିଥିବା ନାନା ସ୍ୱର୍ଣ୍ଣାଳଙ୍କାର ପିନ୍ଧାଇ ଦେଇଥିଲେ ମୋ ପ୍ରଭୁଙ୍କୁ । ଅନ୍ୟାନ୍ୟ ରାଜାମାନେ ଆଣିଥିବା ନାନା ହୀରା, ନୀଳାର ଅଳଙ୍କାର ଖଞ୍ଜି ଦିଆଯାଇଥିଲା ତାଙ୍କ ପାଦରୁ ମସ୍ତକ ଯାଏ । ମୋତେ ସେମିତି ମୋର ତିନିଭଉଣୀ ଏକତ୍ର ମିଳି ହଳଦୀ, ଲହୁଣୀ, ଚନ୍ଦନର ପ୍ରଲେପ ଦେଇ ପୁଷ୍ପମିଶ୍ରିତ ନଦୀ ଜଳରେ ସ୍ନାନ କରାଇ ନାନା ବେଶ ପୋଷାକରେ ସଜାଇ ଦେଇଥିଲେ । ଦର୍ପଣ ଆଗରେ ମୋତେ ଛିଡ଼ା କରାଇ ଦେଇ ଶ୍ରୁତକୀର୍ତ୍ତି, ମାଣ୍ଡବୀ କହିଥିଲେ ଅପାଲୋ, ତୁ ଆଜି ଏମିତି ସୁନ୍ଦର ଦେଖାଯାଉଛୁ ଯେ ମୋର ମନେହେଉଛି ମିଥିଳାରେ ତୋ ବିବାହଦିନ ବି ତୁ ଏତେ ସୁନ୍ଦର ଦେଖା ଯାଉନଥିଲୁ । ସତେଲୋ ଅପା ତୋ ରୂପ ଆଗରେ ଆମେ ସବୁ ଚନ୍ଦ୍ର ନିକଟରେ ଖଦ୍ୟୋତ ତୁଲ୍ୟ ଦେଖାଯାଉଛୁ । ତୋର ବିବାହ ଉତ୍ସବରେ ଯେଉଁ ରାଜା, ମହାରାଜା, ଅତିଥିମାନେ ତୋତେ ଦେଖି ନଥିବେ, ସେମାନେ ଆଜି ସଂହାସନ ବେଦୀରେ ତୋତେ ଦେଖି ନୟନ ମନକୁ ସାର୍ଥକ କରାଇନେବେ ।

ତାଙ୍କ କଥା ଶୁଣି ମୁଁ ହସିହସି କହିଥିଲି ତୁମ ମାନଙ୍କର ଦୁଷ୍ଟାମୀ ଏବେବି ସେମିତି ଅଛି ମାଣ୍ଡବୀ । ବୟସ କେତେହେଲାଣି ତୁମେ କ'ଣ ଜାଣିପାରୁ ନାହଁ ।

ମୋ କଥା ଶୁଣି ମାଣ୍ଡବୀ କହିଥିଲା ତୁ ସେ ବୟସ କଥା କହନା ଅପା । ତୋର, ଆମର ଏମିତି ଆଉ କେତେ ବୟସ ହୋଇ ଯାଇଛିକି ? ସତ କହୁଛି ଅପା ତୋତେ ଯଦି ଆଜି ସ୍ୱୟଂ କନ୍ଦର୍ପ ପତ୍ନୀ ରତିବି ଦେଖିବେ, ସେ ବି ଲାଜରେ ଆଖି ବୁଜିଦେବେ ।

ଆମର ଏହି କଥୋପକଥନ ମଧ୍ୟରେ ମାତା କୌଶଲ୍ୟା ଆସି କହିଥିଲେ ଧାର୍ଯ୍ୟସମୟ ଆସି ଉପନୀତ ହୋଇଛି ସୀତା । ବଶିଷ୍ଠ, ବିଶ୍ୱାମିତ୍ର ଆଦି ମହର୍ଷିମାନେ ଯଜ୍ଞକାର୍ଯ୍ୟ ଶେଷକଲେଣି । ଏବେ ଅଭିଷେକ ଆରମ୍ଭ ହେବ । କାଳବିଳମ୍ବ ନକରି ତୁ ଯଜ୍ଞମଣ୍ଡପ ନିକଟକୁ ଆ' । ମାଣ୍ଡବୀ, ଶ୍ରୁତକୀର୍ତ୍ତି ସୀତାକୁ ଯଜ୍ଞସ୍ଥଳକୁ ନେଇଆସ । ମୋ ଶାଶୁଙ୍କ କଥା ମାନି ସେମାନେ ମୋତେ ଯଜ୍ଞମଣ୍ଡପକୁ ନେଇ ଆସିଥିଲେ । ପୂର୍ବରୁ ମୋ ପ୍ରଭୁ ସେଠାରେ ବସିଥାନ୍ତି । ମୋତେ ତାଙ୍କ ନିକଟରେ ବସିବାକୁ ମହର୍ଷି ବଶିଷ୍ଠ ଆଦେଶ ଦେଇଥିଲେ । ମୁଁ ବସିବା ପରେ ଶଙ୍ଖ ହୁଳହୁଳିରେ କମ୍ପି ଉଠିଲା ଯଜ୍ଞସ୍ଥଳ । ନାନା ବାଦ୍ୟର ଝଙ୍କାର ସାଂଗକୁ ବେଦମନ୍ତ୍ରର ଉଚ୍ଚାରଣ, ଯଜ୍ଞରେ ଆହୁତି ପ୍ରଦାନ କାର୍ଯ୍ୟ ବିଶ୍ୱାମିତ୍ରଙ୍କ ନିର୍ଦ୍ଦେଶାନୁସାରେ ଶେଷ ହେଲା । ଆମେ ସ୍ୱାମୀ ସ୍ତ୍ରୀ ବେନି ଅଞ୍ଜଳିକୁ ଏକତ୍ର କରି ଯଜ୍ଞକୁ ଚରୁ କ୍ଷେପଣ କରୁଥାଉ । କିଛିସମୟ ପରେ ଗୁରୁଦେବ କହିଥିଲେ ମହର୍ଷି ବଶିଷ୍ଠ ଆଉ ଅଳ୍ପସମୟ ପରେ ସୂର୍ଯ୍ୟ ମାଆ କୋଳକୁ ଚାଲିଯିବେ । ଯଜ୍ଞାନୁଷ୍ଠାନ ଶେଷ ହେଲା । ଏବେ ଅଭିଷେକ କାର୍ଯ୍ୟ ଆରମ୍ଭ କର ।

ପ୍ରଜାମାନେ ଏକତ୍ର ଜୟ ରଘୁକୁଳ ତିଳକ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ଜୟ ଧ୍ୱନି ଦେଇ ଅଯୋଧ୍ୟାକୁ କମ୍ପାଇ ଦେଉଥା'ନ୍ତି । ଋଷିଶ୍ରେଷ୍ଠ ବିଶ୍ୱାମିତ୍ର ଆମ ଦୁହିଁଙ୍କୁ ନେଇ ଅଭିଷେକ ସିଂହାସନରେ ବସାଇ ଦେଇଥିଲେ । ଏହାପରେ ସର୍ବ ଋଷିମାନେ ଏକତ୍ରିତ ହୋଇ ଆମ ଉପରେ ଗଂଗା, ଯମୁନା, ସରସ୍ୱତୀ ଆଦି ନଦୀର ମିଶ୍ରିତ ଜଳ ସିଞ୍ଚନ କରିବା ସହିତ ଦୁର୍ବା, ଅକ୍ଷତ, ପୁଷ୍ପଚନ୍ଦନ ସିଞ୍ଚି ଅଭିଷେକର ଶୁଭାରମ୍ଭ କରିଥିଲେ । ପୂର୍ବରୁ ଇକ୍ଷ୍ୱାକୁ ବଂଶର ରାଜାମାନେ ବ୍ରହ୍ମାଙ୍କ ନିର୍ମିତ ଯେଉଁ ରତ୍ନମୁକୁଟ ଧାରଣ କରୁଥିଲେ, ଯାହାକୁ ରାଜା ରଘୁ, ମୋ ଶଶୁର ଧାରଣ କରିଥିଲେ ସେହି ରତ୍ନମୁକୁଟକୁ ମହର୍ଷିମାନେ ପିନ୍ଧାଇ ଦେଇଥିଲେ ମୋ ସ୍ୱାମୀଙ୍କ ମସ୍ତକରେ । ମୋ ମୁଣ୍ଡରେ ମଧ ଏକ ରତ୍ନମୁକୁଟ ପିନ୍ଧାଇ ଦିଆ ଯାଇଥିଲା । ପୁଷ୍ପଚନ୍ଦନ ବୃଷ୍ଟି ହୋଇ ଯାଇଥିଲା ଆମ ମସ୍ତକରେ । ଶତ୍ରୁଘ୍ନ ଆମ ପାର୍ଶ୍ୱରେ ଛିଡ଼ା ହୋଇ ଶ୍ୱେତଛତ୍ର ଧାରଣ କରିଥିଲେ । ଲକ୍ଷ୍ମଣ ପକାଇଲେ ଶ୍ୱେତଚାମର ଆଉ ହନୁମାନ ଆମ ପାଦତଳେ ବସି ଆମ ପାଦରେ ଅଜାଡ଼ି ଦେଉଥିଲେ ନାନାପୁଷ୍ପର ସମ୍ଭାର । ବାଦ୍ୟ, ନୃତ୍ୟ, ସଂଗୀତରେ ଦୁଲୁକି ଉଠୁଥାଏ ଅଯୋଧ୍ୟା । ସେଦିନର ସେ ମୁହୂର୍ତ୍ତ, ସେ ଅଭିଷେକର ଆନନ୍ଦକୁ ମୁଁ ଭାଷାରେ ବର୍ଣ୍ଣିପାରିବି ନାହିଁ ସୁଧାମୟୀ, ପ୍ରୀତିଦା । ସେ କଥା କହୁକହୁ ଆଜି ବି ମୋ ଶରୀର ପୁଲକିତ ହୋଇ ଉଠୁଛି । ମୋ ସର୍ବାଙ୍ଗରୁ ବହି ଯାଉଛି ଗମ୍‌ଗମ୍ ହୋଇ ଘର୍ମର ଧାର ।

ଏହିଭଳି ମହାଆଡ଼ମ୍ବର, ମହାର୍ଘ୍ୟ ପରିବେଶରେ ମୋ ପ୍ରଭୁଙ୍କ ରାଜ୍ୟାଭିଷେକ ଶେଷ ହୋଇଥିଲା । ସିଂହାସନରେ ବସି, ରାଜମୁକୁଟ ପିନ୍ଧିସାରିବା ପରେ ମୋ ସ୍ୱାମୀ ଓ ମୁଁ ଦୁଇଜଣ ସିଂହାସନରୁ ଓହ୍ଲାଇ ଆସି ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ ଆଦି ମୁନିଋଷିଙ୍କୁ ପ୍ରଣାମ ଜଣାଇଲୁ । ବଶିଷ୍ଠ କହିଥିଲେ ରାମ, ଆଜି ତୁମ ସିଂହାସନ ଆରୋହଣର ପ୍ରଥମ ଦିବସ । ଆଜିର ଦିନରେ ତୁମେ ଏ ଯଜ୍ଞହବିକୁ ସାକ୍ଷୀରଖି କୁହ, ଯେତେଦିନ ପର୍ଯ୍ୟନ୍ତ ତୁମେ ଏ ସିଂହାସନରେ ବସିଥିବ, ଏହାର ମର୍ଯ୍ୟାଦା ତୁମେ ରକ୍ଷା କରୁଥିବ । ରଘୁବଂଶର ଖ୍ୟାତି ଆକାଶ ପାତାଳ ସବୁଠି ବ୍ୟାପି ଯାଇଛି । ତୁମ ବଂଶର ରଘୁ, ଦିଲ୍ଲୀପ ଆଦି ରାଜାମାନେ ଜନ୍ମଗ୍ରହଣ କରି ଏ ବଂଶର ମର୍ଯ୍ୟାଦାକୁ ସସାଗରା ଧରାରେ ବ୍ୟାପ୍ତ କରି ଦେଇ ଯାଇଛନ୍ତି । ତୁମେ ସେହି ବଂଶର ଦାୟାଦ । ତୁମେ ଆଜିର ଏହି ପବିତ୍ର ଦିନରେ ଶପଥ ନିଅ, ଏ ରାଜ୍ୟକୁ ଏ ଧରାରେ ଶ୍ରେଷ୍ଠ ରାଜ୍ୟ କରି ତୋଳିବ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍

# ଚକ୍ରବ୍ୟୂହରେ ରାଜା ଚକ୍ର

ସୁବ୍ରତ ପଟ୍ଟନାୟକ



ଚକ୍ରବ୍ୟୂହରେ ପଡ଼ିଛନ୍ତି ରାଜା ଚକ୍ର। ରାଜା ଓରଫ୍ ସୌମ୍ୟଶଙ୍କର ଚକ୍ର। ରାଜ୍ୟ କ୍ରାଇମବ୍ରାଂଚ ତାଙ୍କୁ କରିଛି ଗିରଫ। ଇଓଡବ୍ଲ୍ୟୁ ବା ଅର୍ଥନୈତିକ ଅପରାଧ ଶାଖା ଧରିଛି ୨୦୦ କୋଟି ଟଙ୍କାର ଜାଲିଆତି ଓ ହେରଫେର। ପୁଲିସ ଓ ପ୍ରଶାସନର ବାହୁଛାୟା ତଳେ ରାଜା ପାଲଟିଥିଲେ ବାଦଶାହା।

ରାଜା ଚକ୍ର କିଏ ? କଣ କରନ୍ତି ? କିଭଳି ହେଲେ ବିପୁଳ ସମ୍ପତ୍ତିର ମାଲିକ ? କ୍ରାଇମବ୍ରାଂଚ କାହିଁକି ତାଙ୍କୁ ଗିରଫ କରିଛି ? ଜନସାଧାରଣଙ୍କ ମନରେ ଏଭଳି ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ। କେନ୍ଦୁଝର ଜିଲ୍ଲାର ଏହି ବାଦଶାହା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି। ଗତ ସାତ ଆଠ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାର ଖଣି ଖାଦାନକୁ ଲୁଟି ସେ ପାଲଟିଛନ୍ତି କୁବେର। ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଘଷିପୁରା ବିଜେଡ଼ି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର। ମିଡିଆ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ କହିଛନ୍ତି - କେନ୍ଦୁଝରର ତତ୍‌କାଳୀନ ଜିଲ୍ଲାପାଳ ଆଶିଷ ଠାକ୍‌ରେ ଓ ତତ୍‌କାଳୀନ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ରାଜା ରଖିଥିଲେ ନିଜ ପକେଟରେ। ତାଙ୍କ ଇସାରାରେ କାମ କରୁଥିଲା କେନ୍ଦୁଝର ଜିଲ୍ଲା ପୁଲିସ ଓ ପ୍ରଶାସନ। ଫଳରେ ସାରା ରାଜ୍ୟରେ ବଢ଼ିଥିଲା ତାଙ୍କର ଦବ୍‌ଦବା। ମିଛ କେସରେ ଫସାଇ ସେ କୌଣସି ଲୋକଙ୍କୁ ଜେଲରେ ଠୁକାଇ ପାରୁଥିଲେ। ରାଜାଙ୍କ ଡରରେ କେନ୍ଦୁଝର ହେଉଥିଲା ଥରହର।

କେନ୍ଦୁଝର ଲୋକସଭାର ବିଜେପି ସାଂସଦ ଅନନ୍ତ ନାୟକ ମଧ୍ୟ ରାଜାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ଅତୀତରେ ଅନନ୍ତ ଜାତୀୟ ଜନଜାତି କମିସନଙ୍କ ସଦସ୍ୟ ଥିବାବେଳେ ରାଜାଙ୍କ ବିରୋଧରେ ଆଦିବାସୀ ଲୋକଙ୍କ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପାଇଁ ସେ କେନ୍ଦୁଝର ଆସିବାବେଳେ ବାଟରେ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଅଟକ ରଖାଯାଇଥିଲା। ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟରତ ଆୟୋଗ ସଦସ୍ୟଙ୍କୁ ୧୦ ମିନିଟରୁ ଅଧିକ ସମୟ ବିନା କାରଣରେ ଅଟକ ରଖାଯାଇପାରିବ ନାହିଁ। ସେଥିରେ ତ୍ରୁଟି ଘଟିଲେ, ସମ୍ପୃକ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ନିଲମ୍ବିତ କରାଯାଇପାରିବ। ସାଂସଦ ଅନନ୍ତ ଏଭଳି ଅଭିଯୋଗ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଜନଜାତି ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କାକୁ ରାଜା ଓ ସରକାରୀ କଳ ମିଳିମିଶି ଚଳୁ କରୁଥିଲେ। ୨୦୨୫ ଫେବୃଆରୀ ୭ ତାରିଖରେ କେନ୍ଦୁଝରର ଜଣେ ଜନସାଧାରଣ ରାଜାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଗିରଫଦାରୀରୁ ମୁକୁଳିବା ଉଦ୍ଦେଶ୍ୟରେ ରାଜା ହାଇକୋର୍ଟରେ ଆଗୁଆ ଜାମିନ ଲୋଡ଼ିଥିଲେ। ହାଇକୋର୍ଟ ତାଙ୍କୁ ଗିରଫରୁ ମାସଟିଏ ମହଲତ ପ୍ରଦାନ କରିଥିଲେ। ଏହି ସମୟ ଗଡ଼ିଯିବାପରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା କ୍ରାଇମବ୍ରାଂଚ ଆଡିସନାଲ ଡିଜି ବିନୟତୋଷ ମିଶ୍ର, କ୍ରାଇମବ୍ରାଂଚ ଆଇଜି ଡାକ୍ତର ସାର୍ଥକ ଷଡ଼ଙ୍ଗୀ ଓ ଏସଟିଏଫ ଡିଆଇଜି ପିନାକ ମିଶ୍ର ଆମକୁ ସୂଚନା ଦେଇଛନ୍ତି।

ରାଜା ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଏଣ୍ଡ ଟ୍ରାନ୍ସପୋର୍ଟିଂ କୋପରେଟିଭ୍ ସୋସାଇଟି, ଶଙ୍କର ମିନେରାଲ, ଶଙ୍କର ରୋଡ଼ୱେଜ୍, ଶଙ୍କର ପ୍ରୋଜେକ୍ଟସ ଭଳି କମ୍ପାନୀ କାମ କରୁଥିଲା। ମାମଲା ରୁଜୁ ହେବାର ପରଦିନ ଅର୍ଥାତ ଗତ ୮ ତାରିଖରେ କ୍ରାଇମବ୍ରାଂଚ ପୁଲିସ ରାଜାଙ୍କର ୨ଟି ସ୍କ୍ରିନିଂ ପ୍ଲାଣ୍ଟ, ୪୨ଟି ଦାମି ଗାଡ଼ି, ୨୫ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଂଟ ଜବତ କରିଛି। ପ୍ରାୟ ୫୦କୋଟି ଟଙ୍କା ଠକେଇର ପ୍ରମାଣ କ୍ରାଇମବ୍ରାଂଚ ପାଇଛି। ଏଙ୍କେ ଆଉ ଶହେ କୋଟି ଟଙ୍କା ଠକେଇର ଯାଂଚ ଖୋଳତାଡ଼ ଚାଲିଛି। ୨୦୧୨ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜାଙ୍କ ଏଜେନ୍ସିର କୌଣସି ଅଡିଟ୍ ହୋଇନାହିଁ। ଗନ୍ଧମାର୍ଦ୍ଦନ ଲୋଡ଼ିଂ ସୋସାଇଟିର ଲାଭାଂଶ ୧୧ଟି ଆଦିବାସୀ ବହୁଳ ଗ୍ରାମର ବିକାଶ କ୍ଷେତ୍ରରେ ବିନିଯୋଗ କରାଯିବା ସ୍ଥିର ହୋଇଥିଲା। ମାତ୍ର ସେସବୁ ଗ୍ରାମରେ ଟଙ୍କାଟିଏ ବି ଖର୍ଚ୍ଚ ହୋଇନଥିଲା। ସେଠାକାର କେତେକ ବାହୁବଳି ଲୋକଙ୍କ ପକେଟ ଗରମ କରି ଗ୍ରାମବାସୀଙ୍କୁ ଚୁପ୍ କରାଯାଇଥିଲା। ୧୧ଟି ଗ୍ରାମର ଉନ୍ନତି ଲାଗି ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କାଗଜପତ୍ରରେ ଦର୍ଶାଯାଇଥିଲା। ବାସ୍ତବରେ ଟଙ୍କାଟିଏ ବି କାମରେ ଲଗାଯାଇନାହିଁ। ୮୦ କୋଟି ଟଙ୍କା ଶ୍ରମିକ ଦେୟ ମଜୁରୀର କୌଣସି ହିସାବ ମିଳୁନାହିଁ। ପଣ୍ଡାପଡ଼ାରେ ଥିବା ମା କାଳୀ ପେଟ୍ରୋଲ ପମ୍ପକୁ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଏଜେନ୍ସିରୁ ପ୍ରାୟ ୧୦ କୋଟି ଟଙ୍କା ଦିଆଯାଇଛି। ଆଶ୍ଚର୍ଯ୍ୟର ବିଷୟ କେବଳ ରାଜାଙ୍କ ଗାଡ଼ିରେ ତେଲ ଭରାଯାଇଛି। ଅନ୍ୟମାନଙ୍କ ଗାଡ଼ିରେ ଲିଟରେ ବି ତେଲ ପଡ଼ିନାହିଁ। ୨୦୧୭ ମସିହାରୁ ୨୦୨୪ ମସିହା ମଧ୍ୟରେ ଗନ୍ଧମାର୍ଦ୍ଦନ ଲୋଡ଼ିଂ ସୋସାଇଟିକୁ ୧୮୫ କୋଟି ଟଙ୍କା ଆସିଛି। ରାଜା ଚକ୍ର ଏହି ସୋସାଇଟିର ସଦସ୍ୟ ନଥିଲେ ସୁଦ୍ଧା ତାଙ୍କ ଇସାରାରେ ସବୁ ଟଙ୍କା ଉଠାଇ ନିଆଯାଇଛି। କେବଳ ରାଜନୈତିକ ପ୍ରଭାବ ବିସ୍ତାର ଲାଗି ୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଏଥିରେ ରାଜାଙ୍କ ଭାଗ କେତେ, ଏସ୍‌ପି, କଲେକ୍ଟର, ୫ଟି ସଚିବଙ୍କ ଭାଗ କେତେ ତାହା ଆମକୁ ଅଜଣା। ବିଜେଡ଼ି ସୁପ୍ରିମୋ ତଥା ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ବାବଦରେ ସୁରାକ୍ ପାଇଛନ୍ତି କି ନା, ତାହା କହିବା ମୁସ୍କିଲ। ଆଇଏଏସ ପ୍ୟାରୀମୋହନ ମହାପାତ୍ରଙ୍କ ପରେ, ଆଇଏଏସ୍ ଭିକେ ପାଣ୍ଡିଆନଙ୍କ ହାତରେ ଦଳ ଓ କଳର ରିମୋର୍ଟ ଥିବା ଆମେ ଶୁଣିଚେ। ଏକଥା କେତେ ସତ, ତାର ସଠିକ୍ ଉତ୍ତର କେବଳ ନବୀନ ପଟ୍ଟନାୟକ ହିଁ ଦେଇପାରିବେ। ମାତ୍ର ସେ ଚିରକାଳ ମୌନ ସନ୍ୟାସୀ।

ଜଣେ ସ୍ତମ୍ଭକାର ଭାବେ ଆମେ ଏତିକି ଜାଣୁ ଯେ, ସମଗ୍ର କେନ୍ଦୁଝର ଜିଲ୍ଲାରେ ରାଜା ଚକ୍ରଙ୍କର ବେଶ୍ ପ୍ରଭାବ ଥିଲା। ବିଜେଡ଼ି ଟିକେଟରେ ନିର୍ବାଚନ ଲଢ଼ିବାକୁ ସେ ଆଶାୟୀ ଥିଲେ। ସେଥିପାଇଁ ଆଇଏଏସ୍ ଆଶିଷ ଓ ଆଇପିଏସ୍ ମିତ୍ରଭାନୁ ଚଳାଇଥିଲେ ନିଜର କସରତ। ରାଜା ଯାହାଙ୍କୁ ଆଙ୍ଗୁଠି ଦେଖାଉଥିଲେ, ପୁଲିସ ତାଙ୍କୁ ବାନ୍ଧି ନେଉଥିଲା। ବର୍ଷ କେଇଟାରେ ରାଜା ଏତେ କ୍ଷମତାଶାଳୀ ହେଲେ କିପରି ? ଏହାର ରହସ୍ୟ ଜାଣିବାକୁ ହେଲେ ଆମକୁ ଟିକେ ପଛକୁ ଫେରିବାକୁ ପଡ଼ିବ। ଅତୀତରେ ରାଜା ଚକ୍ର ଥିଲେ ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣଙ୍କ ଗେଲବସରିଆ ଛୁଆ। ରାମଚନ୍ଦ୍ରପୁର ଓ ଘଷିପୁରାରେ ସେ ସଜାଡୁଥିଲେ ବଦ୍ରୀଙ୍କ ଭୋଟ ବ୍ୟାଙ୍କ। ପରେ ବଦ୍ରୀଙ୍କ ପୁଅ ସେସବୁ କାର୍ଯ୍ୟ ନିଜ ନିୟନ୍ତ୍ରଣକୁ ଆଣିଲେ। ପରବର୍ତ୍ତୀ ସମୟରେ ବିଜେଡ଼ିରେ ବଦ୍ରୀଙ୍କୁ କୋଣଠେସା କରିବାକୁ ରାଜାଙ୍କୁ ବ୍ୟବହାର କରାଗଲା। ବଦ୍ରୀ ନାରାୟଣ ଦଳୀୟ ସ୍ତରରେ ରାଜାଙ୍କ ବିରୋଧରେ ଗୁପ୍ତ ରିପୋର୍ଟ ଦେଇଥିଲେ ବି ତାକୁ ଅଣଦେଖା କରାଗଲା। ଫଳ ଏୟା ହେଲା- ଲୋକସଭା ଓ ବିଧାନସଭାରେ ବିଜେଡ଼ି ଶୋଚନୀୟ ଭାବେ ହାରିଲା। କେନ୍ଦୁଝର ସାଂସଦ ପଦ ବିଜେପିର ଅନନ୍ତ ନାୟକ ହାତେଇଲେ। କେନ୍ଦୁଝର ଜିଲ୍ଲାର ୬ଟି ବିଧାନସଭା ଆସନରୁ ବିଜେପି ଖାତାକୁ ୩ଟି ଓ ବିଜେଡ଼ି ଖାତାକୁ ୩ଟି ଆସନ ଗଲା। ୨୪ ବର୍ଷ ରାଜୁତି କରିଥିବା ନବୀନଙ୍କ ଦଳ ମାଟି ଚାଟିଲା। ଓଡ଼ିଶାବାସୀଙ୍କୁ ଚମକାଇ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀଙ୍କୁ କରାଗଲା ଓଡ଼ିଶାର ବିଜେପି ମୁଖ୍ୟମନ୍ତ୍ରୀ। ସମଗ୍ର ରାଜ୍ୟରୁ ଦୁର୍ନୀତି ହଟାଇବାକୁ ସେ ନେଇଛନ୍ତି ବଜ୍ର ଶପଥ। ସେଥିଲାଗି ତାଙ୍କୁ ଆମର ଅଶେଷ ଅଭିନନ୍ଦନ।

ତେବେ, ଆମେ ଜଣାଇ ଦେବାକୁ ଚାହୁଁ, କେନ୍ଦୁଝର ଜିଲ୍ଲାରେ ଏକାଧିକ ରାଜା ଚକ୍ରଙ୍କର ଆବିର୍ଭାବ ଘଟିଛି। ଏହି ଉପାୟରେ ସେମାନେ ଦଶନ୍ଧି ଦଶନ୍ଧି ଧରି କୋଟି କୋଟି ଟଙ୍କା ଲୁଟୁଛନ୍ତି। କେନ୍ଦୁଝର ଜିଲ୍ଲା ଓରାଳିରେ ବେଆଇନ୍ ଓ ଜାଲିଆତି ଉପାୟରେ ସୂର୍ଯ୍ୟ ନର୍ସିଂ କଲେଜ ଓ ସୁବାସଚନ୍ଦ୍ର +୨ ସାଇନ୍ସ କଲେଜ ଖୋଲିଛି। ମିଥ୍ୟା ଚାକିରିର ଲୋଭ ଦେଖାଇ ଶହ ଶହ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଛି। ମୋହନ ସରକାର ଗାଦିକୁ ଆସିବାର ୧୧ମାସ ବିତିଥିଲେ ମଧ୍ୟ ଲୁଟିଆଙ୍କ ବିରୋଧରେ କୌଣସି ଠୋସ୍ କଦମ୍ ନିଆଯାଇନାହିଁ। ଏବେ ପଡ଼ିଛି ରାଜା ଚକ୍ରଙ୍କ ପାଳି। ଦେଖାଯାଉ, କ୍ରାଇମବ୍ରାଂଚ ଏହି ଓଜନିଆ ରୋହିମାଛକୁ ଜାଲରେ ଠିକ୍ ଭାବେ ଧରୁଛନ୍ତି ନା ଧରିବାପରେ ପୁଣି ପାଣିରେ ଛାଡ଼ି ଦେଉଛନ୍ତି ? ହେଉ, ଆଜି ଏତିକି। ଜୟ ଜଗନ୍ନାଥ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...



### କିଏ ?
**ଅଜୟ ସ୍ୱାଇଁ**

କିଏ ଆଉ ଫେରେଇ ପାରିବ
ଗଲାପୁତ୍ରକୁ ?
ଆକାଶ ଗଙ୍ଗାରୁ ଖସି କୋଉଠି
ନିଖୋଜ ହୋଇ ସାରିଥିବା
ଉଜ୍ଜଳ ନୀଳ ନକ୍ଷତ୍ରକୁ ?

ଖାଲି ଗୀତରେ... ଗପରେ
ଖୋଜା ଚାଲିଚି...
ଖାଲି ଅଳସପଣରେ
ନୀଳପତ୍ରରେ ଖୋଜା ଚାଲିଚି
ସକାଳର ଝଲମଲ
କାକର ଟୋପା ।

ମିଛ ପ୍ରେମର ବାହାନା ହୋଇ
କେବଳ ଦିଶୁଛି ଅହଂକାର ।
ପୁଳେ ଅପଚରା, ଅସ୍ଥିର ଅକ୍ଷରଂକୁ
ପୁଞ୍ଜିକରି ଗଢା ହେଉଛି କବିତା...
କିଏ ଫେରେଇ ପାରିବ
ନିଜର ବାସ୍ନା କବିତାକୁ...
ଶବ୍ଦର ନହିନାଡରେ
ଭରିଦେବ ରକ୍ତର ଉଷୁମ ସଂଜୀବନୀ ?
କିଏ ?

♥ ଭୁବନେଶ୍ୱର
(ମୋ) ୯୧୭୮୫୫୮୫୦୮

### ମୁହୂର୍ତ୍ତେ ବଂଚିବା ପାଇଁ
**ଯାଦବେନ୍ଦ୍ର ସାହା**



ପ୍ରିୟତମା !
ଆଜିକାଲି ଏବେ ତୁମେ ଅଛ କେଉଁଠି,
ବିଳାସପୂର୍ଣ୍ଣ ତୁମ ରାଜଉଆସର ଚାକଚକ୍ୟ
ଅଟ୍ଟାଳିକାରେ
ନା ଆଉ ପୁଣି କାହା ମାୟା କି ମୋହରେ ?

ତୁମ ସହ ମୋର ବହୁଦିନ ହେଲା
ଭେଟ ହୋଇ ନାହିଁ
ଥରେ ହେଲେ ବୁଲି ଆସ ଆମଘର ଆଡେ
ହେଲେ, ନିଶ୍ଚିତ ରୁହ ଯେ'
ମୁଁ ପ୍ରେମର କଥା କହିବିନି କି
କି ଓଠରେ ଓଠ ଯୋଡି
ଦେହରେ ଦେହ ମିଶାଇ
କେମିତି ଗାଇବାକୁ ହୁଏ ଗୀତ...

ବରଂ ମୁଁ ତୁମକୁ ଦେଖାଇ ଦେବି
ତୁମର ସେଇ ରାଜଉଆସ ପଛପଟେ
ବୁଢୀଟିଏ ଭୋକ ଉପାସରେ ରହିରହି
କେମିତି ଗତକାଲି ଅସମୟରେ ଗଲାମରି
ତୁମ ଉଆସ ପଛପଟ ଗଳିରେ

ଶେଷ ମୁଣ୍ଡେ ରହୁଥିବା ବଇଠାରୁ
ଦାଦନ ଖଟିବାକୁ ଗଲା
ତିନିମାସ ପାଇଁ ଯେ'...

ଆଉ ଘରକୁ ଫେରିବା ହେଲାନି !
ତମ ଘରେ ହଳିଆ ଥିବା
ସେ ମଙ୍ଗଳୁ ମାଝୀର
ଅବସ୍ଥା କ'ଣ ହେଲା ହାଇଦ୍ରାବାଦରେ
ବନ୍ଧା ପଡ଼ିଥିବା କଣ୍ଟ୍ରାକ୍ଟର ପାଖରେ...
ଜାଣିଛ ?

ଆସ ପ୍ରିୟତମା !
ମୁଁ ତୁମକୁ ଭଲଭାବେ ଦେଖାଇଦେବି
ମକାରୁ ବଡୁର ନ ବଢିଲା ଝିଅକୁ
ଏଇ ଗତ କିଛି ମାସ ତଳେ
ସେଇ ଘୋର କଳାରାତିରେ,
ତୁମ ଉଆସର
କେଉଁ ଗୋଟାଏ ଅନ୍ଧାରୀ କୋଣରେ
କ 'ଣ ସବୁ ଘଟିଗଲା ତା' ସହ ?
ଥରୁଟିଏ ଖାଲି ହେଲେ ଆସ,

ତୁମର ମୂଲ୍ୟବାନ କିଛି ସମୟକୁ ଅଳିଆ
ଗଦାରେ ଫିଙ୍ଗି ଦେଇ
ଆମ ଘର ଆଡ଼କୁ ବୁଲି ଆସ ଥରେ...

ତୁମର ସେଇ ବିଳାସପୂର୍ଣ୍ଣ ରାଜଉଆସ ଭୁଲି
ମୁଁ ତୁମକୁ ଠିକଠିକ ଦେଖାଇ ଦେବି...
ମରିମରି କେମିତି ଜୀଇଁବାକୁ ହୁଏ
ପୁଣି, ସେଇ ମୁହୂର୍ତ୍ତ ଟିକକ ଜିଇଁଯିବା ପାଇଁ
ମଣିଷମାନଙ୍କୁ କେମିତି
ପ୍ରତି ମୁହୂର୍ତ୍ତରେ ମରିବାକୁ ହୁଏ ।

♥ କେସିଙ୍ଗା, କଳାହାଣ୍ଡି
(ମୋ) ୯୯୩୮୭୧୧୦୫

### ପସରା ବିକୁଥିବା ଝିଅ
**ଐଶ୍ୱର୍ଯ୍ୟା ପ୍ରଧାନ**



ବଡ଼ି ଭୋରରୁ ଖୋଜେନା ସିଏ
ଚନ୍ଦ୍ରାଲୋକର ଛାଉଣୀରେ ଦେଖିଥିବା
ସ୍ୱପ୍ନ ମାନଙ୍କର ସତ୍ୟତା
ସେ ବୁଣିଥିବା ସ୍ୱପ୍ନ ତ ବନ୍ଧା ପଡ଼ିଛି
ଭାଗ୍ୟ ପାଖରେ
ତା'ର କ'ଣ ମନ ହୁଏନା
ଭଲ ଟିକେ ପିନ୍ଧିବାକୁ, ଖାଇବାକୁ
ଇଚ୍ଛା ହେଉଥିବ ନିଶ୍ଚୟ
ସେ କିନ୍ତୁ, ନିଜ ଅକ୍ତିଆରରେ ରଖେ
ଇପ୍ସିତ ଇନ୍ଦ୍ରିୟମାନଙ୍କୁ ।

ସେ କବାଟ ବନ୍ଦକରି ଦିଏ
ତା ମନ ଝରକାର
ଆଉ ଭଙ୍ଗା ବଂଶୀର ରନ୍ଧ୍ରରେ
ଖୋଜେ ଜୀବନର ସୁର


ସତରେ କେତେ ବିବଶ ସେ
ଜାଣିଛି ବାଜିବନି କେବେ ସେ ବଂଶୀ
କିନ୍ତୁ ତା ମନରେ ଅଦ୍ଭୁତ ଲିପ୍ସା
ସୁପ୍ତ ଜିଜ୍ଞାସା ହଠାତ୍ ଜାଗ୍ରତ ହୋଇଉଠେ
ହେଲେ ଦୂର ଦୂର ପର୍ଯ୍ୟନ୍ତ କେବଳ
ମରୀଚିକା ।

ତା ଭରସା ତାର ସର୍ବସ୍ୱ
ସେଇ ପସରା
କେବେ ଚେନାଏ ହସର ଧାର
ତା ଶୁଷ୍କ ଓଠରେ
ପୁଣି କେବେ ନିରାଶା
ଛଳଛଳ ଆଖି ଦ୍ୱୟରେ
ପସରା ଉପରେ ହିଁ ତ ନିର୍ଭର

ତା'ର ଭୋକ,ଶୋଷ,ଭବିଷ୍ୟତ
ଦିନସାରା ବୋହି ଚାଲେ ବୋଝକୁ
କେବେ ଦେହର, କେବେ ମନର
ଥକି ପଡେନା ସିଏ
ତା ପରିସ୍ଥିତି ଆଗରେ
ମୁଣ୍ଡରେ ବୋହି ଥିବା ଓଜନ
ଭାରି ହାଲୁକା ଲାଗେ ତାକୁ ।

♥ ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା
କଳାହାଣ୍ଡ

### ସେ
**କମଳା କୃଷ୍ଣ ତ୍ରିପାଠୀ**



ସେ ସେଇଠି ଥାଏ
ଏଇଠି ବି ଠାଏ ।
କଥାରେ ବି କବିତାରେ ବି ସେ ।
ପ୍ରଗଲ୍‌ଭରେ ସେ, ନିରବତାରେ ବି ସେ ।

ମନ୍ଦିର, ମସଜିଦ୍ ଗୁରୁଦ୍ୱାର ଚର୍ଚ୍ଚ
ଯୋଉଠି ଦେଖିବ ସେ ।
ଏଇ ମୁହର୍ତ୍ତ ମାଟିରେ ଥାଏ ତ
ପଲକ ନ ହଟାଉଣୁ ସେ ପହଂଚି ଯାଇଥାଏ
ଆକାଶରେ ।

ଭିତରସାରା ଅନ୍ଧାର, ବାହାର ସମ୍ପୂର୍ଣ୍ଣ ଆଲୁଅ
ଧାଡିର ଆରମ୍ଭରେ ସେ, ଶେଷରେ ବି ସିଏ ।

ମୋ ଦଳ, ତମ ଦଳ ତା' ଦଳ
ଯୋଉଠି ଦେଖିବ ତା' ଉପସ୍ଥିତି ।
ସବୁ ସଂଖ୍ୟାର ବନ୍ଧନୀ ଭିତରେ ତ ଥାଏ
ବାହାରେ ବି ଥାଏ ସେ !

ଯୁଦ୍ଧ ଆରମ୍ଭରେ ସେ ଝିମିଟି ପରି
ଶାନ୍ତିର ଶେଷରେ ସେ ସୁଦର୍ଶନ ପରି
ଖାଁ ଖାଁ ଅଶାନ୍ତି ଗହଣରେ ବି ସେ ହିଁ
ଠିଆ ହେଇଥାଏ ବେଲାଳସେନ ପରି ।
କେବେ ଛାତିଏ ସୁଖରେ ପହଁରି
ଆକଟ କରିଥାଏ ସ୍ୱର୍ଗକୁ

କେବେ ଉବୁଟୁବୁ ହେଇ ଦୁଃଖର ବନ୍ୟାରେ
ପଟୁମାଟିକୁ ଶୁଣାଉଥାଏ
ନର୍କର ଅନୁଭବ !!

ସେ କ'ଣ ବିଶ୍ୱରୂପୀ ନା ବହୁରୂପୀ
ନା ମିଛ ଭାବ ପରସି ପରସି
ଗହଗହ ମିଛ ପାଲଟି ଯାଉଥିବା
ମିଛ ଅନୁଭବି !

♥ ଗବେଷକ,
କୋରାପୁଟର ସାହିତ୍ୟ ଓ ସଂସ୍କୃତି,
ସୃଜନୀ ନିଳୟ,
ପୁରୁଷୋତ୍ତମ ନଗର, ଲିଙ୍କରୋଡ,
ଜୟପୁର,(କୋରାପୁଟ)
(ମୋ) ୯୯୩୭୦୧୪୮୬୩

# ସାହିତ୍ୟକୁ ଆଧାର କରି ଭାଷାକୁ ସଂକଟ ମୁକ୍ତ କରାଯାଇ ପାରିବ, କିନ୍ତୁ ସାମୂହିକ ଭାଗୀଦାରୀ ଜରୁରୀ : ରବି ପଣ୍ଡା

**ରବି ପଣ୍ଡା**
ଓଡଆ ସାହିତ୍ୟ ଜଗତରେ ଜଣେ ଅନୁଭବୀ କଥାକାର । ବିଗତ ତିନିଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସେ ଓଡିଆ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଯଥା ଗଳ୍ପ, କବିତା ଓ ଅନୁବାଦ କ୍ଷେତ୍ରରେ ଲେଖନୀ ଚାଳନା କରି ସେ ପ୍ରଦର୍ଶିତ କରିସାରିଛନ୍ତି ସ୍ୱକୀୟ ପାରଦର୍ଶିତା । ସମ୍ପାଦନା ସହ ଭାବଗମ୍ଭୀର କଥାବସ୍ତୁ ଓ ତାର ନିଆରା ଉପସ୍ଥାପନା ହିଁ ତାଙ୍କର ବିଶେଷତ୍ୱ । 'କୃତି' ଅପେକ୍ଷା 'ବ୍ୟକ୍ତି'ର ପ୍ରତିଷ୍ଠା, ପତିଆରା ଆଜି ପ୍ରମୁଖତା ପାଉଛି ବୋଲି ପୁରସ୍କାର ପ୍ରତି ଏକ ନକରାତ୍ମକ ଧାରଣା ସୃଷ୍ଟି ହୋଇ ଚାଲିଛି ବୋଲି କହୁଥିବା କଥାକାରଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **ଅଳ୍ପରେ ରବି ପଣ୍ଡା**



ନାମ : ରବିନାରାୟଣ ପଣ୍ଡା
ପିତା : ଶ୍ରୀଯୁକ୍ତ ମଦନମୋହନ ପଣ୍ଡା
ମାତା : ସାବିତ୍ରୀ ପଣ୍ଡା
ଜନ୍ମ : ୦୯.୦୭.୧୯୫୭
(ଜାତକ– ୯ ଜୁନ୍ ୧୯୬୦)
ଜନ୍ମସ୍ଥାନ : ଗ୍ରାମ- ଥାଲକୁଡ଼ି, ପୋ/ ଥା: ମଙ୍ଗଳପୁର
ଭାୟା– ଦଶରଥପୁର
ଜିଲ୍ଲା- ଯାଜପୁର, ପିନ୍-୭୫୫୦୧୧
ବର୍ତ୍ତମାନର ଠିକଣା : ପ୍ଲଟ୍ ନଂ ୯/୩୫୩୪, କପିଳପ୍ରସାଦ, ଭୁବନେଶ୍ୱର-୭୫୧୦୦୨
(ମୋ) ୯୪୩୭୨୭୫୮୦୮/ ୭୦୦୮୭୬୬୨୫୦

**ପ୍ରକାଶିତ ପୁସ୍ତକ:**

**ଗଳ୍ପ–**
୧. ଶୂନ୍ୟାରୋହଣ
୨. ପାଦ ତଳର ପୃଥିବୀ
୩. ରବି ପଣ୍ଡାଙ୍କ ଏକାବନ ଛୋଟଗପ
୪. ଖରାରେ ଠିଆହୋଇଥିବା ଲୋକ
୫. କୁଆଡ଼େ ଗଲା ପ୍ରମୋଦ
୬. ଜହ୍ନ ତଥାପି
୭. ଗଛ ଓ ଅନ୍ୟାନ୍ୟ ଗଳ୍ପ
୮. ହେନାଫୁଲର ବାସ୍ନା
୯. କେମିତି ବଦଳିଯାଏ ମଣିଷ
୧୦. ଶୋକର ଶିଳାଲିପି
୧୧. ପୁନଶ୍ଚ ପୃଥିବୀ

**କବିତା–**
୧. ଛାଇ ଘର

**ଅନୁବାଦ–**
୧. ମୃଗନୟନୀର ଦୁନିଆଁ
୨.ବବୁଲର ବୀରତା
୩. ଅଲୁ

**ସଂପାଦନା–**
୧.ରକ୍ତ ରାଗିଣୀ (ଉତ୍ତର ଆଧୁନିକ କବିତାର ଏକ ବୃହତ ସଂକଳନ)
୨.ଅଶୀ ଉତ୍ତର ଗଳ୍ପ
୩.ସଂପର୍କ (ସାହିତ୍ୟ ପତ୍ରିକା)
୪.ମୈନାକ (ମୈନାକ ସାହିତ୍ୟ ସଂସଦ ସାହିତ୍ୟ ପତ୍ରର ବାର୍ଷିକ ସଂକଳନ)
୫.ନୀଳତରଙ୍ଗ (ଓଡ଼ିଆ ସାହିତ୍ୟ ଏକାଡେମୀ ଆୟୋଜିତ କବିତା ପାଠୋତ୍ସବର-୨୦୧୨ (କବିତା ସମଗ୍ର)

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ସଚେତନ ଭାବେ ମୋର ଲେଖା ଲେଖି ଆରମ୍ଭ କରିବାର ପୃଷ୍ଠଭୂମିଟି ଅତ୍ୟନ୍ତ ବିଡ଼ମ୍ବିତ ଓ ବେଦନାଦାୟକ । ଆଦ୍ୟ କୈଶୋରରେ ଜଣେ ଚିତ୍ରଶିଳ୍ପୀ ହେବା ଓ ଯୌବନରେ ଜଣେ ଅଭିନେତା ହେବାର ଦୂରନ୍ତ ଅଭିଳାଷ ଅସରନ୍ତି ଅବସୋସରେ ପରିଣତ ହୋଇଗଲା ପରେ ମୋର ଅବରୁଦ୍ଧ ଆବେଗ ଓ ଆକୁଳତା ହୁଏତ ଗୋଟେ ପୀଡ଼ାମୁକ୍ତିର ମାର୍ଗ ଖୋଜୁଥିଲା । ବ୍ୟକ୍ତିଗତ ଜୀବନର ଦୁଃଖ, ନୈରାଶ୍ୟ ଓ ନିର୍ଘାତ ସଂଘାତର ଅସହ୍ୟ ଅନୁଭବ ଅଭିବ୍ୟକ୍ତିରେ ପରିଣତ ହୋଇଗଲେ, ଆଶ୍ୱାସନାର ମାର୍ଗ ଉନ୍ମୋଚିତ ହୁଏ। ସେହିପରି ସମ୍ଭାବନାଟି ମୁଁ ଲେଖାଲେଖି ଭିତରେ ଦେଖିଲି ଓ ଲେଖାମନସ୍କ ହେଇଗଲି । ସାହିତ୍ୟ ମୋ ପାଇଁ ପୀଡ଼ାମୁକ୍ତିର ମାର୍ଗ ପାଲଟିଗଲା ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋ ପ୍ରେରଣାର ପ୍ରେରକ ଉତ୍ସ ପ୍ରେମ । ପ୍ରେମ ମନସ୍କତା ହିଁ ସୃଜନର ପୃଷ୍ଠଭୂମି ତିଆରି କରେ । ସମୟ କ୍ରମେ ତାହା ଆତ୍ମ ପ୍ରେରଣାରେ ପରିବର୍ତ୍ତିତ ହୋଇଥାଏ । ଆତ୍ମ ପ୍ରେରଣା ନହେଲେ କେହି କାହାରି ହାତଧରି ଲେଖାଇ ଦିଅନ୍ତା ନାହିଁ । କୈଶୋର ଜୀବନଟି ମୋର ପାଠ ମନସ୍କତା ଠାରୁ ନାଟ, ତାମ୍ସା ଚିତ୍ର ପ୍ରତି ଆକୃଷ୍ଟ ଅଧିକ ଥିଲା। ଷଷ୍ଠ ସପ୍ତମ ଶ୍ରେଣୀଠାରୁ କାବ୍ୟ କବିତା ପଢ଼ିବା, ବୋଲିବା ପୁଣି ମନରୁ ଫାନ୍ଦି ଗାଇବାରେ ରୁଚିଥିଲା । ବିଶେଷତଃ ହାଇସ୍କୁଲ ପାଠ୍ୟକ୍ରମରେ ଥିବା ସାହିତ୍ୟ ବହି ଅତିରିକ୍ତ ସାହିତ୍ୟ ବହିରେ ଥିବା ଗଦ୍ୟ, ପଦ୍ୟ, ଗପ, ଏକାଂକିକା, ପ୍ରବନ୍ଧ ସବୁ ପଢ଼ିଲା ପରେ ମୋ ଭିତରେ ଗୋଟେ ସୃଜନର ଉଚ୍ଚାଟନ ସୃଷ୍ଟି ହେଲା । ପରେ ପରେ ଡିଟେକ୍ଟିଭ ଉପନ୍ୟାସ ପଠନର ରହସ୍ୟ ତଥା ରୋମାଞ୍ଚ ପୂର୍ଣ୍ଣ ଉତ୍କଣ୍ଠା ମୋତେ ପାଠ୍ୟ ପୁସ୍ତକ ଠାରୁ ଅନ୍ୟସବୁ ପୁସ୍ତକ ପଢ଼ିବାରେ ବିଶେଷ ଆକୃଷ୍ଟ କଲା । ରାତିରାତି ଉଜାଗର ରହି ସେ ବହି ସବୁ ପଢ଼େ । ପାଠ୍ୟପୁସ୍ତକ ଭିତରେ ଲୁଚାଇ ସେ ବହିସବୁ ପଢ଼େ । ଧରା ପଡ଼ି ବାପାଙ୍କ ଠାରୁ ମାଡ଼ଖାଏ । କ୍ଲାସରେ ଧରାପଡ଼ି ଉଠବସ ହୁଏ । ଏମିତି ଏମିତି ପଢ଼ିବାର ଦୁର୍ବାର ନିଶା ଭିତରୁ କେତେବେଳେ ମୋ ଭିତରେ ସୃଜନର ମଞ୍ଜିଟିଏ ବୁଣି ହେଇଗଲା । ସୁତରାଂ ସେହି ସେହି ଲେଖାମାନଙ୍କର ଲେଖକ ମାନଙ୍କୁ ମୋ ସାହିତ୍ୟର ଆଦ୍ୟଗୁରୁର ଶ୍ରେୟ ଦେବି ଓ ଲେଖାଲେଖି କଳାପରେ ମୋ ପ୍ରେରଣାର ଉତ୍ସ ମୋ ପାଠକ ପାଠିକା । ଚିଠିପତ୍ର ଆଦାନ ପ୍ରଦାନ ବେଳେ ବହୁ ଚିଠି ମୋର ସ୍ମରଣୀୟ ହୋଇ ରହିଛି ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ବର୍ତ୍ତମାନ ନୁହେଁ ମଣିଷ ସୃଷ୍ଟିଠାରୁ ସମସ୍ୟା ନେଇ ଆସିଛି ଓ ସଭ୍ୟତାର ବିକାଶ ସଂଗେ ତାଳ ଦେଇ ସମସ୍ୟାମାନେ ମଧ୍ୟ ନୂଆ ନୂଆ ରୂପରେ ଆସୁଛି । ସେଇ ସେଇ ସମସ୍ୟ ସବୁକୁ ସାମ୍ନା କରି ତିଷ୍ଠି ରହିବାର ପ୍ରେରଣାପ୍ରଦ କାର୍ଯ୍ୟଟି ସାହିତ୍ୟ କରିଥାଏ । ସାହିତ୍ୟ ଯୁଦ୍ଧ କରେ ନାହିଁ ବରଂ ଯୁଦ୍ଧ ବାଦ୍ୟ ପରି ଜିତିବାକୁ ଉତ୍ସାହ ଓ ସାହସ ଯୋଗାଇ ଥାଏ । ସାହିତ୍ୟ ଓ ସାହିତ୍ୟିକ ଉଭୟ ସମାଜ ସହ ସଂପୃକ୍ତ ଥିବାରୁ ସମାଜର ଦୁଷ୍କୃତି ଓ ଦୁର୍ବଳତାକୁ ଦେଖାଇବା ତାର ଧର୍ମ । କିନ୍ତୁ ସମାଜ (ପାଠକ) ତାକୁ କେତେଦୂର ଗ୍ରହଣ କରିବେ ଓ ସ୍ୱୀକାର କରିବ, ତାହା ତା' ଉପରେ ନିର୍ଭର କରେ । ଏଠାରେ ସାହିତ୍ୟର ପ୍ରତ୍ୟକ୍ଷ କର୍ତ୍ତୃତ୍ୱ କିଛି ନଥାଏ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉ ଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ଏ ପ୍ରଶ୍ନଟି ଏବେ ଏକ ସାର୍ବଜନୀନ ଓ ଜ୍ୱଳନ୍ତ ପ୍ରଶ୍ନ । ଗଣମାଧ୍ୟମର ବହୁଳ ପ୍ରସାର ତଥା ଅତି ବିକଶିତ ମୋବାଇଲରେ ମନୋରଂଜନର ଭରପୁର ଖୋରାକ ଖଞ୍ଜା ହୋଇ ରହିବା ଫଳରେ ତତ୍କାଳୀନ ଆନନ୍ଦ ପାଇବା ଆୟସ ସାଧନୁହେଁ । ସବୁବର୍ଗର ନାରୀପୁରୁଷ ମାନଙ୍କ ପାଇଁ 'ଆପ୍' ମାନେ ତଟକା ତଟକା ମନୋରଞ୍ଜନର ପ୍ରସ୍ତୁତ ସାମଗ୍ରୀ ଧରି ଉଭା ହେଇ ଅଛନ୍ତି । ତେଣୁ ସେ ମୋହିନୀ ମାୟା ଛାଡ଼ି ପଠନ ଆନନ୍ଦ ନେବାକୁ କିଏ କାହିଁକି ଆଗଭର ହେବ ? ତା'ଛଡ଼ା ବି ଆଜିକାଲି ଯିଏ ଲେଖାଲେଖି କରେ ସିଏ ହିଁ ପଢ଼ାପଢ଼ି କରେ । ପୁଣି ତାଙ୍କ ପରିବାରରେ ଅନ୍ୟ କେହି ପଢ଼ାପଢ଼ିରେ ରୁଚି ରଖୁ ନଥିବାର ବହୁ ନଜିର ଅଛି । ଆଉ ଏବେ ଲେଖାଲେଖି ଅଧିକ ସଂଖ୍ୟାରେ ଲୋକ କରୁଛନ୍ତି, ତାହା ସତ ! ପ୍ରକାଶନର ସୁଲଭ ସୁଯୋଗ ବହୁ ଲେଖକ ସୃଷ୍ଟି କରୁଛି, ଲେଖାର ମାନ ନିମ୍ନସ୍ତରର ରହୁଥିବାରୁ ପାଠକ ସଂଖ୍ୟା ବୃଦ୍ଧି ପାଉନାହିଁ । ଏ ସମସ୍ୟାର ସମାଧାନର ପନ୍ଥା କ'ଣ ତାର ସଠିକ୍ ଉତ୍ତର ଦେବା ବି ସମ୍ଭବ ନୁହେଁ । କେହି କେହି କହନ୍ତି ଭଲ ଲେଖା ହେଲେ ପାଠକ ବୃଦ୍ଧି ହେବେ। ଭଲ ଲେଖା କ'ଣ ଲେଖାଯାଉନି ? ଲେଖା ଯାଉଛି, ଭଲକୁ ଭଲ ନ କହିବାର ରୋଗ ପାଇଁ ଔଷଧ କିଛି ନାହିଁ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ କିଏ କହୁଛି ଆମ ମାତୃଭାଷା ଏବେ ସଂକଟରେ ? ଅତୀତରେ କେତେ କେତେ ସଂକଟ ଓ ଷଡ଼ଯନ୍ତ୍ରକୁ ଅତିକ୍ରମ କରି ଓଡ଼ିଆ ଭାଷା ଆମ ଜାତୀୟ ଅସ୍ମିତାର ପ୍ରତୀକ ହୋଇଛି। ଭାଷାକୁ ଆଧାର କରି ପ୍ରବେଶ ହେବା ଏହାର ଏକକ ଗୌରବ । ଓଡ଼ିଆ ଭାଷାର ଉନ୍ନତି ପାଇଁ ଭାଷା ପ୍ରତିଷ୍ଠାନ, ଗବେଷଣା ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ ଆଦି ସ୍ଥାପିତ ହୋଇଛି । ତା' ସତ୍ତ୍ୱେ ଯଦି ଆମେ ଭାବୁଛନ୍ତି ମାତୃଭାଷା ଏବେ ସଂକଟରେ ତେବେ ସେହିମାନଙ୍କୁ ଏ ପ୍ରଶ୍ନ ପଚରାଯାଉ, ଯେଉଁମାନଙ୍କ ଉପରେ ଏ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସାହିତ୍ୟକୁ ଆଧାର କରି ତ ଭାଷା ତିଷ୍ଠି ଥିଲା। କ'ଣ କରୁଥିଲେ ଫକୀରମୋହନ, ରାଧାନାଥ, ଗଂଗାଧର ମେହେର ? ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି କରି ଗଣ ଆନ୍ଦୋଳନର ରୂପରେଖ ତିଆରି କରିଥିଲେ। ତେଣୁ ସାହିତ୍ୟକୁ ଆଧାର କରି ଭାଷାକୁ ସଂକଟ ମୁକ୍ତ କରାଯାଇ ପାରିବ । କିନ୍ତୁ କେତେକ ସାହିତ୍ୟିକ ନୁହେଁ; ମୋହନ, ପ୍ରଶାସନ ଓ ଜନସାଧାରଣଙ୍କ ସାମୂହିକ ଭାଗୀଦାରୀ ଜରୁରୀ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରି ପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ସାହିତ୍ୟ ସବୁବେଳେ ଆଶାବାଦରେ ବିଶ୍ୱାସ କରେ ଓ ସକଳ ଦୁଃସ୍ଥିତି ଭିତରେ ମଣିଷ ନିଜର ସ୍ଥିତି ପ୍ରତି ଆସ୍ଥାବାନ ହେବାକୁ ପ୍ରେରିତ କରେ। ସମାଜରେ ଏବେ ଏବେ ଏମିତି କାଣ୍ଡକାରଖାନା ସବୁ ଘଟୁଛି, ମଣିଷ ସ୍ତବ୍ଧ ଓ ତଟସ୍ଥ ହେଇ ପଡ଼ିବା ସ୍ୱାଭାବିକ। ତାର ବିସ୍ତୃତ ଉଦାହରଣ ଦର୍ଶାଇବା ଜରୁରୀ ନୁହେଁ । ଏକବିଂଶ ଶତାବ୍ଦୀର ମଣିଷ ଆଜି ଜ୍ଞାନ, ବିଜ୍ଞାନ, ଶୌର୍ଯ୍ୟ, ସମ୍ଭ୍ରାନ୍ତ୍ୟର ଏତେ ଉଚ୍ଚସୋପାନକୁ ଯାଇଥିଲେ ବି ବେଳେ ବେଳେ ଖୁବ୍ ଇତର ଓ ଘୃଣ୍ୟ କାର୍ଯ୍ୟ କରି ବସୁଛି । ଏହା ବି ବହୁ ଉଚ୍ଚ ଶିକ୍ଷିତ ପରିବାର/ ସମାଜରେ ଘଟୁଛି । ଲେଖକ ନଜରକୁ ସମାଜ ଓ ମଣିଷ ସମସ୍ତ ବିକୃତି ଓ ଦୁଃସ୍କୃତି ହିଁ ଆସେ ଓ ସେ ତାର ନିରାକରଣର ମାର୍ଗ ଦେଖାଇ ସଚେତନ ଓ ସମ୍ଭ୍ରାନ୍ତ ହେବାକୁ ଲେଖା ମାଧ୍ୟମରେ ବାର୍ତ୍ତା ଦିଏ। ବିଶ୍ୱର ସବୁ ସାହିତ୍ୟରେ ଏହି ସକରାତ୍ମକତା ଅଛି । ଜଣେ ମାନବବାଦୀ ଲେଖକ ଭାବରେ ମୋର ସବୁ ଲେଖାରେ ତାହାହିଁ କହିଛି। ତାହା ମୋର ଲେଖକୀୟ ଧର୍ମ । କଣ କରିପାରିବ ? ତଥାପି ନିରାଶା ନୁହେଁ, ଆଶାଟିକୁ ସଞ୍ଚିତ କରି ରଖିବି ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଶତପ୍ରତିଶତ ଆଶାବାଦୀ । ଏ ମୁଲକର ସର୍ବଶେଷ ଲୋକଟି ପାଟିରେ ଯେ ଯାଏ ଓଡ଼ିଆ ଭାଷାଟି ତାର ଉଚ୍ଚାରଣର ଭାଷା ହୋଇ ଅଛି, ସେ ଯାଏ, ଏ ଭାଷାର ସ୍ଥିତି ବିପନ୍ନ- ହେବାର ସମ୍ଭାବନା ନାହିଁ । ଓଡ଼ିଆ ସାହିତ୍ୟର ଯେଉଁ ବିପୁଳ ଭଣ୍ଡାର ଆମ ଭାଷାର ଭବ୍ୟତା ଓ ବ୍ୟାପକତାକୁ ପୁଷ୍ଟ କରି ଅଛି ଓ କରା ଚାଲିଛି, ସେତେବେଳେ ମୁଁ ଆଶାବାଦୀ ହେବିନି କାହିଁକି । ସେଥିରେ ମୋର ମଧ୍ୟ ସର୍ବନ୍ୟୁନ ହେଉପଛେ, ସମର୍ପିତ ଅବଦାନଟି ବି ଅଛି ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକର ଜୀବନ ପାଇଁ ପୁରସ୍କାର ମହତ୍ତ୍ୱପୂର୍ଣ୍ଣ ନୁହେଁ, ସୃଜନ ପାଇଁ ମହତ୍ତ୍ୱପୂର୍ଣ୍ଣ । କୃତି ଅପେକ୍ଷା 'ବ୍ୟକ୍ତି'ର ପ୍ରତିଷ୍ଠା, ପତିଆରା ଆଜି ପ୍ରମୁଖତା ପାଉଛି ବୋଲି ପୁରସ୍କାର ପ୍ରତି ଏକ ନକରାତ୍ମକ ଧାରଣା ସୃଷ୍ଟି ହୋଇ ଚାଲିଛି । ଏହା କାହାର ଅନୁମାନ ନୁହେଁ, ବହୁ ପ୍ରମାଣ ମଧ୍ୟ ବିଦ୍ୟମାନ । ଏ ସବୁକୁ ମୁଁ ସାରସ୍ୱତ ଦ୍ରୋହ କହିବି। ଏହା ମଧ୍ୟ ଏକ ନୈତିକ ଅପରାଧ । ତେଣୁ ଉପଯୁକ୍ତ ସୃଷ୍ଟିଟି ପ୍ରୋତ୍ସାହନ ପାଇଲେ ସ୍ରଷ୍ଟା ଆହୁରି ଉଚ୍ଚକୋଟିର ଅବଦାନ ପାଇଁ ପ୍ରେରିତ ହେବ। ପୁରସ୍କାର ପ୍ରେରଣା ହେଉ ପ୍ରତାରଣା ନ ହେଉ । ସାହିତ୍ୟ ମାଧ୍ୟମରେ ମୁଁ ସବୁବେଳେ ଏଇ ବାର୍ତ୍ତା ଦେଇଥାଏ- ମଣିଷ ମଣିଷ ହେଇରହୁ, ଦେବତା ହେଲେ ହେଉ, ଅସୁର ନହେଉ ।

♥♥


ପ୍ରାଣପ୍ରିୟା ପତ୍ନୀଙ୍କ ସହ ଗାଳ୍ପିକ ରବି ପଣ୍ଡା...


ସୁଖୀ ପରିବାର : ପତ୍ନୀ, ପୁଅ, ବୋହୂ ଓ ନାତି ନାତୁଣୀଙ୍କ ଗହଣରେ କଥାକାର ରବି ପଣ୍ଡା ......



ପୁସ୍ତକ ଉନ୍ମୋଚନ ଉତ୍ସବରେ କଥାକାର ରବି ପଣ୍ଡା...


ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

# ମୋ ଝର୍କାରୁ ଆମେରିକା...

ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

ଭାଗ-୧୩



ଝରକାର କାଚ ସେପଟେ, ଛାଇଅନ୍ଧାର ଭିତରେ ଥିଲା ଏକ ମାୟାଛନ୍ନ ପୃଥିବୀ । ସାମ୍ନାରେ ଥିବା ଅର୍ଦ୍ଧ ବୃତ୍ତାକାର ଆପାର୍ଟମେଣ୍ଟଟି ଉପରକୁ ହାତ ଟେକି ଯୋଗମୁଦ୍ରାରେ ଛିଡା ହୋଇଥିବା ଏକ ସନ୍ୟାସୀ ପରି ଦିଶୁଥିଲା । ଶାନ୍ତ, ନିରୁପଦ୍ରବ। ରାସ୍ତା କଡର ଲ୍ୟାମ୍ପପୋଷ୍ଟରୁ ଆଲୋକ ବିଛାଡି ହୋଇଥିଲା ଚାରିଆଡେ। କେଉଁ ଦିନ, ତିଥି ହେବ କେଜାଣି !

ଖାଇ ସାରି ଆମେ ଶୋଇବାକୁ ଗଲୁ । ଲିଭିଙ୍ଗ ରୁମର ଗୋଟିଏ ପଟ କାନ୍ଥକୁ ଲାଗି,ଏକ ସିଙ୍ଗଲ ବେଡ ପକାଇ ମୋର ଶୋଇବାର ବ୍ୟବସ୍ଥା ହୋଇଥିଲା । ମୋତେ ବହୁତ ନିଦ ଲାଗୁଥିଲା । ସାରା ଦେହରେ ଯାତ୍ରାଜନିତ ପରାସ ମୋତେ ଆକ୍ରାନ୍ତ କରିବାକୁ ଲାଗିଥିଲା । ମୁଁ ବେକ ଯାଏଁ କମ୍ବଳ ଘୋଡେଇ ଗଡି ପଡିଲି ବିଛଣାରେ ।

ନ୍ୟୁ ଜର୍ସିରେ ଏବେ ଗ୍ରୀଷ୍ମ । ଅଳ୍ପ କିଛି ଦିନ ହେବ ବିଦାୟ ନେଇଛି ଶୀତ। ଶୀତ, ଆମେରିକାର ଏହି ଅଞ୍ଚଳକୁ ଆସିଲେ ଚଞ୍ଚଳ ଯିବାର ନାଁ ନିଏନାହିଁ । ଯେମିତି ବିନା ଡାକରାରେ ଘରକୁ ଆସିଥିବା ଅତିଥି ପରି ରହିଯାଏ ପ୍ରାୟ ଛଅ/ ସାତ ମାସ । ପ୍ରତିଦିନ ଆକ୍ତାମାକ୍ତା କରେ ଥୁରୁ ଥୁରୁ ଥଣ୍ଡା, ଝୁରୁ ଝୁରୁ ବର୍ଷୁ ଥିବା ବରଫ ସହିତ ଝିପ ଝିପ ବର୍ଷା । ସନ୍ଧ୍ୟା ଚାରିଟା ହେଉ ହେଉ କୁଆଡେ ମାଡି ଆସେ ଅନ୍ଧାର, ଅଜଣା ଆତତାୟୀ ପରି । ଲୋକମାନେ ଘରେ, ଘରେ ବନ୍ଦୀ ହୋଇଯାଆନ୍ତି । ଅସ୍ତବ୍ୟସ୍ତ ହୋଇପଡେ ଜୀବନ । ପ୍ରକୃତି ତାର ସମସ୍ତ ସୌନ୍ଦର୍ଯ୍ୟ ହରାଇ ଶ୍ରୀହୀନା ହୋଇପଡେ । ଘର ବାହାରେ କୁଆ କୋଇଲିଟିଏ ଦେଖା ଯାଏନାହିଁ । ସୂର୍ଯ୍ୟାଲୋକର ଅଭାବରେ ଆମେରିକାର ପ୍ରାୟ ତିରିଶ ପ୍ରତିଶତ ଲୋକ ଏହି ସମୟରେ ଅବସାଦ ଗ୍ରସ୍ତ ହୋଇପଡନ୍ତି । ଦଶ ପ୍ରତିଶତ ବ୍ୟକ୍ତିଙ୍କୁ ଡାକ୍ତରି ପରାମର୍ଶର ଆବଶ୍ୟକତା ପଡିଥାଏ । ଏହି ସମୟରେ ଅଧିକାଂଶ ଆମେରିକୀୟଙ୍କୁ ଭିଟାମିନ ଡି ଟାବଲେଟ ଗ୍ରହଣ କରିବାକୁ ପଡେ ମୁଡ ସ୍ୱିଙ୍ଗ ବା ମାନସିକ ଆନ୍ଦୋଳନରୁ ମୁକୁଳିବା ପାଇଁ । ଯାହା ବିଶେଷ ଭାବରେ ଯୁବାବର୍ଗ ଓ ବୃଦ୍ଧଙ୍କୁ ହିଁ ଆକ୍ରାନ୍ତ କରିଥାଏ । ଝିଅ ମୁହଁରୁ ଏକଥା ଶୁଣି ମୁଁ ଭାବୁଥିଲି, ଆମ ଦେଶରେ ବିଶେଷ କରି ଓଡିଶା ପ୍ରଦେଶରେ କିନ୍ତୁ ଶୀତଦିନଟା ଭାରି ଉପଭୋଗ୍ୟ । ସକାଳୁ ସକାଳୁ କୋଇଲା ଆଞ୍ଚ ଚାରିପାଖେ ବେଢେଇ ବସି, ଫ୍ରକ କୁଞ୍ଚରେ ତାତିଲା ଷ୍ଟିଲ ଗ୍ଲାସକୁ ମୁଠେଇ ଧରି ସୁଡୁସୁଡୁ କରି ବାମ୍ଫ ଉଠା ଚାହା ପିଇବା। ନରମ ଖରାକୁ ପିଠି କରି ଭଜାଭଜି ସହିତ ଗରମ ପଖାଳ ଖାଇବା, ସାରା ଦ୍ୱିପ୍ରହର ସାଇକେଲ ସ୍ପୋକକୁ ଉଲକଣ୍ଟା କରି ଉଲବୁଣା ଶିଖିବା, ରାତିରେ ସିମେଣ୍ଟ କରେଇରେ ଉହ୍ଲେଇ ଜାଳି ନିଆଁ ପୋଇଁବା ଆଉ ରିନାମାଉସୀଙ୍କ ଠାରୁ ଭୂତ ଗପ ଶୁଣିବା। ଗୋଟିଏ ରେଜେଇକୁ ତିନି ଜଣ ଘୋଡେଇ ହୋଇ ସାରା ରାତି ରେଜେଇକୁ ଟଣାଟଣି କରୁ କରୁ ରାତି ପାହିଯିବା । ଆମ ଶୀତଦିନ ଏଠାକାର ଶୀତଦିନ ଠାରୁ କେତେ ଭିନ୍ନ ସତେ !

ଆଉ ଏହି ପରି ସମୟକୁ ପ୍ରତିହତ କରି ଗ୍ରୀଷ୍ମ ଯେତେବେଳେ ପାଦ ଦିଏ ଏଠାରେ, ଏଠାକାର ଲୋକଙ୍କ ପାଇଁ ପ୍ରତିଦିନ ହୋଇଯାଏ ପାର୍ବଣର ଦିନ ।

ମୁଁ ବିଛଣାରେ ପଡୁ ପଡୁ ଶୋଇପଡିଲି। କିନ୍ତୁ ପାଞ୍ଚ / ଦଶ ମିନିଟ ପରେ ମୋର ନିଦ ଚୁଟ୍ କରି ଭାଙ୍ଗିଗଲା । କିଏ ଯେମିତି ମୋତେ ଚିମୁଟିକି ଉଠେଇଦେଲା । ମୁଁ ଆଖି



ମେଲେଇ ଚାରି ଆଡେ ଚାହିଁଲି । କେହି କୁଆଡେ ନଥିଲେ। ଲିଭିଙ୍ଗ ରୁମର ଲାଇଟ ଅଫ୍ ଥିଲା । ଡାଇନିଙ୍ଗରେ ଜଳୁଥିବା ବଲ୍‌ବ କିଛି ମାତ୍ରାରେ ଆଲୋକିତ କରୁଥିଲା ଲିଭିଙ୍ଗରୁମର କିୟତ୍ ଅଂଶକୁ । ମୁଁ ଦୁଇ ଆଖିପତାକୁ ଜାବୁଡି ଧରି ପୁଣି ଶୋଇବାକୁ ଚେଷ୍ଟା କଲି । ହେଲେ ନିଦ ତ ଯେମିତି ଧରା ଦେବାକୁ ତିଆର ନ ଥିଲା । ଆଖିପତା ତଳେ ଚାଲିଥିଲା ସେମାନଙ୍କର ମିଳିତ ହରତାଳ । ବୋଧହୁଏ ନୂଆ ଜାଗା ଓ ପରିବର୍ତ୍ତିତ ପରିସ୍ଥିତି ଯୋଗୁଁ ଏପରି ହେଉଛି, ଭାବିଲି ମୁଁ । ଆଉ ଏମିତିରେ ବି ଉପରକୁ ମୁହଁ ଟାଣ ଦେଖାଉଥିଲେ ବି ନୂତନ ପରିସ୍ଥିତି ପ୍ରତି ମୋର ପ୍ରବଳ ଭୟ । କେବଳ ମୋର ନୁହେଁ ମ', ହୁଏତ ସମସ୍ତଙ୍କର । ଏଇଆକୁ ଦେଖି ବୋଧହୁଏ ନ୍ୟୁଟନ ତାଙ୍କର ପ୍ରଥମ ନିୟମ ଆବିଷ୍କାର କରିଥିଲେ । ଯାହା କହେ, ଯିଏ, ଯେମିତି, ଯେଉଁଠି ଥାଏ ସେହିପରି ରହିବାକୁ ଚାହେଁ। ନୂତନକୁ ଆପଣେଇବା ସବୁବେଳେ କଷ୍ଟକର । ନୂତନତା ପ୍ରତି ଅହେତୁକ ଅନିଶ୍ଚିତତା ଏହି ଯାତ୍ରାକୁ କଷ୍ଟକର କରିଦିଏ। ହେଲେ ଏ ଜଗତ ତ ନିତ୍ୟ ନୂତନ। ପ୍ରତିଟି ମୂହୁର୍ତ୍ତ, ପ୍ରତିଟି ଦିନ ତାର ପରବର୍ତ୍ତୀ ବା ପୂର୍ବବର୍ତ୍ତୀ ମୂହୁର୍ତ୍ତ ଓ ଦିନ ଠାରୁ ଭିନ୍ନ ।

ମୁଁ ଏହି ନୂତନ ମୁହୂର୍ତ୍ତକୁ ଆପଣେଇବାକୁ ଯାଇ କଡ ଲେଉଟେଇଲି । ଏବେ ମୋର ଆଖି ସାମ୍ନାରେ କାନ୍ଥ । ମୁଁ କାନ୍ଥ ଉପରେ ହାତ ଥାପିଲି । ଏକ ଥଣ୍ଡା, ମସୃଣ, ମୁଲାୟମ ଶିହରଣ ଖେଳିଗଲା ମୋ ଦେହରେ । ବିଶି ଆଙ୍ଗୁଠି ନଖ ବାଡେଇଲି ମୁଁ ତା ଦେହରେ । ନା, ମୋ ଦେଶର କାନ୍ଥ ପରି ନୁହେଁ । ତା'ଠାରୁ ଅଲଗା । କାଠ ତିଆରି । ଘରର ଚଟାଣ ସାରା ତ କାର୍ପେଟ ବିଛା ହୋଇଛି କେବଳ ରୋଷେଇଘର ଓ ବାଥରୁମ୍‌କୁ ଛାଡି । ଆଉ କାନ୍ଥ ବି କାଠ ତିଆରି । ବଡ ଆଶ୍ଚର୍ଯ୍ୟ ସତରେ । ମୁଁ ଆଉ ଟିକେ ଆଉଁସି ଦେଲି କାନ୍ଥ ଦେହକୁ । ଏମିତି ବି ମୁଁ ଛୋଟବେଳୁ କାନ୍ଥର ପ୍ରେମରେ । ଯେବେ ମୋର ସାନଭାଇ ଆମେ ଶୋଉଥିବା ଖଟରେ ମୋର ସ୍ଥାନକୁ ଅକ୍ତିଆର କରିନେଲା ।



ଯେଉଁଦିନ ଖଟ କଡରେ ଥିବା ଝୁଲଣାରୁ ସାନଭାଇକୁ ଉଠେଇ ଆଣି ମାଆ ଶୁଆଇଦେଲେ ଆମ ଦୁଇ ଜଣଙ୍କ ମଝିରେ ଆଉ କହିଲେ, ଏବେଠାରୁ ଭାଇ ଏଇଠି ଶୋଇବ । ସେଦିନ ମୁଁ କାନ୍ଦିକାଟି ଘର ଉଠେଇଥିଲି, ପକେଇଥିଲି । ସେଇଟା ମୋ ଜାଗା, ମାଆଙ୍କ ପାଖରେ, ତାଙ୍କ ଦେହକୁ ଲାଗି । ସେ ସ୍ଥାନ ଆଉ କେହି ନେଇ ପାରିବେନାହିଁ। କିନ୍ତୁ ମାଆ 'ସିଏ ଏବେ ଛୋଟ ପିଲା, ତାର କପଡା ରାତିରେ ବାରମ୍ବାର ବଦଳେଇବାକୁ ପଡିବ, ତାକୁ ଖାଇବାକୁ ଦେବାକୁ ହେବ' ଇତ୍ୟାଦି କହି ମୋତେ ବୁଝେଇଲା ପରେ ମୁଁ ଶାନ୍ତ ହୋଇଥିଲି ସିନା କିନ୍ତୁ ଏଇ କଥା ଦାଗ ହୋଇ ରହିଗଲା ମୋ ଭିତରେ ଚିରଦିନ । ନିଜକୁ ଅବହେଳିତ ମନେ କରୁଥିଲି ମୁଁ । ମୋତେ ଲାଗୁଥିଲା ସାନଭାଇ ପୁଅ ବୋଲି ତାକୁ ଅଧିକ ଭଲପାଇବା ମିଳୁଛି । ଆଉ ସେଇ କଥାକୁ ଭରଣା କରିବାକୁ ଯାଇ ମୁଁ ସବୁ ବେଳେ ମାଆଙ୍କୁ ଖୁସି କରିବାକୁ ଚେଷ୍ଟା ବି କରୁଥିଲି, ମାଆଙ୍କର ସବୁ କଥା ମାନି ନେଇ, ଭଲ ପାଠ ପଢି, କୌଣସି ଅଭିଯୋଗର ମଉକା ନ ଦେଇ । ଏବେ ମୁଁ କାନ୍ଥକୁ ଲାଗି ଶୋଉଥିଲି ଆଉ ଆତ୍ମୀୟତାର ସୂତ୍ରରେ ବାନ୍ଧି ହୋଇ ଯାଇଥିଲି ତା ସହିତ । ମୋ ମନର ଅନେକ କଥା ଯାହା ମୁଁ କାହାକୁ କହି ପାରୁ ନଥିଲି କହୁଥିଲି ତାକୁ । ଆଉ ଭାବୁଥିଲି କୌଣସି ସମାଧାନ ନ ଦେଇପାରିଲେ କଣ ହେଲେ ଅନ୍ତତଃ ମୋ କଥାକୁ ମନ ଦେଇ ସିଏ ଶୁଣୁଛି ତ ! ଏକଥା ସତ ଯେ ଅନେକ ସମୟରେ ଆମେ ସମାଧାନ ଚାହୁଁନା, ହୁଏତ । ଚାହୁଁ, ଅନ୍ତତଃ ଜଣେ କେବଳ ସହାନୁଭୂତିର ସହିତ ଶୁଣୁ ମନ ଦେଇ ଆମେ କହୁଥିବା କଥାକୁ । ଆଉ ଘର ଛାଡି ପାଠ ପଢିବାକୁ ଯାଇ ହଷ୍ଟେଲରେ ରହିଲା ପରେ ସେଇ ସୂକ୍ଷ୍ମ ସୂତ୍ରଟି କେତେବେଳେ କେମିତି ଯେ ଛିଣ୍ଡିଗଲା ମୋର ମନେ ନାହିଁ ।

ନା, ନିଦ ଏବେ ଆଉ ଧରା ଦେବନି ମୋ ଆଖିରେ । ମୁଁ ଉଠିପଡିଲି ବିଛଣାରୁ । ରୋଷେଇଘରକୁ ଯାଇ ପାଣି ଖୋଜିଲି । ଗୋଟିଏ କାଚ ବୋତଲରୁ ପାଣି ନେଇ ପିଇଲି । ଘଣ୍ଟାରେ ସମୟ ରାତି ସାଢେ ବାରଟା । ହିସାବ କଲି ଆମ ଦେଶରେ ସମୟ ଏବେ କେତେ ହୋଇଥିବ । ଦ୍ୱିପ୍ରହର ତିନିଟା। ଘରକୁ କଲ୍ କରି କଥା ହେଲେ ଭଲ ଲାଗିଥାନ୍ତା । କିନ୍ତୁ ମୋର ମୋବାଇଲରେ ଏବେ ୱାଇଫାଇ କନେକ୍ସନ କରାହୋଇନି । ପହଞ୍ଚିଲା ପରେ ଝିଅ ଫୋନରେ କଥା ହୋଇଥିଲି ପୁଅ ଓ ସ୍ୱାମୀଙ୍କ ସହିତ । ତେଣୁ ଏବେ ଆଉ କଥା ହୋଇ ପାରିବିନି । ସକାଳେ ଝିଅ ଉଠିଲେ କହିବି ତାକୁ ୱାଇଫାଇ କନେକ୍ସନ ପାଇଁ । ହେଲେ ଏବେ କରିବି କଣ । କିଚେନ ଟପ ଉପରେ ଦେହକୁ ଆଉଜେଇ ଦେଇ ମୁଁ ଚାରି ଆଡକୁ ଚାହିଁଲି । ଅଳ୍ପ ଓସାରିଆ ହୋଇ ଲମ୍ବାଳିଆ କିଚେନ କମ ଡାଇନିଙ୍ଗ । କିଚେନ ଟପ କଡକୁ ମାଇକ୍ରୋୱେଭ, ଓଭେନ ଓ ଫ୍ରିଜ । ଏସବୁ ଘର ସହିତ ଇନବିଲ୍ଟ ଥାଏ । ଭଡା ଘର ପାଇଁ କିଣିବାକୁ ପଡେନାହିଁ । ଫ୍ରିଜ ଠାରୁ ଟିକେ ଦୂରକୁ ବାମ ପଟେ ପଡିଛି ଡାଇନିଙ୍ଗ ଟେବୁଲ ଓ ଚେୟାର । ରଟ ଆଇରନ ନିର୍ମିତ ଟେବୁଲର କାଚ ଟପ ଉପରେ ଘୋଡିଆ ହୋଇଛି ଏକ କ୍ରୁସବୁଣା କଭର । ତା ଉପରେ ଟେବୁଲମ୍ୟାଟ । ଠିକ ଟେବୁଲର ଡାହାଣ ପଟକୁ ଅଛି ଏକ ବଡ କାଚ ଝରକା । ମୁଁ ଝରକା ନିକଟକୁ ଯାଇ ଟାଣି ଦେଲି ଝରକା କଡରେ ଝୁଲୁଥିବା ରଶିକୁ । ଝରକାରେ ଲାଗିଥିବା ବ୍ଲାଇଣ୍ଡସ ଉଠିଗଲା ଉପରକୁ। ମୁଁ ଡାଇନିଙ୍ଗ ଟେବୁଲର ଚଉକିକୁ ଟାଣି ନେଇ ବସିଗଲି ଝରକା କଡରେ । ଝରକାର କାଚ ସେପଟେ, ଛାଇଅନ୍ଧାର ଭିତରେ ଥିଲା ଏକ ମାୟାଛନ୍ନ ପୃଥିବୀ । ସାମ୍ନାରେ ଥିବା ଅର୍ଦ୍ଧ ବୃତ୍ତାକାର ଆପାର୍ଟମେଣ୍ଟଟି ଉପରକୁ ହାତ ଟେକି ଯୋଗମୁଦ୍ରାରେ ଛିଡା ହୋଇଥିବା ଏକ ସନ୍ୟାସୀ ପରି ଦିଶୁଥିଲା । ଶାନ୍ତ, ନିରୁପଦ୍ରବ। ରାସ୍ତା କଡର ଲ୍ୟାମ୍ପପୋଷ୍ଟରୁ ଆଲୋକ ବିଛାଡି ହୋଇଥିଲା ଚାରିଆଡେ। କେଉଁ ଦିନ, ତିଥି ହେବ କେଜାଣି ! ମେଘମୁକ୍ତ ଆକାଶରେ ଧଳା ଧଳା ଟଗର ଫୁଲ ପରି ଫୁଟି ଉଠିଥିଲେ ତାରାସବୁ । ଆଉ ଜହ୍ନ ........ ଆକାଶର ଗୋଟେ କୋଣରେ ଟିକେ ଢୁଳେଇ ପଡିଥିଲା ଜହ୍ନ । ଆପାର୍ଟମେଣ୍ଟ ଗେଟ ପାଖରୁ ଟ୍ୱିନ ଟାୱାର ଭିତରକୁ ଲମ୍ବିଥିବା ରାସ୍ତାର ଦୁଇ କଡରେ ଶାଖାବିହୀନ ଡେଙ୍ଗା ଡେଙ୍ଗା ଗଛସବୁ ଅନ୍ଧକାର ମାଖି ହୋଇ ଦୀର୍ଘାକୃତି ବାୟବୀୟ ମଣିଷ ପରି ମାନେ ହେଉଥିଲେ। ଅଧା ଅନ୍ଧାର , ଅଧା ଛାଇ ଭିତରେ ସାଇଜ କରି କଟା ଯାଇଥିବା ହେଜବୁଦାଗୁଡିକ ବସିଥିବା ଅବଗୁଣ୍ଠନବତୀ ନାରୀ ପରି ଦିଶୁଥିଲେ । ପ୍ରକୃତରେ ରାତିର ଏହି ଛାଇଅନ୍ଧାର ଭିତରେ ଆମେରିକା ଦିଶୁଥିଲା ନିଆରା। ମୋର ଦୃଷ୍ଟି ଲମ୍ବି ଯାଉଥିଲା ଦୂରକୁ .... ଆହୁରି ଦୂରକୁ । 'ମୋ ଝରକାରୁ ମୁଁ ଦେଖୁଥିଲି ଆମେରିକା'କୁ ଏକ ଅନୁସନ୍ଧିତ୍ସୁର ଦୃଷ୍ଟି ନେଇ । ଏବେ ଏହି ଝରକା ପାଲଟି ଯାଇଥିଲା ଏକ ସମ୍ପର୍କର ସେତୁ ବନ୍ଧ ଆମେରିକା ଓ ମୋ ଭିତରେ। (ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# କବି ରମାକାନ୍ତ ରଥ: ମରି ବି ଅମର



ଧିରେ ଧିରେ ଆପଣ ଖୁବ୍ ଅବସନ୍ନ ହେଉ ପଡୁଥିଲେ ବୟସ ଅଧିକ ହେତୁ ,ବେଶ୍ କିଛି ଦିନ ଧରି ।ଆପଣ ଆଉ ବେଶୀ କାହା ସହିତ ଫୋନରେ କଥା ହେଉ ନ ଥିଲେ,କି କେଉଁ ସଭା ସମିତି ଯେତେ ଅନୁରୋଧ କଲେବି ଯାଉ ନ ଥିଲେ ।ଆପଣ ଆଉ ଭଲ କରି କିଛି ମନେ ରଖି ପାରୁ ନ ଥିଲେ କି ଅନେକ ଙ୍କୁ ଚିହ୍ନି ପାରୁ ନ ଥିଲେ।

ଏଇ ଗତ ଶନିବାର ତାରିଖ ୧୪.୩.୨୫ ।ସେଦିନ ଥିଲା ହୋଲି ରଙ୍ଗ ଖେଳ ।ସମଗ୍ର ରାଜଧାନୀ ଛାତି ଓ ମଣିଷ ମାନେ ରଙ୍ଗରେ ଗାଧୋଇ ଯାଇଥିଲା ବେଳେ ଆପଣ ଚୁପ୍ ଚାପ୍ ଆପଣ ଙ୍କ ବହି ଥାକ ପାଖକୁ ଯାଇ ଆପଣଙ୍କ ପ୍ରିୟ କାବ୍ୟ ଶ୍ରୀରାଧା,ଶ୍ରୀ ପଳାତକ,ସପ୍ତମ ଋତୁ ବହିକୁ ବାହାର କରି ଫୁଲ ଝ ।ଡୁରେ ପୋଛି ଦେଲେ ।ବହିକୁ ଧରିଲା ବେଳେ ଆପଣଙ୍କ ଆଖିରୁ ଲୁହ ବହିଲା ।ଆପଣ ବହି ଗୁଡ଼ିକର ପୃଷ୍ଠା ଓଲଟାଇଲେ ସଜତ୍ନରେ ।ଉପର ଓଳି ଆପଣ ବାହାର ଲନରେ ଲାଗିଥିବା ଦୋଳିରେ ବସି ଶ୍ରୀରାଧା କାବ୍ୟର କିଛି କବିତା ପଢିଲେ।

'ସେଦିନ ସକାଳେ ମୁଁ ନଈରେ
ଗାଧୋଇଲା ବେଳେ
ପାଣିରେ ଦେଖିଲି ମୋର
ଗୋଡ଼କୁ ଲାଗିଲା
ଏ ଗୋଡ ତ ମୋର ନୁହେଁ,
କିଛି ମୋର ନୁହେଁ
ଏ ଶରୀର ମୋର ନୁହେଁ
ମୋର ସବୁ ଆଶା
ହତାଶାର ଇତିହାସ ମୋର ନୁହେଁ
ଏ ବଞ୍ଚିବା ମୋର ନୁହେଁ
ଯେଉଁ ମୃତ୍ୟୁ ଦିନେ ଅବଶ୍ୟ ଆସିବ
ସେ ମୃତ୍ୟୁ ବି ନୁହେଁ
ମୁଁ ଉଦ୍‌ଗ୍ରୀବ ଶୂନ୍ୟସ୍ଥାନଟିଏ
ଖାଲି ଶୂନ୍ୟ ସ୍ଥାନଟିଏ ହେଇ ରହିଯିବା
କାହା କାହା କପାଳେ ତ ଥାଏ ।"

ଆପଣ ଏମିତି କବିତା ପଢ଼ି କାନ୍ଦୁଥିଲେ ଏକା ଏକା। ରାତିର ସଫା ଚୈତ୍ର ଜହ୍ନ ଆକାଶରେ ହସୁଥିଲା। ଆପଣ ଘର ଭିତରକୁ ଗଲେ।

ଆପଣ ଶୋଇବା ଘରେ ଯାଇ କ୍ୟାଲେଣ୍ଡର/ ପାଞ୍ଜି ବାହାର କରି କିଛି ଗୋଟେ ନିର୍ଦ୍ଦିଷ୍ଟ ତାରିଖ ଖୋଜିଲେ। ଯେମିତି କେଉଁ ଗୋଟେ ଯାଗାକୁ ସାଇତି କରି ଆପଣଙ୍କୁ ଯିବାକୁ ହେବ। କେଜାଣି ଆପଣ କେଉଁଠିକୁ ଯିବା ଅନୁକୂଳ କରୁଥିଲେ ?

ଆପଣ ସବୁଦିନ ପରି ଶୋଇବାକୁ ଗଲେ। ଶେଷ ପ୍ରହର ରାତିରେ ଆପଣ ଦୁଃସ୍ୱପ୍ନ ଦେଖିଲେ। ଆପଣଙ୍କୁ ସସମ୍ମାନେ ନେବା ପାଇଁ ବୈକୁଣ୍ଠରୁ ଗୋଟେ ରତ୍ନ, ମଣି, ମୁକ୍ତା ଖଚିତ ଦିବ୍ୟ ରଥ ଆସୁଥିଲା। ରଥ ମଧ୍ୟଭାଗ ସିଂହାସନରେ ବସି ଥିଲେ ଦେବୀ ଶ୍ରୀରାଧା। ସେ ଓହ୍ଲେଇ ଆସି ଆପଣଙ୍କ ଅବସାଦ ଦେହରେ ହାତ ମାରି ଦେଲେ। ଆପଣଙ୍କ ସବୁ କଷ୍ଟ ଦୂର ହେଇ ଗଲା। ଆପଣଙ୍କୁ ସେ ଆମନ୍ତ୍ରଣ କରି ସପ୍ତମଋତୁର ଭୂମି ବୈକୁଣ୍ଠକୁ ନେଇଗଲେ।

ଆପଣଙ୍କ ଶରୀର କେବଳ ଶୀତଳ ହେଇ ପଡ଼ି ରହିଲା। ଆପଣଙ୍କ ଘର ଅଗଣାରେ ପୁଣି କୋଳାହଳ ଆରମ୍ଭ ହେଲା। ଆପଣଙ୍କ ପ୍ରିୟ ଲନ୍‌ରେ (ଯେଉଁଠି ଆପଣ ପ୍ରତି ଦିନ ଅଳସ ସନ୍ଧ୍ୟାରେ ବସୁଥିଲେ) ଜଣେ ବୁଢା ଲୋକ ଆପଣଙ୍କ ଦେହର ଶେଷ ଯାତ୍ରା ପାଇଁ ଛ'ଖଣ୍ଡ ବାଉଁଶ ସଜା ।ଡ଼ିଲେ। କୁଟାର ଦଉଡ଼ି ସେ ବଳିଲେ ଆପଣଙ୍କ ସୁନ୍ଦର ଶରୀରକୁ ବାନ୍ଧି ଦେବା ପାଇଁ। ନିଆଁ ବଡବି ତିଆରି କଲେ ଆପଣଙ୍କ ଶରୀର ଦାହ ପାଇଁ।

ଆପଣଙ୍କ ପ୍ରିୟ ପୁଅ ସିଙ୍ଗାପୁରରୁ ଅସି ଆପଣଙ୍କୁ ଆତୁର ହେଇ ଡାକିଲେ 'ବାପା ଉଠ।' ଆପଣ ଆଉ ଉଠିଲେ ନାହିଁ। ଆପଣ ପୁଅଙ୍କ ବାପା ହେଇ ରହି ନଥିଲେ ଆଉ। ଆପଣ ସେତେବେଳକୁ ଶ୍ରୀ ପଳାତକ ହେଇ ବୈକୁଣ୍ଠକୁ ଚାଲି ଯାଇଥିଲେ ଦିବ୍ୟ ରୂପରେ।

ଆପଣ ନିଜେ ପିଅନକୁ ଡାକି ଅତି ନମ୍ର ଭାବେ କହିଲେ,'ଆପଣ ଦୟାକରି ଆମ ଦୁଇ ଜଣଙ୍କ ପାଇଁ ଦୁଇ କପ୍ ଚାହା ଆଣିଦେବେ ?' ଜଣେ ପିଅନ ପ୍ରତି ଆପଣଙ୍କ ସୌଜନ୍ୟ ଦେଖି ମୁଁ ବିସ୍ମିତ ହେଇ ଥିଲି। ଆପଣଙ୍କ ପାଖରୁ ମାନବିକତା ମୂଲ୍ୟବୋଧ ବିଷୟରେ ମୁଁ ସେଠି ଶିଖିଲି।



ଆପଣଙ୍କୁ ଜଣେ ପ୍ରସିଦ୍ଧ ଲେଖିକା ଶେଷ ଦେଖା ପାଇଁ ଧାଇଁ ଆସିଥିଲେ। ସେ ଅଥୟ ହେଇ କହୁଥିଲେ, ଆପଣଙ୍କ ଦେହ ଖରାପ ଭିତରେ ବି ଆପଣ ତାଙ୍କୁ ଫୋନ୍ କରି ତାଙ୍କ ଦେହ କଥା ପଚାରୁଥିଲେ। ସେ ବହୁବାର ଚେଷ୍ଟା କରି ବି ଆପଣଙ୍କୁ ଦେଖା କରିବାକୁ ଅସି ପାରୁ ନଥିଲେ ସଂସାର ଜଞ୍ଜାଳ ଭିତରେ ଥାଇ। ହେଲେ ସେ ଆସିଲା ବେଳକୁ ଆପଣ ଆଉ ନ ଥିଲେ।

ଆପଣଙ୍କ ସାକ୍ଷାତ କାର ନେବାକୁ ଜଣେ ସୁଶ୍ରୀ କବୟିତ୍ରୀ କେତେଥର ଆପଣଙ୍କ ପାଖକୁ ଆସିଥିଲେ। କିନ୍ତୁ ସେଦିନ ଶେଷ ସାକ୍ଷାତ କଲା ବେଳକୁ ଆପଣ ନୀରବି ଯାଇଥିଲେ। କବୟିତ୍ରୀ କାନ୍ଦୁଥିଲେ ପ୍ରିୟ କବିଙ୍କୁ ହରାଇ।

+ + +

ଆପଣ ଆଜକୁ କୋଡ଼ିଏ ବର୍ଷ ତଳେ ମୋର କେଉଁ ପତ୍ରିକାରୁ ଗୋଟେ ଗପ 'ଅଭିସାରିକା' ଖୁବ୍ ଯତ୍ନରେ ପଢ଼ି ମୋତେ ଚିଠି ଲେଖି ଥିଲେ,'ଆପଣ ଗଳ୍ପ ନାୟିକା ଛବିର ମ୍ୟାଚିଁ ବ୍ଲାଉଜ ଓ ସାୟା କଥା ଲେଖି ଛନ୍ତି। ସାୟା ଶାଢ଼ି ଭିତରେ ରହୁ ଥିବାରୁ ମେଚିଂ ଦରକାର ହୁଏନାହିଁ। ଠିକ୍ କରି ଦେବେ। ଗପଟି ମୋତେ ଖୁବ୍ ଛୁଇଁଲା।'

ତା ପରେ ୨୦୦୭ ମସିହା ଜୁନ ପାଞ୍ଚ ତାରିଖ। ମୋତେ ଆପଣ ଫୋନ୍‌ରେ କହିଥିଲେ, 'ମୁଁ ସର୍କିଟ ହାଉସ ରୁମ୍ ନଂ ଛ'ରେ ଅଛି। ଆପଣ ଠିକ୍ ୪ଟା ।ରେ ଆସିବେ। ଠିକ୍ ଦୁଇ ଘଣ୍ଟା ପରେ ମୁଁ ଅନ୍ୟ କାମରେ ବାହାରି ଯିବି ।

ମୁଁ ଠିକ୍ ୪.୦୫ରେ ଆପଣଙ୍କ ରୁମ୍‌ର କଲିଙ୍ଗ ବେଲ ମାରିବାର ଗୋଟେ ମିନିଟରେ ଆପଣ କବାଟ ଖୋଲିଥିଲେ। ଖୁବ୍ ଖୁସି ହେଇ ମୋତେ ରୁମ୍ ଭିତରକୁ ଡ଼ାକି ନେଇ କହିଲେ, 'ଆଜିର ଲୋକମାନେ ସମୟ ଜଗୁ ନାହାନ୍ତି। ସେଥିପାଇଁ ଧନ୍ୟବାଦ ଆପଣଙ୍କୁ।'

ଆପଣ ନିଜେ ପିଅନକୁ ଡାକି ଅତି ନମ୍ର ଭାବେ କହିଲେ,'ଆପଣ ଦୟାକରି ଆମ ଦୁଇ ଜଣଙ୍କ ପାଇଁ ଦୁଇ କପ୍ ଚାହା କରିଦେବେ ?' ଜଣେ ପିଅନ ପ୍ରତି ଆପଣଙ୍କ ସୌଜନ୍ୟ ଦେଖି ମୁଁ ବିସ୍ମିତ ହେଇ ଥିଲି। ଆପଣଙ୍କ ପାଖରୁ ମାନବିକତା ମୂଲ୍ୟବୋଧ ବିଷୟରେ ମୁଁ ସେଠି ଶିଖିଲି। ଆମେ କେବେ ଛୋଟ ଚାକିରୀ କରିଥିବା ମଣିଷଙ୍କୁ ତାଲିକାରେ ଗଣ୍ୟ କରୁନା।

ମୁଁ ଆପଣଙ୍କୁ ଆପଣଙ୍କ ଜୀବନ ବିଷୟରେ କିଛି ପଚାରିବାକୁ ଅନୁରୋଧ କାଲି ତ ମୋତେ ଆପଣ ପ୍ରଥମରୁ କହିଲେ 'ମୁଁ ଏତେ ବିଦ୍ୱାନ ନୁହେଁ। ଜୀବନ ସମ୍ପର୍କରେ ମୋତେ କିଛି ଗୂଢ ପ୍ରଶ୍ନ ପଚାରିବେ ନାହିଁ। ସେସବୁ ଉତ୍ତର ମନିଷୀ ମାନେ ଦେଇ ପାରିବେ। ବରଂ ଆମେ ଜୀବନର ଦୁଃଖ ସୁଖ କଥା କିଛି ମୂହୁର୍ତ୍ତ ହେବା।'

ଆପଣ ପ୍ରଥମେ ଆପଣଙ୍କ ପିଲା ଦିନ କଥା କହିଲେ। ବାପା ଲୋକନାଥ ମହାପାତ୍ର, ହେଲେ ଆପଣ କିପରି ରଥ ହେଲେ ସେଇ କଥା ଖୁବ୍ ଆଗ୍ରହରେ କହିଲେ।

ଆପଣ ପୁରୀର ଦାମୋଦର ପୁର ଶାସନ ଗାଁ ପ୍ରାଥମିକ ସ୍କୁଲରେ ପଢୁଥିଲେ। ଆପଣ ସ୍କୁଲ ସମୟର ଗୋଟେ ସ୍ମୃତି କଥା ପ୍ରଗଳଭ ହୋଇ କହିଲେ।

'ହଁ ଗୋଟେ ସକାଳେ ମୁଁ ସ୍କୁଲ ବାହାରୁଥିଲି। ଆମ ଘରୁ ଲୁଗା ନେବା ପାଇଁ ରାଧା ଧୋବଣୀ ଛିଡ଼ା ହେଇଥିଲା। ଦି ଦିନ ତଳେ ତା ସାନ ଛୁଆକୁ ଗଧିଆ ଟାଣି ଖାଇ ଦେଇଛି। ତଥାପି ସେ ତା କର୍ତ୍ତବ୍ୟ କରିବାକୁ ଆସିଛି। ତାର ବଂଚିବାର ଭାର ଏତେ ତୀବ୍ର ଥିଲା ଯେ ସେ ତା ପିଲା ପାଇଁ କାନ୍ଦିବାକୁ ବି ବେଳେ ନଥିଲା। ମୁଁ ସେଇଦିନ ଜାଣିଲି ବଂଚିବା କେତେ ଦାରୁଣ ଓ ନିଷ୍ଠୁର।'

ଆପଣ ଆଉ ଗୋଟେ ସ୍ମୃତି କଥା କହିଲେ।

'ସେତେବେଳେ ଆମ ଗାଁର ଭୂତ ପ୍ରେତ ଉପରେ ପ୍ରବଳ ବିଶ୍ୱାସ। ଆମ ଗାଁର ଅଳ୍ପ ବାୟସ୍କା ବୋହୂ ପ୍ରେତ ଥିବା ଗଛ ବାଟ ଦେଇ ସଞ୍ଜରେ ପାଣି ଧରି ଫେରୁଥିଲା। ତାକୁ ଜ୍ୱର ହେଲା। ଗାଁରେ କହିଲେ ଇଏ ସେଇ ପ୍ରେତ ସବାର। ଗୁଣିଆର ଛଡ଼ାଣ ଭିତରେ ମୋର ଇଚ୍ଛା ହେଉଥିଲା ସେଇ ଅବଗୁଣ୍ଠନରେ ଥିବା ବୋହୂ ମନର ଦୁଃଖ ଓ ଯନ୍ତ୍ରଣା କଥା ବୁଝିବାକୁ। କିନ୍ତୁ ମୁଁ ଛୋଟ ପିଲା ହେତୁ ମୋତେ କିଏବା ବୁଝୁ ଥିଲା !'

ଆପଣ ଆପଣଙ୍କ ଗାଁ ଜୀବନ ମନେ ପକାଇ ଅବସୋସ କରୁଥିଲେ ଓ ଭାବିଥିଲେ ଜୀବନ ଏମିତି ଖୁସିରେ ଗାଁରେ କଟିଯିବ। କିନ୍ତୁ ଆପଣ ଜାଣି ନ ଥିଲେ ଜୀବନ ଗୋଟେ ସମସ୍ୟାର ଗନ୍ତା ଘର। ଅସୁବିଧାର ପରୀକ୍ଷା କ୍ଷେତ୍ର।

ଆପଣ ସ୍କୁଲରେ ପଢିଲା ବେଳେ ଥରେ ବାପାଙ୍କ ପକେଟରୁ ପାଂଚଟଙ୍କା ଚୋରି କରିଥିଲେ। ଆପଣଙ୍କ ବାପା ଆପଣଙ୍କ ପକେଟରୁ କିଛି ପଇସା ଦେଖି ପଚାରିଥିଲେ ଏଇ ପଇସା କେଉଁଠୁ ଆଣିଲୁ ?

ଆପଣ କଥାକୁ ଠିକ୍ ଭାବେ ନକହି ପାରି ଧରା ପଡ଼ିଥିଲେ। ଆପଣ ବାପାଙ୍କ ଠୁଁ ଦଣ୍ଡ ପାଇଥିଲେ।

ଆପଣଙ୍କ ବାପାଙ୍କ ଧାରଣା ଥିଲା ଆପଣ ଜଣେ ଭଲ ଛାତ୍ର ନୁହଁନ୍ତି । ଆପଣଙ୍କ ବାପା ଭାବିଥିଲେ ଆପଣଙ୍କ ଦ୍ୱାରା କିଛି ହେବ ନାହିଁ । ଆପଣ ଅପଦାର୍ଥ।

ଅଥଚ ଆପଣ ଭାରତ ପ୍ରଶାସନିକ ସେବା ପାଇଲା ପରେ ଭାବିଥିଲେ ବାପାଙ୍କ ମନ ବଦଳି ଯିବ। ସେ ଖୁସି ହେଇ ଆପଣଙ୍କ ଉପରେ ବିଶ୍ୱାସ ରଖିବେ।

କିନ୍ତୁ ଆପଣଙ୍କ ବାପା ଆପଣଙ୍କୁ କହିଲେ, 'ତୁ ଭାବିବୁ ନାହିଁ ତୁ ଯୋଗ୍ୟ ବୋଲି ଏହାକୁ ପାଇଛୁ। ତୋ ଠୁଁ ବହୁ ଯୋଗ୍ୟ ପିଲା ଆମ ଦେଶରେ ଅଛନ୍ତି। କିନ୍ତୁ ସେମାନଙ୍କୁ ସେମାନଙ୍କ ଭାଗ୍ୟ ସହାୟ ହେଇ ନାହିଁ। ତେବେ ତୁ ଭବିଷ୍ୟତରେ ସେମାନଙ୍କୁ ହେୟ ମନେ ନକରି ସେମାନଙ୍କ ଜୀବନ ଯାତ୍ରାର ସହାୟକ ହେବୁ।'

ଆପଣ ବାପାଙ୍କ ପାଖକୁ କେବେ ଇଂରାଜୀରେ ଚିଠି ଲେଖୁ ନଥିଲେ ଯଦିଓ ଆପଣ ଇଂରାଜୀରେ ପିଜି କରିଥିଲେ। ଆପଣ ଆପଣଙ୍କ ଇଂରାଜୀ ଶିକ୍ଷକ ବାପାଙ୍କୁ ଡରୁଥିଲେ କାଳେ ଇଂରାଜୀରେ ଭୁଲ ଧରି ନେବେ।

ଆହୁରି ଆପଣଙ୍କ ସହିତ ଅନେକ କଥା ହୋଇଛି। କିନ୍ତୁ ଆଜି ଏତିକିରେ ଥାଉ। ଆପଣଙ୍କ ଗୋଟି ଗୋଟି କଥା ଆଜି ମନେପଡ଼ି ମୋ ହୃଦୟ ଭାଙ୍ଗି ଯାଉଛି। ଏତେ ବଡ ପଦବୀର ମଣିଷ ହେଇ, ଏତେ ବଡ଼ କବି ହେଇ, କେବେ ଅନ୍ୟକୁ ନଗଣ୍ୟ ମନେ କରୁ ନଥିଲେ ଆପଣ। ଏହା ଥିଲା ଆପଣଙ୍କର ବଡ ମହାନୁଭବତା। ଆପଣଙ୍କ ପରି ମଣିଷ ସତରେ ଆଉ ମିଳିବା ବହୁତ କଷ୍ଟ।

ମୋର ଶେଷ ଶ୍ରଦ୍ଧାଞ୍ଜଳି ଆପଣଙ୍କ ପବିତ୍ର ଆତ୍ମା ପ୍ରତି।

♥ ଚୁନଭାଟି କଲୋନୀ
ଗୋପାଳ ଗାଁ
ବାଲେଶ୍ୱର
(ମୋ) ୭୭୩୫୯୫୧୩୮୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୩ ମାର୍ଚ୍ଚ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଦୃଷ୍ଟିକୋଣ-୭

# ସ୍ୱ-କର୍ତ୍ତବ୍ୟ ସଂପାଦନ ହିଁ ସହାବସ୍ଥାନର ମୂଳମନ୍ତ୍ର



♥ ଡ. କାଳୀପଦ ପଣ୍ଡା

ଶ୍ରୀମଦ୍‌ଭଗବତ ଗୀତାନୁଯାୟୀ - କର୍ମଣ୍ୟେ ବାଧିକାରସ୍ତେ। ଯାହାକୁ ଇଂରାଜୀରେ କୁହାଗଲା - "Duty is God" ବା "Work is Workship"। ଅର୍ଥାତ୍ କର୍ମ ହିଁ ଭଗବାନ। ସମଗ୍ର ଜଗତ କର୍ମ ପ୍ରଧାନ। କର୍ମଯୋଗୀ ବା କର୍ମବୀର ହିଁ ସବୁକାଳେ ସବୁରି ସ୍ମରଣରେ ଆସିଥାନ୍ତି। ସ୍ୱ ସ୍ୱ କର୍ତ୍ତବ୍ୟର ପରାକାଷ୍ଠା ସୌହାର୍ଦ୍ଦ୍ୟପୂର୍ଣ୍ଣ ସୁସଂପର୍କ ସ୍ଥାପନ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମୂଳମନ୍ତ୍ର ହୋଇଥାଏ।

ଯେଭଳି କର୍ମଚାରୀମାନେ ନିଜନିଜର ଯାହା ସ୍ୱୀକୃତ କାର୍ଯ୍ୟକୁ ଯଦି ସଠିକ୍ ନିର୍ବାହ କରିଚାଲନ୍ତି ତେବେ ଉଚ୍ଚକର୍ତ୍ତୃପକ୍ଷ ଚାପଗ୍ରସ୍ତ ବା ହତାଶାବୋଧ ଅନୁଭବ କରିବେ ନାହିଁ। ଶିକ୍ଷାଦାନକ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଷ୍ଠାର ସହ ଶିକ୍ଷାଦାନ କରିଚାଲୁଥିଲେ ଛାତ୍ର ସମାଜ ଆନ୍ଦୋଳନକୁ ଉହ୍ଲାଇ ଆସନ୍ତେ ନାହିଁ। ସେହିଭଳି ଛାତ୍ରଛାତ୍ରୀଗଣ ଅଧ୍ୟୟନରେ ମନଯୋଗ ରଖୁଥିଲେ ବିଫଳତାକୁ ସମ୍ମୁଖୀନ ହୁଅନ୍ତେ ନାହିଁ। ପୁଣି ପିତାମାତା ସେମାନଙ୍କ ସନ୍ତାନଙ୍କ ପ୍ରତି ନିଜର ଦାୟିତ୍ୱକୁ ସୁଚାରୁରୂପେ ସଂପାଦନ କରୁଥିଲେ ସନ୍ତାନଗଣ କୁପଥରେ ଅଗ୍ରସର ହୁଅନ୍ତେ ନାହିଁ। ବିଭିନ୍ନ ଦପ୍ତରର ଉଚ୍ଚକର୍ତ୍ତୃପକ୍ଷ ସେମାନଙ୍କ ଅଧସ୍ତନ କର୍ମଚାରୀଗଣଙ୍କ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରୁଥିଲେ କର୍ମଚାରୀ ଆନ୍ଦୋଳନ ଠାରୁ ଦୂରେଇ ରହନ୍ତେ। ପ୍ରତ୍ୟେକ ନିଜନିଜର କର୍ତ୍ତବ୍ୟର ସଠିକ ନିର୍ବାହ କରିଚାଲୁଥିଲେ ବ୍ୟତିକ୍ରମ ପରିଲକ୍ଷିତ ହୁଅନ୍ତା ନାହିଁ।

> **ଅସନ୍ତୋଷରୁ ସୃଷ୍ଟି ଅଶାନ୍ତି ଦିନେ ଆନ୍ଦୋଳନର ରୂପ ନେଉଛି। ସନ୍ତାନସନ୍ତତି, ଶାସକ-ପ୍ରଶାସକ, କର୍ମଚାରୀ-କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ସଭିଏଁ ନିଜ ନିଜର କର୍ମରୂପି କର୍ତ୍ତବ୍ୟରେ ସମୟୋଚିତ ଦକ୍ଷତା ପ୍ରଦର୍ଶନ କରିଚାଲିଲେ ପରିବାରେ ନା' ସମାଜରେ କିମ୍ବା ରାଷ୍ଟ୍ରରେ କେଉଁଠି ହେଲେ ଅଶାନ୍ତିର ବହ୍ନି ପ୍ରଜ୍ୱଳିତ ହୁଅନ୍ତାନାହିଁ।**

ପରିବାର ଠାରୁ ସମାଜ ଜୀବନ ଏବଂ ରାଷ୍ଟ୍ରଜୀବନରେ ଯେଉଁ ସମସ୍ୟା ବୃଦ୍ଧି ପାଉଛି ତା' ମୂଳରେ ରହିଛି ପ୍ରତ୍ୟେକ ସ୍ୱକୀୟ କର୍ତ୍ତବ୍ୟରେ ନିଷ୍ଠା ପ୍ରଦର୍ଶନ ନକରିବା। ଅସନ୍ତୋଷରୁ ସୃଷ୍ଟି ଅଶାନ୍ତି ଦିନେ ଆନ୍ଦୋଳନର ରୂପ ନେଉଛି। ସନ୍ତାନସନ୍ତତି, ଶାସକ-ପ୍ରଶାସକ, କର୍ମଚାରୀ-କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ସଭିଏଁ ନିଜ ନିଜର କର୍ମରୂପି କର୍ତ୍ତବ୍ୟରେ ସମୟୋଚିତ ଦକ୍ଷତା ପ୍ରଦର୍ଶନ କରିଚାଲିଲେ ପରିବାରେ ନା' ସମାଜରେ କିମ୍ବା ରାଷ୍ଟ୍ରରେ କେଉଁଠି ହେଲେ ଅଶାନ୍ତିର ବହ୍ନି ପ୍ରଜ୍ୱଳିତ ହୁଅନ୍ତାନାହିଁ। ପ୍ରତ୍ୟେକେ ନିଜ ନିଜର ଦାୟବଦ୍ଧତାକୁ ହୃଦୟଙ୍ଗମ କରି ଚାଲିଲେ ସବୁ ସ୍ତରରେ ଶାନ୍ତି ବିରାଜମାନ କରନ୍ତା। ଫଳରେ ଧର୍ମଘଟ, ଆନ୍ଦୋଳନ, ଆତଙ୍କ ବୃଦ୍ଧି ପାଆନ୍ତା ନାହିଁ। ପରିବାରଠାରୁ ରାଜ୍ୟ ଓ ଦେଶରେ ଶାନ୍ତି ବିରାଜମାନ କରନ୍ତା। ବିଶ୍ୱମାନବ ଜାତି ଶାନ୍ତିରେ ରହିପାରନ୍ତା।

କର୍ମ ଓ କର୍ତ୍ତବ୍ୟ ମହତ୍ତ୍ୱ ଉପରେ ଅନେକ ସ୍ରଷ୍ଟା ସେମାନଙ୍କର ଦୃଢ଼ମତ ପୋଷଣ କରିଯାଇଛନ୍ତି। ଗୋସ୍ୱାମୀ ତୁଳାସୀ ଦାସଙ୍କ ମତରେ - "କରମ ପ୍ରଧାନ ବିଶ୍ୱ କରି ରାଖା"।

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅନୁଯାୟୀ- "କର୍ତ୍ତବ୍ୟସାଧନ ସେତ ପ୍ରକୃତ ଜୀବନ
ଆଳସ୍ୟେ ସମୟକ୍ଷେପ ଆତ୍ମାର ଦହନ"।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କହିଛନ୍ତି -
"ମାନବ ଜୀବନ ନୁହଁଇ କେବଳ
ବର୍ଷମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ"।

କର୍ମ ହିଁ ଯେ ଧର୍ମ, କର୍ମ ହିଁ ଯେ ପରିଚୟ, କର୍ମରୂପି କୀର୍ତ୍ତିସ୍ତମ୍ଭରେ ବ୍ୟକ୍ତିସତ୍ତା ସ୍ୱଦେହରେ ନଥାଇବି କାଳକାଳକୁ ଜିଇଁଥାଏ। ଏହି କଥାଟିକୁ ବୁଝିନେବାକୁ ପଡ଼ିବ।

ଅତିବଡ଼ି ଜଗନ୍ନାଥ ଦାସ ତାଙ୍କ ରଚିତ ଭାଗବତରେ କହିଛନ୍ତି -
"କର୍ମଟି ଦୁଃଖ ସୁଖ ଦାତା / ବିଶ୍ୱ ସଂସାରେ ବଳବନ୍ତା ।"

କୁନ୍ତଳା କୁମାରୀ ସାବତଙ୍କ କାଳଜୟୀ ଲେଖନୀରୁ ଝରିଆସିଛି-
ଜୀବନ ନୁହେଁ ମୋ ସ୍ୱପନ ଛଳନା
ଜୀବନ ଆନନ୍ଦମୟ ହେ,
କରମଲାଗି ଜନମ ହୋଇଛି
କରମ ଲଭିବି ଜୟ ହେ।
ଶୁଭ କରମେ ହୋଇବି ଛିଡ଼ା
ବାଧୁ ଯେତେ ମୋତେ ଯାତନା ପୀଡ଼ା
କରମ ମୋହର ଜପମନ୍ତ୍ର ସାର
ଜ୍ଞାନଧ୍ୟାନ ସୁଖମୟ ହେ"।

ନନ୍ଦକିଶୋର ବଳ ଲେଖିଲେ -
କର୍ତ୍ତବ୍ୟ ପାଳି ଯେ ସୁଖଲଭେ କର୍ମବୀର,
ସେ ସୁଖ ଲଲାଟେ ଲେଖାନାହିଁ କଳଙ୍କର।

ବାସ୍ତବରେ ସମସ୍ତ ମୁନିଋଷି, ଦାର୍ଶନିକ, ଲେଖକ ସବୁକାଳରେ କର୍ତ୍ତବ୍ୟରୂପି କର୍ମମନ୍ଦିରର ପୂଜାରୀ ହୋଇ ସ୍ୱଦେହରେ ନଥାଇବି ଦିନେ କର୍ମମନ୍ଦିରରେ ଚିରଭାସ୍ୱର ହେବାକୁ ଆହ୍ୱାନ ଦେଇଛନ୍ତି ମାନବକୁଳକୁ। ପୁନଶ୍ଚ କର୍ମରେ ନିଷ୍ଠା, ଶୃଙ୍ଖଳାରକ୍ଷା ସହ ଅନୀତିପଥରୁ ନିବୃତ୍ତି ରହିବା ହିଁ ସତ୍‌କର୍ମର ପରିଚୟ। ଛୋଟରୁ ବଡ଼ ଯାଏଁ ସମସ୍ତଙ୍କର ଯେକୌଣସି କର୍ମରେ ସାଧୁତା ନରହିଲେ ସେ କର୍ମ କୀର୍ତ୍ତିସ୍ତମ୍ଭ ନିର୍ମାଣ କରିପାରେନାହିଁ। ଅଧିକ ବିଷୟାସକ୍ତ ମନୋବୃତ୍ତି, ଅନୀତିର ପଥ ଅନ୍ୱେଷଣ କରାଏ। ଏତିକିବେଳେ ଆତ୍ମସଚେତନତା ଜରୁରି। ଜୀବନ ଯେ ଚିରସ୍ଥାୟୀ ନୁହେଁ, ଏହା ଅଳୀକ, କେତେବର୍ଷର ଲୀଳାଖେଳା ଏ ମର୍ତ୍ତ୍ୟଭୂମିରେ, ଏହି ଅସଲ କଥାଟିକୁ ବୁଝିନେଲେ, ଅନୀତିର ପଥରେ ଅଗ୍ରସର ହେବାର ମୋହ ଗ୍ରାସ କରନ୍ତାନାହିଁ। ସେଥିପାଇଁ ଅର୍ଥରୋଜଗାରସର୍ବସ୍ୱ ଶିକ୍ଷା ବ୍ୟବସ୍ଥା ଭିତରେ ଆମକୁ ଜୀବନମୁକ୍ତିର ଏବଂ ବିଷୟାସକ୍ତ ମନୋବୃତ୍ତିରୁ ନିବୃତ୍ତି ରହିବାର ନୈତିକଶିକ୍ଷା ପ୍ରଚଳନକୁ ଅଗ୍ରାଧିକାର ଦେବାର ମାନସିକତା ପୋଷଣ କରିବାକୁ ପଡ଼ିବ। ଥରେ ଏହି ଅନିତ୍ୟ କ୍ଷଣଭଙ୍ଗୁର ସଂସାରରେ ଜିଇଁବାର କଥାଟି ହେଜିଗଲେ ମଣିଷ ନିଷ୍ଠାର ମନ୍ଦିରର ପୂଜାରୀ ହୋଇଯିବ। ଯାହା ସମଗ୍ର ସଂସାର ପାଇଁ କର୍ତ୍ତବ୍ୟ ସଂପାଦନ ହିଁ ସହାବସ୍ଥାନର ମୂଳମନ୍ତ୍ର ହେବ।

♥ ସୂନାରୂଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ) ୯୪୩୭୦୮୯୨୪୧

॥ ଚିନ୍ତା ଓ ଚେତନା ॥

# ଶାନ୍ତି ଖୋଜୁଥିବା ହେ ମଣିଷମାନେ

ଡକ୍ଟର ଲକ୍ଷ୍ମଣ ସାହୁ

ବର୍ତ୍ତମାନର ସମୟରେ ସମସ୍ତେ ଶାନ୍ତି ଚାହୁଁଛନ୍ତି । ଶାନ୍ତିର ସନ୍ଧାନରେ ସତସଙ୍ଗ ଠାରୁ ଆରମ୍ଭ କରି ଧାର୍ମିକ ସ୍ଥାନ ପର୍ଯ୍ୟନ୍ତ । ଧର୍ମ ପୁସ୍ତକର ଜ୍ଞାନଠାରୁ ଆରମ୍ଭ କରି ଯୋଗ କିମ୍ବା ଧ୍ୟାନ ପର୍ଯ୍ୟନ୍ତ । ସବୁକିଛି କରିବା ପରେ ମଧ୍ୟ ମନରେ ଅସ୍ଥିରତା ଏଭଳି ଉପାୟରେ ବଢିଯାଏ, ଯାହା ସହଜରେ ଯାଏ ନାହିଁ । ବେଳେବେଳେ ଏଠାରେ କ'ଣ କରିବା କେଉଁ କାର୍ଯ୍ୟ କରିବା, ଲୋକମାନେ ବୁଝିବାକୁ ସକ୍ଷମ ନୁହଁନ୍ତି । ଯଦି ସେମାନେ ଜୀବନରେ ଶାନ୍ତି ପାଇବାକୁ ଚାହାଁନ୍ତି ତେବେ ସେମାନେ କ'ଣ କରିବେ ? ବହୁତ ବଡ ପ୍ରଶ୍ନର ବହୁତ ଛୋଟ ଉତ୍ତର ଅଛି । ଏହା ସ୍ୱଷ୍ଟ ଯେ ଉତ୍ତରଗୁଡ଼ିକ ମଧ୍ୟ ତୁମ ସହିତ ଅଛି ।

ଆବଶ୍ୟକତା ହେଉଛି ସେମାନଙ୍କୁ ଜାଣିବା ଓ ବୁଝିବା । ଯେପରି ଆମେ ସର୍ବୋପରି ଭଗବାନଙ୍କ ସନ୍ଧାନରେ ତୀର୍ଥସ୍ଥାନ, ଶ୍ରଦ୍ଧା ସହିତ ସତସଙ୍ଗକୁ ଯିବା । ସେମାନେ ଜାଣନ୍ତି ନାହିଁ ଯେ ସେ ପ୍ରକୃତରେ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଓ କାନ୍ଦୁଥିବା ବ୍ୟକ୍ତିଙ୍କୁ ହସେଇବାରେ ଉପସ୍ଥିତ ଅଛନ୍ତି । ପ୍ରକୃତ କଥା ହେଉଛି ଯେଉଁ ଆତ୍ମା ?? ଯେଉଁଥିରେ ଆମେ ଈଶ୍ୱରଙ୍କ ସନ୍ଧାନରେ ଆମର ଭକ୍ତି ଭାବ ଅର୍ପଣ କରୁ, ତାହା ଆମ ଭିତରେ ଅଛି । ତାହା ହେଉଛି ଏକ ସେହି ଚିତ୍ରଗୁଡ଼ିକ ହୃଦୟର ଦର୍ପଣରେ ଅଛି । ମଣିଷ, ଯେତେବେଳେ ତୁମେ ବେଳକୁ ପ୍ରଣାମ କରିବ । ସେହିଭଳି ଶାନ୍ତି ପାଇବା ପାଇଁ କୌଣସି ଆଉ ସେଭଳି ବଡ଼ ରହସ୍ୟ ନାହିଁ ।

ପ୍ରଥମ ରହସ୍ୟ ହେଉଛି ଆପଣ ଆପଣଙ୍କ ଆବେଗକୁ ବଞ୍ଚାଇ ରଖିବାବେଳେ ଯାହା କରିବାକୁ ପଡିବ ତାହା କରନ୍ତୁ । କିଏ କ'ଣ କୁହନ୍ତି ନା କାହିଁକି, ଏଠାରେ ଜଣଙ୍କର ବୟସ କିମ୍ବା ଶାରୀରିକ ଅବସ୍ଥା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ହଁ, ଏହା ନିଶ୍ଚିତ ଯେ ଯାହା ବି ହେଉ, କାହାର ସାମର୍ଥ୍ୟକୁ ସାମ୍ନାରେ ରଖିବା ଉଚିତ୍ । ଏକଦା ବିଶ୍ୱ ଅଶ୍ୱ ଦୌଡ଼ରେ ଜିତିଥିବା ବିଜେତାକୁ ଉତ୍ସାହର ସହିତ ପଚରାଯାଇଥିଲା ଯେ ସେ ବିଜୟ ପାଇଁ କଣ କରିଛନ୍ତି । ସେତେବେଳେ ପ୍ରଶ୍ନକର୍ତ୍ତା ଜାଣିବାକୁ ପାଇଲେ ଯେ ସେ ବଧିର ଥିଲେ । ତାଙ୍କର ବିଜୟ ହେଉଛି ଦୌଡ଼ ସମୟରେ କୋଳାହଳ କିମ୍ବା ଚିତ୍କାର ନକରି ସମସ୍ତଙ୍କୁ ତାଙ୍କ ଲକ୍ଷ୍ୟ ଉପରେ ଧ୍ୟାନ ଦେବାର ଫଳାଫଳ । କିଏ ଆମ ପାଇଁ କ'ଣ କହୁଛନ୍ତି ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ନୁହେଁ ।

ଆମର ବିଜୟ କିମ୍ବା ପରାଜୟ ଅନ୍ୟମାନଙ୍କୁ ପ୍ରଭାବିତ କରିବ ନାହିଁ । ଆମେ ଓ ଆମର ପ୍ରିୟଜନମାନେ ଏକ ପରିବର୍ତ୍ତନ ଆଣିବା ଅନ୍ୟ ଏକ ରହସ୍ୟ ହେଉଛି ଆଶା ଓ ଅବହେଳାକୁ ଖାତିର ନକରି ବଞ୍ଚିବାକୁ ଚେଷ୍ଟା କରିବା । ବାହ୍ୟ ଜଗତ ଆମ ଭିତରର ଆତ୍ମ ଅପେକ୍ଷା ଅଧିକ ପ୍ରଭାବିତ କରେ । ଏହା କଷ୍ଟସାଧ୍ୟ, କିନ୍ତୁ ନିରନ୍ତର ପ୍ରୟାସ କରାଯିବା ଉଚିତ ଯେ ଅନ୍ୟମାନଙ୍କ ଦ୍ୱାରା କରାଯାଉଥିବା ଅବହେଳା ଦ୍ୱାରା ଆମେ କେବେ ବିଭ୍ରାନ୍ତ ହେବା ନାହିଁ । ସେହିଭଳି ଯଦି ଅନ୍ୟମାନଙ୍କଠାରୁ ଆଶା ସର୍ବନିମ୍ନ ରଖାଯାଏ, ତେବେ ଆଶା ପୂରଣ ଅସମ୍ଭବ ହୋଇପାରେ ।

ଏହା ଆପଣଙ୍କୁ ବ୍ରେକଡାଉନ୍ ନହେବା ପାଇଁ ଏକ ସୁଯୋଗ ଦେଇଥାଏ । ସେହିଭଳି, ଜଣେ ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ଅଣଦେଖା କରିବା ମଧ୍ୟ ଅନ୍ୟାୟ । କେଉଁଟି ଉପଯୁକ୍ତ ଓ ଅନୁପଯୁକ୍ତ ସେହି ଆଚରଣ କିମ୍ବା ସ୍ୱଭାବକୁ ନିଜର ବ୍ୟକ୍ତିତ୍ୱର ଅଭାବ ଭାବରେ ରେକର୍ଡ କରାଯିବା ଉଚିତ୍ । ସେହି ସମୟରେ କାହାକୁ ଅଣଦେଖା କରିବାକୁ ଅତିରିକ୍ତ ଶକ୍ତି ଖର୍ଚ୍ଚ କରିବାକୁ ପଡିବ, ଯାହା କ୍ୱଚିତ୍ ହାସଲ ହୁଏ । ସତ୍ୟ ହେଉଛି ଉଭୟ ଆଶା ଓ ଅବହେଳା ଆମର ଶାନ୍ତି ମାର୍ଗରେ ବାଧା ଅଟେ । ତେଣୁ ଏହା ଆବଶ୍ୟକ ଯେ ହୃଦୟ ଓ ମନ ଏକ ଭାର ସହିତ ନିଜ ସାମ୍ନାରେ ଅନାବଶ୍ୟକ ଭାବରେ ବହନ କରାଯିବା ଉଚିତ୍ ନୁହେଁ ।

ଚିନ୍ତା କରିବାର ଯଥେଷ୍ଟ ଆବଶ୍ୟକତା ଅଛି । ଯଦିଓ ଆମ ମୁଣ୍ଡରେ କିମ୍ବା କାନ୍ଧରେ ପଥରରେ ପରିପୂର୍ଣ୍ଣ ପଥର ସହିତ ଯାତ୍ରା କରିବାକୁ ପଡିବ, ତେବେ ଆମେ ନକାରାତ୍ମକ ଚିନ୍ତାଧାରା ଭାର ବିଷୟରେ ଚିନ୍ତାରୁ ମୁକ୍ତି ପାଇ ପାରିବୁ ନାହିଁ । ଅପରପକ୍ଷେ, ଯଦି ଆମର ପ୍ରତିବଦଳରେ ଆମ ମୁଣ୍ଡରେ କିମ୍ବା କାନ୍ଧରେ ସୁଗନ୍ଧିତ ଫୁଲ ଥାଏ, ତେବେ ସେମାନଙ୍କର ସୁଗନ୍ଧ ଏବଂ ହାଲୁକା ଦ୍ୱାରା, ଗନ୍ତବ୍ୟ ସ୍ଥଳ କେବେ ଆସିବ ଆମେ ମଧ୍ୟ ଜାଣିପାରିବା ନାହିଁ । ଛୋଟ ଜିନିଷରେ ସୁଖ ମିଳିପାରେ । ଯଦି ପକେଟରେ ଚକୋଲେଟ୍ ବଣ୍ଟନ କରାଯାଇ ଗରିବ ପିଲାମାନଙ୍କୁ ବଣ୍ଟନ କରାଯାଏ, ତେବେ ଏଥିରୁ ମିଳିଥିବା ସୁଖକୁ ବୁଝାଇବା କଷ୍ଟକର ହେବ ।

ମନ୍ଦିର, ମସଜିଦ ବା ଗ୍ରୀଜାର ନିକଟ ଦୂରରେ କାନ୍ଦୁଥିବା ପିଲାକୁ ହସାଇବାକୁ ଚେଷ୍ଟା କରିବା । ସକାଳେ ଚାଲିବାବେଳେ, ଯେତେବେଳେ ଆମେ ଘରୁ ବାହାରକୁ ଆସିଥାଉ, ରାସ୍ତା ସଫା କରୁଥିବା ଶ୍ରମିକମାନଙ୍କୁ ପ୍ରଶଂସା କରି ଦୁଇଟି ଶବ୍ଦ କହି ସେମାନଙ୍କ ପରିବାର ସଦସ୍ୟଙ୍କ ଅବସ୍ଥା ପଚାରିପାରିବା । ଆମେ ଜାଣି ନ ଥାଉ କି ଆମେ ଜାଣିଶୁଣି ତାଙ୍କୁ କେତେ ସୁଖ ଦେଉଛୁ ଓ ପ୍ରତିବଦଳରେ ଆମେ ନିଜ ପାଇଁ କେତେ ଆରାମ ପାଉଛୁ । ସେହିଭଳି ଯେକୌଣସି ବିଷୟ ଉପରେ ତୁରନ୍ତ ଭଲ କିମ୍ବା ମନ୍ଦ ପ୍ରତିକ୍ରିୟା ପ୍ରକାଶ କରିବା ଅନାବଶ୍ୟକ । ଯଦି ଆପଣ କିଛି ସମୟ ଅଟକିବା ଓ ଚିନ୍ତା କରିବା ପରେ ଆପଣଙ୍କର ପ୍ରତିକ୍ରିୟା ଦିଅନ୍ତି, ତେବେ ଏହାର ଫଳାଫଳ ଅନ୍ୟ କିଛି ଭଲ ହୋଇପାରେ ।



କାହାର କଥାବାର୍ତ୍ତା ହେଉ କିମ୍ବା ଆପଣଙ୍କ କ୍ରୋଧରେ ହେଉ କିମ୍ବା ଅନ୍ୟ କୌଣସି ଘଟଣାରେ, ଶୀଘ୍ର ଭଲ କିମ୍ବା ମନ୍ଦ ପ୍ରତିକ୍ରିୟା ବେଳେବେଳେ ଏହାର ବିପରୀତ ପ୍ରଭାବ ପକାଇପାରେ । ଯାହା ଚାପର କାରଣ ହୋଇପାରେ । ଏହା କେବେ ଲେଖାଯାଇଥିଲା କି ଏପରି ପ୍ରଶ୍ନ ନାହିଁ, ଯାହାକୁ ନେଇ ସମାଧାନ ହୋଇପାରିବ । ଦୁଃଖଦ ଦିନ ସୁଖରେ ପରିଣତ ହେବ । ଯଦି ଆଜି ନୁହେଁ, ତେବେ ଆସନ୍ତାକାଲି ହୋଇପାରେ । କାଲି କାହିଁକି, ଆଜି ଓ ବର୍ତ୍ତମାନ କାହିଁକି ନୁହେଁ?

ସତରେ ଶାନ୍ତି ଟିକିଏ ପାଇବା ପାଇଁ କିଛି ଛୋଟ ଛୋଟ କଥା ଗ୍ରହଣ କରିବାର ଆବଶ୍ୟକତା ଅଛି, ତା'ହେଲେ ଆମେ ଆମର ପ୍ରଶ୍ନର ଉତ୍ତର ଓ ନିଜେ ଆମର ସମସ୍ୟାର ସମାଧାନ କରି ପାରିବା...!!!

♥ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪
(ମୋ)- ୯୦୪୦୧୫୧୪୭୫

ଆଲୋଚନା

# ଓଡ଼ିଶାରେ ରହିଛି ୩୦୨୯ଟି ଶ୍ରୀଜଗନ୍ନାଥ ମନ୍ଦିର

ବାଦଲ ଭୂୟାଁ

ଶ୍ରୀ ଶ୍ରୀ ଜଗନ୍ନାଥ ସମଗ୍ର ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ଭାବେ ପରିଚିତ । ଘରେ ଘରେ ଜଗନ୍ନାଥଙ୍କ ପ୍ରତିମା ଏବଂ ଫଟୋ ପୂଜା କରାଯାଇଥାଏ । ଏହି ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ସ୍ଥାନ ପାଇଥାଆନ୍ତି ଶ୍ରୀ ଜଗନ୍ନାଥ । ଆଉ ଜଗନ୍ନାଥ ଦେଶରେ ଘର ହୋଇଥିବାରୁ ବିପଦ ଆପଦକୁ ଭୟ ନଥାଏ ଓଡ଼ିଶାବାସୀଙ୍କର । ପୁରୀ ଶ୍ରୀମନ୍ଦିର ଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ହୋଇଥିଲେ ସବୁଦିନ ପୁରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସମ୍ଭବ ନୁହେଁ ବୋଲି ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଗଢ଼ି ଉଠିଛି ଅନେକ ଜଗନ୍ନାଥ ମନ୍ଦିର । ପୁରୀକୁ ସିନା ସବୁଦିନ ଯାଇ ପାରିବେ ନାହିଁ ମାତ୍ର ହାତପାଆନ୍ତାରେ ଥିବା ନିଜ ଆପଣାର ଦିଅଁଙ୍କୁ ତ ଆଖି ପୁରେଇ ଦେଖିହେବ । ସେଇଠି ବସି ଚକାଆଖିକୁ ସବୁ ସୁଖ ଦୁଃଖ ଜଣାଇ ହେବ । ନିଜର ଆରାଧ୍ୟ ଦେବତାଙ୍କ ପ୍ରତି ଥିବା ଏହି ଭଲ ପାଇବା ଯୋଗୁଁ ରାଜ୍ୟର କୋଣ ଅନୁକୋଣରେ ଗଢ଼ି ଉଠିଛି ଦିଅଁଙ୍କ ମନ୍ଦିର । ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ସମଗ୍ର ଓଡ଼ିଶାରେ ଶ୍ରୀ ଜଗନ୍ନାଥଙ୍କର ରହିଛି ୩୦୨୯ଟି ମନ୍ଦିର । ଭକ୍ତିର ସ୍ରୋତ ଏତେ ପ୍ରଖର ହୋଇଛି ଭକ୍ତଙ୍କ ପାଖରେ ଯେ, ପଥରର ମନ୍ଦିର ତୋଳାଇ ପାରିନି ବୋଲି ହରି ଯାଇନି ଭକ୍ତ । କେଉଁଠି ନଡ଼ା ଛପରର ମନ୍ଦିରରେ ପୂଜା ପାଉଛନ୍ତି ଦିଅଁତ କେଉଁଠି ଟାଇଲ ଛପର ଘରେ ମୂର୍ତ୍ତି ପୂଜା ପାଉଛନ୍ତି ଶ୍ରୀ ଜଗନ୍ନାଥ ।

ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଗବେଷଣା ଅଧିକାରୀ ଡଃ. ସୁରେନ୍ଦ୍ର କୁମାର ମିଶ୍ର ଦୀର୍ଘ ଦିନ ଧରି ଏ ସମ୍ପର୍କରେ ଗବେଷଣା କରିବା ପରେ ଏହି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସବିଶେଷ ତଥ୍ୟ ମିଳିବା ପରେ ଏନେଇ ଏକ ଗ୍ରନ୍ଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶ ହେବ । ଡଃ. ମିଶ୍ର ପ୍ରକାଶ କରିଛନ୍ତି ଯେ ୩୦ଟି ଜିଲ୍ଲା ମଧ୍ୟରୁ ସବୁଠାରୁ ଅଧିକା ମନ୍ଦିର ଗଞ୍ଜାମ ଜିଲ୍ଲାରେ ଅଧିକ ମନ୍ଦିର ଥିବାବେଳେ ମାଲକାନାଗିରି ମନ୍ଦିରରେ ସବୁଠାରୁ କମ୍ ସଂଖ୍ୟକ ଜଗନ୍ନାଥ ମନ୍ଦିର ରହିଛି । ଏହି ଦୁଇଟି ଜିଲ୍ଲାରେ ଯଥାକ୍ରମେ ୩୩୭ ଓ ୮ଟି ମନ୍ଦିର ରହିଛି । ଏହି କ୍ରମରେ ଦ୍ୱିତୀୟ ସ୍ଥାନରେ ରହିଛି ସମ୍ବଲପୁର ଜିଲ୍ଲା । ଜିଲ୍ଲାରେ ରହିଛି ମୋଟ୍ ୨୭୬ଟି ମନ୍ଦିର । ସମୁଦାୟ ୧୧ଟି ଜିଲ୍ଲାରେ ୧୦୦ରୁ ଉର୍ଦ୍ଧ୍ୱ ଓ କଟକ ଜିଲ୍ଲାରେ ଯଥାକ୍ରମେ ୨୧୬ ଓ ୨୪୪ଟି ଶ୍ରୀଜଗନ୍ନାଥ ମନ୍ଦିର ରହିଛି ।


ସମଗ୍ର ପଶ୍ଚିମ ଓଡ଼ିଶାରେ ସମ୍ବଲପୁର ଜିଲ୍ଲା ପ୍ରଥମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ରହିଛି ବଲାଙ୍ଗିର ଜିଲ୍ଲା । ଏହି ଜିଲ୍ଲାରେ ୧୯୩ଟି ଜଗନ୍ନାଥ ମନ୍ଦିର ରହିଛି । ସେହିପରି ବରଗଡ଼ ଜିଲ୍ଲାରେ ୧୬୮ଟି ମନ୍ଦିର ରହିଥିବାବେଳେ ବୌଦ୍ଧ ଜିଲ୍ଲାରେ ୫୫ଟି ଓ ସୁବର୍ଣ୍ଣପୁର ଜିଲ୍ଲାରେ ୫୭ଟି ମନ୍ଦିର ରହିଛି । ସେହିପରି ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରୁ ଜଗତ୍‌ସିଂହପୁରରେ ସର୍ବାଧିକ ୧୫୨ଟି, ଯାଜପୁରରେ ୧୨୨ଟି ଓ ବାଲେଶ୍ୱର ଜିଲ୍ଲାରେ ୧୧୪ଟି ମନ୍ଦିର ରହିଥିବାବେଳେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ୧୦୯ଟି ଜଗନ୍ନାଥ ମନ୍ଦିର ରହିଛି । ପୁରୀ ଶ୍ରୀମନ୍ଦିର ବ୍ୟତୀତ ବିନିକା ଶ୍ରୀଜଗନ୍ନାଥ ମନ୍ଦିର ସର୍ବ ପୁରାତନ । ଏହା ୧୨୩୦ ମସିହାରେ ନିର୍ମିତ ହୋଇଥିବାବେଳେ ପାଟଣାଗଡ଼ ମନ୍ଦିର ୧୩୫୦ ମସିହାରେ ନିର୍ମିତ ହୋଇଥିଲା ବୋଲି ଡଃ. ମିଶ୍ର ପ୍ରକାଶ କରିଛନ୍ତି ।



♥ ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

ପଢ଼ିବା ପରେ...

# ମଝିକାନ୍ଥ ...




ଜଣେ ନିରଳସ ସାହିତ୍ୟ ସାଧକ ହେଲେ ଶିବାଶିଷ ପାଢ଼ୀ। ଏକକାଳୀନ ଉଭୟ ଶିକ୍ଷା ଓ ସାହିତ୍ୟକୁ ଜୀବନର ବ୍ରତ ଭାବରେ ଗ୍ରହଣକରି ସୃଷ୍ଟି କରିଛନ୍ତି ରାଶି ରାଶି ଗଳ୍ପ। ଓଡ଼ିଆ ବାଣୀଭଣ୍ଡାରକୁ ପୂର୍ବରୁ ଚାରୋଟି ଗଳ୍ପ ସଂକଳନ ଉପହାର ଦେଇଥିବା ଶ୍ରୀଯୁକ୍ତ ପାଢ଼ୀଙ୍କର ସଦ୍ୟତମ ସଂକଳନ ହେଉଛି 'ମଝିକାନ୍ଥ'। ବହିଟିକୁ ଜଗତସିଂହପୁରର ଶାନ୍ତିସେନା ପ୍ରକାଶନ ଛାପିଛନ୍ତି।

ପ୍ରଥମ ଗଳ୍ପ 'ଘର ନମ୍ବର ଦଶ' ଗୋଟିଏ ପିତୃହୀନ ଝିଅର ସଂଘର୍ଷର କାହାଣୀ ଯାହାର ମା' ପରକୀୟା ପ୍ରୀତିରେ ଲିପ୍ତ ବୋଲି ଅଭିଯୋଗ କରନ୍ତି ପଡ଼ୋଶୀ। ଝିଅଟି କିନ୍ତୁ ସେ ସବୁ ପ୍ରତି ଦୃଷ୍ଟି ନଦେଇ ପାଠ ପଢ଼ାରେ ମନୋନିବେଶ କରେ ଆଉ ଶେଷରେ ବ୍ୟାଙ୍କ ଅଧିକାରୀ ଚାକିରୀ କରି ସମସ୍ତଙ୍କ ମୁହଁରେ ତାଲା ପକେଇ ଦେବାକୁ ସକ୍ଷମ ହୁଏ।

'ମାମୁ' ଗପ ମାନବିକତାର ଜୟଗାନ କରେ। ଗପର ମୁଖ୍ୟ ଚରିତ୍ର ହେମ ଅପା ସ୍ୱଳ୍ପ ବେତନଭୋଗୀ କର୍ମଚାରୀ। ଅଚାନକ ଦିନେ ତା ପୁଅ ଅସାଧ୍ୟ ରୋଗର ଶିକାର ହେବାର ଜଣାପଡ଼େ ଆଉ ତା'ର ଅପେରସନ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଦରକାର ହୁଏ। ଭାଙ୍ଗି ପଡ଼େ ହେମ ଅପା। ସବୁ ଆଡୁ ନିରାଶ ହୋଇ ପୁଅ ପାଖକୁ ଫେରି ଯାଉଥିବା ବେଳକୁ ଦେଖେ ପୁଅ ମେଡିକାଲ ବେଡ୍‌ରେ ନଥାଏ। ସେ ଆଶ୍ଚର୍ଯ୍ୟ ହୁଏ ଯେତେବେଳେ ଜାଣେ କେହି ପାଞ୍ଚ ଲକ୍ଷ ଜମା କରିଦେଇଛି ଆଉ ସେମାନେ ହେଉଛନ୍ତି ତା ସହକର୍ମୀ।

ପିଲାମାନେ ସ୍ୱାର୍ଥପର ହୋଇ ପାରନ୍ତି, ବାପ ମା' ଙ୍କୁ ଅଣଦେଖା କରି ପାରନ୍ତି ମାତ୍ର ବାପଟିଏ ଆଉ ତା'ର ପ୍ରେମ ପିଲାମାନଙ୍କ ପାଇଁ ବଦଳେ ନାହିଁ। ସେଥିପାଇଁ ବାପାର ହୃଦୟ ଆକାଶଠୁଁ ବିଶାଳ ବୋଲି କୁହାଯାଏ। ବାଇକ ଲୋନ କିସ୍ତି ସୁଝି ନପାରି ଫୋନ୍ ଅଫ୍ କରି ଆତ୍ମଗୋପନ କରିଥିବା ଅବକାଶ ସାମୟିକ ଭାବରେ ବଂଚିଯାଏ ସିନା ଘରେ ବେଜ୍ଜିତ ହେଉଥାଏ ପତ୍ନୀ। ଶେଷରେ ଅବକାଶର ବାପା ଗାଡ଼ିର ବକେୟା କିସ୍ତି ପାଞ୍ଚ ହଜାର ଦେଇଦିଅନ୍ତି, ସେ କିନ୍ତୁ ଭୁଲି ଯାଇଥିଲେ ବୋହୂ ପୂର୍ବରୁ ତାଙ୍କ ପ୍ରତି କରିଥିବା ଦୁଃବ୍ୟବହାର। ଅବକାଶ ସଞ୍ଜକୁ ଫେରି ବାପ ଗୋଡ଼ ହାତ ଧରି ବହେ କାନ୍ଦିଥିଲା। ଏମିତି ଏକ ସମ୍ବେଦନଶୀଳ କାହାଣୀ ବହିର ଶୀର୍ଷକ ଗଳ୍ପ 'ମଝିକାନ୍ଥ'।

ବେଳେବେଳେ ରକ୍ତ ସମ୍ପର୍କଠୁଁ ଆହୁରି ଦୃଢ଼ଥାଏ କିଛି ସମ୍ପର୍କ। ସେମିତି ଏକ ସମ୍ପର୍କର କଥା କହେ 'ଶେଷସୀମା'। ସନତ ପରି ଅଭାବୀ ଲୋକଟିଏ ସହ ଜୀବନ ରାସ୍ତାରେ ଭେଟ ହୁଅନ୍ତି ଅବସରପ୍ରାପ୍ତ ଓଏଏସ ଅଧିକାରୀ ଜଣେ, ଯାହାଙ୍କ ପିଲାମାନେ ବିଦେଶରେ ପ୍ରତିଷ୍ଠିତ। ଦୁହିଁଙ୍କ ଭିତରେ ଅନ୍ତରଙ୍ଗତା ବଢ଼େ ଆଉ ସମ୍ପର୍କ ବାପ ପୁଅ ପରି ନିବିଡ଼ ହୋଇଯାଏ। ଦିନେ ଅଚାନକ ବୃଦ୍ଧଙ୍କର ମୃତ୍ୟୁ ହୁଏ ଆଉ ତାଙ୍କ ପିଲାମାନେ ସନତଙ୍କୁ ତାଙ୍କ ଘରୁ ବାହାର କରି ଦିଅନ୍ତି। ଶେଷକୁ ଜଣା ପଡ଼େ ସନତ ହିଁ ତାଙ୍କ ଉତ୍ତରାଧିକାରୀ ବୃଦ୍ଧଙ୍କର ଶେଷ ଇଚ୍ଛା ପତ୍ର ଅନୁଯାଇ।

ବାପ ପୁଅ ସମ୍ପର୍କକୁ ଆଉ ଦୁଇଟି ଭିନ୍ନ କାହାଣୀ ରହିଛି। ଯେଉଁଠି ବାପଟିଏ ମଦ୍ୟପ ହେଲେ ସୁଦ୍ଧା ପୁଅଟିଏ ହୃଦୟରେ ବାପ ପ୍ରତି ଯଥେଷ୍ଟ ସମ୍ମାନ ରହିଛି। ବାପାର ଇଜ୍ଜତ ହାନୀ କେହି କରିବା ଅସହ୍ୟ ତା ପାଇଁ ଏପରିକି ଭାବୀ ଶଶୁର ବି ନୁହେଁ। ସେଥିପାଇଁ ଆଶୁତୋଷ ଅନୁପ୍ରିୟା ପରି ସୁନ୍ଦରୀ ଝିଅର ପ୍ରେମକୁ ବି ପ୍ରତ୍ୟାଖାନ କରିପାରେ। ସେମିତି ଏକ ଗପ 'ଭାଗ୍ୟ ଦୋଷ'।

'ନୂଆଚପଲ'ର କାହାଣୀ ଟିକେ ନିଆରା। ରୋଜଗାର କରିବାର ବୟସକୁ ଛୁଇଁ ନଥିବା ପୁଅଟିଏ ବି ବାପାର ଛୋଟ ଛୋଟ ଖୁସିର ଖୟାଲ ରଖିପାରେ। ଅଭାବୀ ନିତ୍ୟାନନ୍ଦ ନିଜ ପାଇଁ ଭଲ ଚପଲ ହଳେ କିଣି ପିନ୍ଧି ପାରନ୍ତି ନାହିଁ। ଦିନେ ଅଚାନକ ତାଙ୍କର କଲେଜ ପଢୁଆ ପୁଅ ନୂଆ ଚମଡା ଚପଲ ହଳେ ପାଇଁ ଜିଦି କରିଲା। ପୁଅର ଜିଦି ଆଗରେ ମୁଣ୍ଡ ନୁଆଇଁ ଥିଲେ ସେ। ଶେଷରେ ଜଣା ପଡ଼େ ପୁଅର ଜିଦି ତା ନିଜ ପାଇଁ ନଥିଲା। ବାପାର ଛିଣ୍ଡା ଚପଲ ସେ ଦେଖି ସହି ପାରୁ ନଥିଲା। ତା ନିଜ ପାଇଁ ନୂଆ ଚପଲ ଆସିଲା ପରେ ତା ବାପା ତା ପୁରୁଣା ଚପଲ ହଳକ ପିନ୍ଧିବେ, ଏମିତି ବିଶ୍ୱାସ ଥିଲା। ଗପଟି ପାଠକର ହୃଦୟ ଭିଜେଇ ଦେବାକୁ ସମର୍ଥ।

ଆଇ ମା କାହାଣୀ ପେଡ଼ି ପରି ଶିବାଶିଷଙ୍କ ଗପର ଧାଡ଼ି ସବୁ ଲମ୍ବିଥିବ। କାରଣ 'ମଝିକାନ୍ଥ'ର କ୍ଷୁଦ୍ର କଳେବର ଭିତରେ ରହିଛି ଛତିଶ ପାଖାପାଖି ଗଳ୍ପ। ଦୁଇ ତିନି ପୃଷ୍ଠା ଭିତରେ ସୀମିତ ଗଳ୍ପ ଗୁଡ଼ିକ ଜଣେ ଏକା ନିଃଶ୍ୱାସକେ ପଢ଼ି ଦେଇ ପାରିବ। ତାଙ୍କର ଗଳ୍ପଗୁଡ଼ିକ ସାଧାରଣ ମନେ ହେଉଥିଲେ ହେଁ ଅସାଧାରଣ ଢଙ୍ଗରେ ପରସି ସେ ପାଠକମାନଙ୍କ ଶ୍ରଦ୍ଧା ସାଉଁଟିଛନ୍ତି। ଅଧିକାଂଶ ଗପ ମଣିଷର ଦୈନନ୍ଦିନ ଜୀବନର ଦୁଃଖ ଦୁର୍ଦ୍ଦଶା, ଯନ୍ତ୍ରଣା, ମାନସିକ ଦ୍ୱନ୍ଦ୍ୱ ଏବଂ ସେଗୁଡ଼ିକର ସଫଳ ସମାଧାନର ବାଟ ବତେଇଛନ୍ତି ଗାଳ୍ପିକ। ତାଙ୍କର ପୂର୍ବ ଚାରିଟି ସଂକଳନ ପରି ଏ ସଂକଳନ ପାଠକୀୟ ଶ୍ରଦ୍ଧା ଲାଭ କରିବାର ଆଶା କରାଯାଏ। ♥



ସମୀକ୍ଷା :
ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ନ 'ଦି ବୋଟ ବୟ' ଏବଂ 'ରଙ୍ଗଭୂମି' ନାଟକ ମଞ୍ଚସ୍ଥ



ପାରାଦ୍ୱୀପ , ୨୨/୩ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଦୁଇଟି ମନମୁଗ୍ଧକର ନାଟକ । ଦକ୍ଷିଣ ଭାରତ ଓ ପଶ୍ଚିମ ଓଡ଼ିଶାର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନଠାରେ ଦର୍ଶକମାନେ ବେଶ ଉପଭୋଗ କରିଥିଲେ । କେରଳର କୋଚିରୁ ଆସିଥିବା ଲୋକଧର୍ମୀ ନାଟକ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରଦାଶନଙ୍କ ନିର୍ଦ୍ଦେଶିତ ମାଲାୟାଲାମ ଭାଷାର ନାଟକ ' ଈଦି ବୋଟ ବୟ ' ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ଉପରେ ଆଧାରିତ । ବାଜି ରାଉତ ହେଉଛନ୍ତି ସବୁଠାରୁ କମ ବୟସ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ସହିଦ । ରାତ୍ର ସମୟରେ ଇଂରେଜମାନେ ଯେତେବେଳେ ତାଙ୍କୁ ନୌକା ମାଧମରେ ବ୍ରାହ୍ମଣୀ ନଦୀ ପାରି କରିଦେବା ପାଇଁ ଆଦେଶ ଦେଇଥିଲେ, ସେତେବେଳେ ୧୨ ବର୍ଷର ବାଜି ରାଉତ ସାହସିକତାର ସହିତ ସେମାନଙ୍କୁ ମନା କରିଦେଇଥିଲେ, ଯାହାଦ୍ୱାରା ଖୁବ କମ ବୟସରୁ ତାଙ୍କୁ ନିଜର ମାତୃଭୂମି ପାଇଁ ଇଂରେଜ ମାନଙ୍କ ବନ୍ଧୁକ ଗୁଳିରେ ନିଜ ଜୀବନ ହରାଇବାକୁ ପଡିଥିଲା । ୧୨ ବର୍ଷର ଏହି କୁନି ସହିଦର ଜୀବନ କାହାଣୀକୁ ଅତି ସୁନ୍ଦର ଭାବେ ଲୋକଧର୍ମୀ ଅନୁଷ୍ଠାନର ଶିଶୁକଳାକାରମାନେ ନିଜର ବଳିଷ୍ଠ ଅଭିନୟ ଦ୍ୱାରା ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଥିଲେ ଓ ପ୍ରମାଣିତ କରିଥିଲେ କି ସେତେବେଳେ ଯଦି ଏପରି ସ୍ୱାଧୀନଚେତା ବ୍ୟକ୍ତି ବିଶେଷ ନଥାନ୍ତେ ହୁଏତ ଆମ ଦେଶ ସ୍ୱାଧୀନତାର ସ୍ୱାଦ ଚାଖି ପରି ନଥାନ୍ତା । ଚତୁର୍ଥ ସଂଧାର ଦ୍ୱିତୀୟ ନାଟକ ଭାବେ 'ଦି ଲୁ', ପଦମପୁର, ଓଡିଶାରୁ ଆସିଥିବା ସମ୍ବଲପୁରୀ ନାଟକ ' ଈରଙ୍ଗଭୂମିଈ ' ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା । ନିର୍ଦ୍ଦେଶକ ଜଗନ୍ନାଥ ସେଠଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକଟି ଅନ୍ଧ ସୂର ଦାସଙ୍କ ଜୀବନୀ ଉପରେ ପର୍ଯ୍ୟବେସିତ ହୋଇଥିଲା । କାହାଣୀଟି ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କ ସହିତ ସୂର ଦାସଙ୍କ ମୁକାବିଲାକୁ ପ୍ରକାଶ କରେ, ଯେଉଁମାନେ ପ୍ରଗତିକୁ ଆଗେଇ ନେଉଥିବା ଏବଂ ପାରମ୍ପରିକ ମୂଲ୍ୟବୋଧକୁ ଆବଦ୍ଧ କରୁଥିବା ଦ୍ୱନ୍ଦପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କୁ ପ୍ରତିନିଧିତ୍ୱ କରନ୍ତି । ଏହି ନାଟକଟି ନୈତିକ, ସଙ୍କୋଚତା, ନ୍ୟାୟ ଏବଂ ମାନବ ଇଚ୍ଛାର ଜଟିଳତାକୁ ଅନୁସନ୍ଧାନ କରେ । ଅନୁଷ୍ଠାନର ସମସ୍ତ କଳାକାରମାନଙ୍କ ଅଭିନୟ ପାରିଦର୍ଶିତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟଶୀ ପ୍ରଶଂସା କରିଥିଲେ । କ୍ୟାନଫେଷ୍ଟର ଏହି ସଂଧାରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଡେପୁଟି କଂଜରଭେଟର କ୍ୟାପଟେନ ଅଲେଖ ସାହୁଏବଂ ପାରାଦ୍ୱୀପ ବନ୍ଦର ଲେଡ଼ିଜ କ୍ଲବର ଉପସଭାପତି ଶ୍ରୀମତୀ ବର୍ଣ୍ଣାଳି ଚେଡିଆ ଯୋଗ ଦେଇ କ୍ୟାନମାସର ଉନ୍ନତି କାମନା କରିବା ସହିତ କଳାକାରମାନଙ୍କ ଅଭିନୟକୁ ପ୍ରଶଂଶା କରିଥିଲେ । ଆସନ୍ତା କାଲି ପଞ୍ଚମ ସନ୍ଧ୍ୟାରେ ମଧ୍ୟପ୍ରଦେଶରୁ ଆସିଥିବା କଳାକାରମାନେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୋଜ ସୋନିଙ୍କ ହିନ୍ଦୀ ନାଟକ 'ସନ - ୨୦୨୫' ଓ କୋରାପୁଟରୁ ଆସିଥିବା କଳାକାରମାନେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ଦେଶିଆ/ଓଡ଼ିଆ ନାଟକ ' ରେମୋ ' ମଞ୍ଚସ୍ଥ କରିବେ ।

## ପୂର୍ବତନ ବିଧାୟକ ଦେବ ଶର୍ମାଙ୍କ ମର ଶରୀର ପ୍ରତି ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା, ୨୨/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ପୂର୍ବର୍ତନ ସଭାପତି, ଆଳିର ପୂର୍ବର୍ତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଅକାଳ ବିୟୋଗେର କେନ୍ଦ୍ରାପଡା ଜିଲ୍ଲାରେ ଗଭୀର ଶୋକ ପ୍ରକାଶ ପାଇଛି । ଭୁବେନଶ୍ୱରସ୍ଥିତ ଘେରାଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ତାଙ୍କର ଦେହାନ୍ତ ହୋଇଯାଇଛି । ଆଜି ପୂର୍ବାହ୍ନେର ସ୍ୱଗର୍ତ ଶର୍ମାଙ୍କର ମରଶରୀର କେନ୍ଦ୍ରାପଡା କଂଗ୍ରେସ ଭବନରେ ପହଁଚିବା ପରେ ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପୂର୍ବର୍ତନ ବିଧାୟକ ସିପ୍ରା ମଲକ,ଫକୀର ଖଟୁଆ, ବିଧୂ ଭୂଷଣ ମହାପାତ୍ର, ହରିଶ ପ...ନାୟକ, ସତ୍ୟପ୍ରିୟ ସାମଲ, ଆଶିଷ ଲେଙ୍କା, ସିଦ୍ଧାର୍ଥ ଶଙ୍କର ଦାସ, ମିର ମୁରସିଦ, ସଂଜୟ ରାଉତ ପ୍ରମୁଖ ପ୍ରିୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅପର୍ଣ କରିଥିଲେ । ସେଠାରୁ ଶବାଧାର ତିନିମୁହାଣୀ, ପୁରୁଣାବସ୍ଷ୍ଟାଣ୍ଡ, ଗରାପୁର କୋଠି ଛକ, ଗରାପୁର ବିଜେଡି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା । ଏହା ପରେ ତାଙ୍କ ମରଶରୀରକୁ ଆଳି ନିର୍ବାଚନ ମଣ୍ଡଳୀକୁ ନିଆଯାଇଥିଲା । ଗରାପୁର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଶ୍ରଦ୍ଧା ସୁମନ ଅପର୍ଣ କରିଥିଲେ । ବିଜେଡି କାର୍ଯ୍ୟାଳୟ ପରିସରେର ବିଧାୟକ ଗେଣଶ୍ୱର ବେେହରା, ରଞ୍ଜିତ କୁମାର ସାହୁ, ପୌର ପରିଷଦ ଉପାଧକ୍ଷା ଆକବରୀ ଖାତୁନ୍, ପୂର୍ବର୍ତନ ବିଧାୟକ ଅଲେଖ କୁମାର ଜେନା, କାଳୀପ୍ରସାଦ ମିଶ୍ର, ଧେରନ୍ କୁମାର ସାହୁ, ଯଯାତି କେଶରୀ ମହନ୍ତି, ରତିକାନ୍ତ ସାମଲ, ଅଲୋକ ସାହୁ, ରେଜଶ ପଣ୍ଡା, ସମ୍ବିତ୍ ଶ୍ରୀଚନ୍ଦନ, ପ୍ରମୁଖ ତାଙ୍କ ମରଶରୀରେର ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅପର୍ଣ କରିଥିଲେ ।

# ଅନ୍ୱେଷଣ ତରଫରୁ ବିଶ୍ୱ ଜଳ ଦିବସ ପାଳିତ




ଉଦଳା, ୨୨/୩ (ନି.ପ୍ର): ଆଜି ମାର୍ଚ୍ଚ ୨୨ ତାରିଖ ଶନିବାର ଦିନ ପୂର୍ବାହ୍ନ ୧୦ ଘଟିକା ସମୟରେ ସ୍ୱେଚ୍ଛାସେବି ସଂଗଠନ ଅନ୍ୱେଷଣ ନୁଦଢ଼ିହା ଠାରେ ବିଶ୍ୱ ଜଳ ଦିବସ ପାଳିତ ହୋଇ ଯାଇଛି । ଏଥିରେ ୟୁନିସେଫ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଂଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସ୍ଥାନୀୟ ମହିଳା ଓ ମେଘାସନ ମହାବିଦ୍ୟାଳୟର ଏନ୍.ସି.ସି. କ୍ୟାଡ଼େଡ଼୍ ମାନେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୱେଷଣ ବରିଷ୍ଠ ଉପଦେଷ୍ଟା ସେବା ନିବୃତ ବାୟୁସେନା ଅଧିକାରୀ ସୁଦର୍ଶନ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମେଘାସନ ମହାବିଦ୍ୟାଳୟର ପ୍ରାଣି ବିଜ୍ଞାନ ବିଭାଗର ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ଜଳପ୍ରଦ୍ୟୁଷଣ ରୋକିବା ସହିତ ଜଳ ସଂରକ୍ଷଣ ପାଇଁ ସମସ୍ତଙ୍କର ଭୂମିକା ରହିଛି ବୋଲି ଜୋର ଦେଇଥିଲେ । ଅନ୍ୱେଷଣର ସଂପାଦକ ଶ୍ରୀନାଥ ପ୍ରଧାନ ଅପହଂଚ ଇଲାକାରେ ଉପୁଜିଥିବା ପାନୀୟ ଜଳ ସମସ୍ୟା ଓ ବିଭିନ୍ନ ଜଳଜନିତ ରୋଗ ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ଉପଦେଷ୍ଟା ମନୋରଂଜନ ମଲିକ ବିଭିନ୍ନ ଗ୍ୟାଲ୍ସିୟର କିପରି କ୍ଷୟ ହେଉଛି ଓ ତତ୍‌ଜନିତ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ । ଜଙ୍ଗଲ ସଂରକ୍ଷଣ ଓ ବୃକ୍ଷ ରୋପଣ ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ମାନେ ନିଜର ମତ ପ୍ରକାଶ କରିବା ସହିତ ଶପଥ ପାଠ କରିଥିଲେ । ସ୍ଥାନୀୟ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ପାଇଁ ରାଜ୍ୟସରକାରଙ୍କ ଜଳ ଓ ପରିମଳ ବିଭାଗକୁ ସ୍ମାରକ ପତ୍ର ଦେବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ସ୍ୱେଚ୍ଛାସେବି ଆଶିଷ କୁମାର ମଲିକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ଜ୍ଞାପନ କରିଥିବା ବେଳେ କୋଷାଧକ୍ଷ ଶ୍ରୀ ଗଜେନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ଜୁନ ସୋରେନଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ ଓ ଅର୍ଜୁନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ: ଚଳଧା ଦଳ ଚମ୍ପିଆନ



ବଡସାହି, ୨୨/୩ (ନି.ପ୍ର): ଏହି ବ୍ଲକ ଅଧୀନ ଦେଉଳିଆ ପଂଚାୟତର ପୂର୍ବତନ ସରପଂଚ ସମାଜସେବୀ ସ୍ୱର୍ଗତଃ ଅର୍ଜୁନ ସରେନଙ୍କ ୮୦ତମ ଜନ୍ମ ଜୟନ୍ତୀ ଧୂମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ଅଗାଶୋଳ ଗ୍ରାମ ଛକରେ ତାଙ୍କର ଏକ ପ୍ରତିମୂର୍ତୀ ଉନ୍ମୋଚନ କରାଯାଇଛି । ତାଙ୍କ ସୁପୁତ୍ର ଇଂଜିନିୟର ଶ୍ରୀଧର ସୋରେନଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୟୁରଭଂଜ ଜିଲ୍ଲା ପରିଷଦର ଅଧକ୍ଷ୍ୟା ଭାରତୀ ହାଁସଦା ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତୀକୁ ଉନ୍ମୋଚନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମୂଖ୍ୟବକ୍ତା ଭାବେ ମାଝୀ ହାଡାମ ବାଡା ସୋରେନ, ସମ୍ମାନୀତ ଅତିଥି ଭାବେ ରାଉଲକେଲା ଷ୍ଟିଲ ପ୍ଲାଂଟ୍‌ର ଭକ୍ତଚରଣ ଟୁଡୁ, ଆଇନଜୀବି ଜାସକାନ ମୁର୍ମ୍ମୁ, ସୁନ୍ଦର ମୋହନ ମୁର୍ମ୍ମୁ ଓ ଚୁନକା ହେମ୍ରମ୍ଭ ପ୍ରମୁଖ ଯୋଗ ଦେଇ ତାଙ୍କର ସମାଜ ସେବା ଓ ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଦେଉଳିଆ ପଂଚାୟତର ସରପଂଚ ଭାବେ ବିତାଇଥିବା ତାଙ୍କ ରାଜନୈତିକ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପାରମ୍ପାରିକ ନୃତ୍ୟ ଓ ଡାବୁଲ ତାମସାର ତାଳେ ତାଳେ ଏକ ଶୋଭାଯାତ୍ରା ମାଧ୍ୟମରେ ପ୍ରତିମୂର୍ତୀ ସ୍ଥଳକୁ ଅଣାଯାଇଥିଲା । ଏହି ଅବସରରେ ଏକ ଦିନିକିଆ ଅର୍ଜୁନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଉନ୍ନତ ଖେଳ ପ୍ରଦର୍ଶନ କରି ଚଳଧା ଫୁଟବଲ ଦଳ ଓ ଖଡିଶୋଳଯମୁନା ଫୁଟବଲ ଦଳ ଫାଇନାଲକୁ ଉନ୍ନିତ ହୋଇଛନ୍ତି । ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ଚଳଧା ଦଳ ୧-୦ଗୋଲରେ ଖଡିଶୋଳଯମୁନା ଦଳକୁ ହରାଇ ଚଳିତ ବର୍ଷ ଚମ୍ପିଆନ ହୋଇଛି । ଉପସ୍ଥିତ ଅତିଥି ମାନେ ଚମ୍ପିଆନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଛନ୍ତି । ରେଫରି ଭାବେ କିର୍ତୀ ପାତ୍ର ଓ ଲାଇନ୍ସମ୍ୟାନ ଭାବେ କାଳିଚରଣ ସିଂଓ ଡାକ୍ତର ସିଂ ଖେଳ ପରିଚାଳନା କରିଛନ୍ତି । ବୁଦୁଲୁ ହାଁସଦା ଧାରା ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ସିଂ, ଛୋଟରାୟ ସୋରେନ, ବୈଷ୍ଣବ ମରାଣ୍ଡି ଓ ରୂପାୟ ମାରାଣ୍ଡିଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଛନ୍ତି । ସଂନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ରାଉରକେଲାର 'ସାନ୍ତାଳୀ ସୁପରଷ୍ଟାର ମେଲୋଡି' ତାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଛି । ଶେଷରେ ସାଲଗେମଣୀ ସରେନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ବିଶ୍ୱ ଜଳ ଦିବସ ପାଳିତ : ଉତ୍ତର ପିଢ଼ିଙ୍କ ପାଇଁ ଜଳ ସଂରକ୍ଷଣ କରିବା ଆମର ଦାୟିତ୍ୱ




ଭଦ୍ରକ, ୨୨/୩ (ନି.ପ୍ର): ପ୍ରକୃତିର ଦାନ ଜଳ ଆମ ପାଇଁ ଏକ ଅମୂଲ୍ୟ ସମ୍ପଦ। ଜଳ ବିନା ଜୀଇଁବା ଅସମ୍ଭବ। ଆମର ଦୈନିନ୍ଦିନ ଜୀବନରେ ଜଳର ବ୍ୟବହାର କେତେ ଅପରିହାର୍ଯ୍ୟ ଆମେ ସମସ୍ତେ ଜାଣୁ। କେବଳ ସେତିକି ନୁହେଁ ଋଷ କାର୍ଯ୍ୟଠାରୁ ଆରମ୍ଭ କରି କଳ କାରଖାନା, ନିର୍ମାଣ କାର୍ଯ୍ୟ ଆଦି ସମସ୍ତ କ୍ଷେତ୍ର ରେ ଜଳର ଆବଶ୍ୟକ ରହିଛି। ନଦନଦୀ, ଗଡିଆ, ପୋଖରୀ, ସମୁଦ୍ର ଭଳି ପ୍ରକୃତି କୋଳରେ ଅନେକ ଜଳ ଉତ୍ସ ଥିଲେ ବି ଆଜି ଜନ ବିସ୍ଫୋରଣ ହେଉ କି ଦୂଷିତ ପରିବେଶ ପାଇଁ ବର୍ଷାର ଅଭାବ କି ଜଳ ବ୍ୟବହାରର ଦୂରୁପଯୋଗ ଆଦି ବିଭିନ୍ନ କାରଣରୁ ଜଳର ଅଭାବ ପରିଲକ୍ଷିତ ହେଉଛି। ଭୂତଳ ଜଳ ସ୍ତର ଦିନ କ ଦିନ ହ୍ରାସ ହେବାର ଲାଗିଛି। ପୁଣି ସ୍ୱଚ୍ଛ ଜଳ ବିନା ସୁସ୍ଥ ଶରୀର ମଧ ସମ୍ଭବ ନୁହେଁ। ତେଣୁ ନିଜ ଋହିଦା ମେଣ୍ଟାଇବା ସହ ଉତ୍ତର ପିଢ଼ୀଙ୍କ ଋହିଦା ପାଇଁ ଜଳ ସଂରକ୍ଷଣ କରିବା ଏବଂ ସମସ୍ତ ଜଳ ଉତ୍ସକୁ ପ୍ରଦୂଷଣ ମୁକ୍ତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଏନ୍. ସି. ସି. କାର୍ଯ୍ୟଳୟ ର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଥିବା ବିଶ୍ୱଜଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ନିଜ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ।

ପୂର୍ବାହ୍ନ ୧୦ଘଟିକାରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ୨(୦) ନାଭାଲ୍ ୟୁନିଟ୍ ଏନ୍.ସି.ସି. ର ବିଦ୍ୟାର୍ଥୀ ମାନଙ୍କୁ ନେଇ ଏକ ଶୋଭାଯାତ୍ରା ଓ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ପୂର୍ବରୁ ବିଦ୍ୟାର୍ଥୀ ମାନେ ସାଳନ୍ଦୀ ନଦୀ କୂଳର ସାହାପୁର ଘାଟରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏନ୍.ସି.ସି. ନାଭାଲ ୟୁନିଟ୍ ର ଯୁବ କମାଣ୍ଡିଂ ଅଧିକାରୀ ସୁଦୀପ କୁମର ସାହୁ ପ୍ରମୁଖଙ୍କ ସହ ଗଣମାଧମ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଧ ଏକ ସଚେତନତା ବୈଠିକ ଅନୁଷ୍ଠିତ ହୋଇଥିଲା, ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠିକରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍.ସି.ସି କମାଣ୍ଡିଂ ଅଧିକାରୀ, ଆର ଡବ୍ଲ୍ୟୁ ଏସ୍.ଏସ୍.ର ଏସ୍ .ଡି.ଓ ମୁକୁଳ ଚନ୍ଦ୍ର ଦାସ ପ୍ରମୁଖ ଏହି ବୈଠିକରେ ଯୋଗ ଦେଇ ଜଳ ସଂରକ୍ଷଣ ଓ ମୁକ୍ତ ଜଳ ର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଚେନ୍ନାଇରେ ଡିଲିମିଟେସନ...

ଏହା ହେଲେ ଜନସଂଖ୍ୟା ଅନୁସାରେ ଲୋକସଭା ଆସନ ବଣ୍ଟନ କରାଯିବ । ଅର୍ଥାତ ଅଧିକ ଜନସଂଖ୍ୟା ଥିବା ରାଜ୍ୟ ଅଧିକ ଆସନ ପାଇବ ଏବଂ କମ୍ ଜନସଂଖ୍ୟା ଥିବା ରାଜ୍ୟ କମ୍ ଆସନ ପାଇବ। ତେଣୁ ଉତ୍ତର ଭାରତ ତୁଳନାରେ ଦକ୍ଷିଣ ଭାରତର ପ୍ରତିନିଧିତ୍ୱ ହ୍ରାସ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ଯୁକ୍ତି କରିଛନ୍ତି ବିରୋଧୀ । ସେପଟେ ବିରୋଧୀଙ୍କ ଏଭଳି ଆଶଙ୍କା ଅମୂଳକ ବୋଲି କହିଛନ୍ତି ତାମିଲନାଡୁ ବିଜେପି ମୁଖ୍ୟ ଆନ୍ନାମଲାଇ। କୌଣସି ରାଜ୍ୟ ଏହାଦ୍ୱାରା ପ୍ରଭାବିତ ହେବେ ନାହିଁ ବୋଲି ସେ କହିଛନ୍ତି । ସେପଟେ ଜନସଂଖ୍ୟା ଆଧାରରେ ସୀମା ନିର୍ଦ୍ଧାରଣକୁ ବିରୋଧ କରିଛି ବିଜେଡି। ଜନସଂଖ୍ୟା ଏଥିପାଇଁ ଏକମାତ୍ର ଆଧାର ହେବା ଅନୁଚିତ୍ ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଓଡ଼ିଶା ଜନସଂଖ୍ୟା ନିୟନ୍ତ୍ରଣରେ ଅଗ୍ରଣୀ ଭୂମିକା ନେଇଛି । ଯଦି ସୀମା ନିର୍ଦ୍ଧାରଣରେ ସଂସଦ ଓ ବିଧାନସଭା ସିଟ୍ କମେ ତାହାଲେ ଏହା ଓଡ଼ିଶାବାସୀଙ୍କ ସ୍ୱାର୍ଥରେ ହାନି ପହଞ୍ଚାଇବ। ଏଥିପାଇଁ କେନ୍ଦ୍ର ସରକାର ସବୁ ରାଜନୈତିକ ଦଳ ସହିତ ବୈଠକ କରି ଶଙ୍କା ଦୂର କରନ୍ତୁ ବୋଲି ନବୀନ୍ କହିଛନ୍ତି । ଅପରପକ୍ଷରେ ବିଜେପିକୁ ବିରୋଧ କରିବାକୁ ଯାଇ ତାମିଲନାଡୁର ଶରଣ ପଶିଛନ୍ତି ବୋଲି ବିଜେପି କହିଛି। ଡିଲିମିଟେସନ ନିୟମିତ ପ୍ରକ୍ରିୟା। ଏହାଦ୍ୱାରା ଓଡ଼ିଶାର କ୍ଷତି ହେବନି ବରଂ ଲାଭ ହେବ। ତେଣୁ ବିଜେଡି ଏହାକୁ ବିରୋଧ କରୁଛି ଅର୍ଥାତ ବିଜେଡି ଜନ ବିରୋଧୀ ବୋଲି ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି।

### ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀଙ୍କ...

ଚାକିରି କନିଷ୍ଠ ଯନ୍ତ୍ରୀ। ଆଉ ସେଥିରୁ ଏତେ କମାଣି ହେଉଥିଲା ଯେ, ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବେଣ୍ଟପୁରଶାସନରେ, ସେ ମେଲେଇ ଥିବା ଏ ବିଶାଳ କଳା ସାମ୍ରାଜ୍ୟ ଉପରେ ଟିକେ ଆଉ ଥରେ ଆଖି ପକାନ୍ତୁ।...ଆଉ ମାପିବାକୁ ଚେଷ୍ଟା କରନ୍ତୁ ତାଙ୍କ କମାଣି ଓ ନିବେଶର ତରିକାକୁ। ଯାଜପୁର ଜିଲ୍ଲା ଜାରକାର କୁଆଖିଆ ସେକ୍ସନ୍ ଆରଡି ଡିଭିଜନରେ କନିଷ୍ଠ ଯନ୍ତ୍ରୀ ପୋଷ୍ଟରେ ଥିବା ଏ ବାବୁ ଭୀମସେନ୍ ଯେ ଜଣେ ପ୍ରବଳ ଖାଉ ଯନ୍ତ୍ରୀ, ଠିକାଦାରମାନଙ୍କଠୁ ବହୁ ସମୟରେ ଏନେଇ ଭିଜିଲାନ୍ସରେ ଅଭିଯୋଗ ହୋଇ ଆସୁଥିଲା। ତେଣୁ ସବୁବେଳେ ଭିଜିଲାନ୍ସ ସ୍କାନରରେ ଥିଲେ ସେ। ଆଉ ଗତକାଲି ସେ ଯେତେବେଳେ ଯାଜପୁର ଅଫିସରୁ ତାଙ୍କ ଘର ବେଣ୍ଟପୁର ଶାସନକୁ ନିଜ କାର ଯୋଗେ ଫେରୁଥିଲେ, ନିର୍ଦ୍ଦିଷ୍ଟ ସୂଚନା ଆଧାରରେ କଟକ ଟାଙ୍ଗି ଟୋଲଗେଟ୍ ନିକଟରେ ତାଙ୍କୁ ମାଡ଼ି ବସିଥିଲା ଭିଜିଲାନ୍ସ ଟିମ୍। ଆଉ ସେଇ ଗାଡ଼ିରୁ ଉଦ୍ଧାର କରିଥିଲା ନଗଦ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା। ଏଥିସହ ଏତେ ପରିମାଣର କ୍ୟାସ ବାବଦରେ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଆରମ୍ଭ ହୋଇଯାଇଥିଲା ଭିଜିଲାନସ ଅପରେସନ୍। କୁଆଖିଆ ସ୍ଥିତ ତାଙ୍କ ଅଫିସ୍, ସରକାରୀ କ୍ୱାର୍ଟର ସହ ବେଣ୍ଟପୁର ଶାସନରେ ଥିବା ଭୀମସେନଙ୍କ ପୈତୃକ ଘର, ଓ ତାର କିଛି ଦୂରରେ ଥିବା ଏ ବହୁ ତଳ ବିଶିଷ୍ଟ ବଙ୍ଗଳା।...ଯାହାର ଆଟବାଟ ତାଜୁବ କରିଦେଇ ଥିଲା ଚଢ଼ାଉରେ ସାମିଲ ଥିବା ୧୨ ଜଣିଆ ଭିଜିଲାନ୍ସ ଟିମକୁ। ବାହର ଯେମିତି, ଭିତର ତାଠୁ ଆହୁରି ଚାକଚକ୍ୟ, ବିଳାସୀ...ଚଢ଼ାଉରୁ ଭୀମସେନଙ୍କ ଏଇ ବଙ୍ଗଳାରୁ ୯୮ ହଜାରରୁ ଅଧିକ ନଗଦ ଟଙ୍କା ସହ ୨୦୦ ଗ୍ରାମରୁ ଅଧିକ ସୁନା ଅଳଙ୍କାର, ୩୧ ଲକ୍ଷ ୮୦ ହଜାର ଟଙ୍କାର ଡିପୋଜିଟ ଓ ବ୍ୟାଙ୍କ ବାଲାନ୍ସ, ୧୦ ଲକ୍ଷ ଟଙ୍କାର ଇନସୁରାନ୍ସ ଏବଂ ୯ଟି ଗାଡି ଠାବ କରିଥିବା ସୂଚନା ମିଳିଛି। ତେବେ ଭୀମସେନଙ୍କ ଫର୍ଣ୍ଣିଚର ଫ୍ୟାକ୍ଟ୍ରି ପାଇଁ ଆସିଥିବା ଶାଳ, ଶାଗୁଆନ୍ ଭଳି ମୂଲ୍ୟବାନ କାଠ ସେ କେଉଁଠୁ ଆଣିଲେ, କାଠ ଚୋରା କାରବାରରେ ବି ସେ ସଂପୃକ୍ତ ନାହାନ୍ତି ତ, ଏସବୁ ସନ୍ଦେହରେ ଭିଜିଲାନ୍ସ ସହ ବନ ବିଭାଗ ଟିମ୍ ବି ଖୋଳତାଡ଼ କରିଛି।

### କାଳ ସାଜି ଦୁଃଖ...

କ୍ଷତିପୂରଣ ଦାବିରେ ଦୁଇ ଦିନ ହେବ ଉତ୍ୟକ୍ତ ଲୋକ ରାସ୍ତା ଅବରୋଧ କରୁଛନ୍ତି। କେନ୍ଦୁଝର ଜିଲ୍ଲାର ତେଲକୋଇ ଓ ବାଂଶପାଳ ବ୍ଲକରେ ତାଣ୍ଡବ ରଚିଛି କାଳବୈଶାଖୀ । କୁଆପଥର ମାଡ଼ରେ ଆଜବେଷ୍ଟସ ଘର ଚୂରମାର ହୋଇଛି। ପବନରେ ଉପୁଡିଛି ବଡ଼ ବଡ଼ ଗଛ । ଏପଟେ ବ୍ରହ୍ମପୁରରେ ବି ବେହାଲ୍ କରିଛି କାଳବୈଶାଖୀ ବର୍ଷା। ବେଶ କିଛି ସମୟ ନିର୍ଧୁମ ବର୍ଷିଲା। ସହର ଭିତରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଥିବା ବେଳେ ବିଭିନ୍ନ ଅଞ୍ଚଳ ହୋଇଥିଲା ଜଳବନ୍ଦୀ। କେଉଁଠି ଗଛ ଭାଙ୍ଗିଥିଲା ତ ଆଉ କେଉଁଠି ବର୍ଷା ପାଣି କିଛି ସମୟ ପାଇଁ ପଥଚାରୀଙ୍କ ବାଟ ଅଟକାଇଥିଲା। କାଳବୈଶାଖୀ ବର୍ଷାରେ ଟୁଇନ୍ ସିଟିରେ ପାଗର ମିଜାଜ୍ ବଦଳିଛି। କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଆହୁରି ୨୪ ଘଣ୍ଟା ରହିବ କାଳବୈଶାଖୀ ପ୍ରଭାବ। କିଛି ସ୍ଥାନରେ ପ୍ରବଳ ବର୍ଷିପାରେ। ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ନେଇ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ୨୪ ତାରିଖ ଯାଏଁ ଝଡ଼ବର୍ଷା ନେଇ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ। ୨୫ରୁ ପାଗରେ ପରିବର୍ତ୍ତନ ହୋଇପାରେ। ଝଡ଼ବର୍ଷା କେଉଁଠି ଲୋକଙ୍କ ବେଉସା ଉଜାଡିଛି ତ କେଉଁଠି କୁଆପଥର ମାଡ଼ ବିପନ୍ନଙ୍କୁ ବେଘର କରିଛି। ଏବେ ଅପେକ୍ଷା ସରକାରୀ ସହାୟତାକୁ।

### ଗିରଫ ହେଲେ ...

ଆସୁଥିବା ସରକାରୀ ଯୋଜନା ଓ ସହାୟତା ଟଙ୍କା ଆତ୍ମସାତ କରି ଆସୁଥିବା ଅଭିଯୋଗ ହୋଇଥିଲା । ତେବେ ଏହି ଅଭିଯୋଗ ପରେ ଏହି ମାମଲାର ତଦନ୍ତ ଭିଜିଲାନ୍ସ କରିଥିଲା । ତଦନ୍ତ ପରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରିଛି କଳାହାଣ୍ଡି ଭିଜିଲାନ୍ସ । ତେବେ ପ୍ରାରମ୍ଭିକ ତଦନ୍ତ କରିବା ପରେ ପଞ୍ଚାୟତ ଅନୁଦାନ ଟଙ୍କାକୁ କୋଟିପତି ସ୍ୱପ୍ନ ନେଇ ବ୍ୟାଟିଂ ଆପରେ ଲଗାଇ ଥିବା ଭିଜିଲାନ୍ସ ସୂଚନା ପାଇଛି ।

### କ୍ରାଇମବ୍ରାଞ୍ଚର ତନାଘନା...

ତତ୍କାଳୀନ ଆଇଆଇସିଙ୍କ ବନ୍ଧୁକ ଛଡ଼ାଇ ଆଣିଥିଲେ । ନବ ଦାସ ହତ୍ୟା ମାମଲାରେ ୫ ଦିନ ହେବ ବିଭିନ୍ନ ବ୍ୟକ୍ତିଙ୍କୁ ଚାଲିଛି ମାରାଥନ ଜେରା । ପରିବାର ଲୋକ, ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ନେଇ ଡାକ୍ତରଖାନା କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି । ତେବେ ଆବଶ୍ୟକ ପଡ଼ିଲେ ତତ୍କାଳୀନ ଆଇଆଇସି ଓ ଏସଡିପିଓଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଛନ୍ତି ତଦନ୍ତକାରୀ ଅଧିକାରୀ । ଦୀର୍ଘ ଦୁଇ ବର୍ଷ ପରେ ପୁଣି ଆରମ୍ଭ ହୋଇଛି ତଦନ୍ତ କିନ୍ତୁ ଏଯାଏ କ୍ରାଇମବ୍ରାଞ୍ଚକୁ ମିଳିପାରିନି ହତ୍ୟାକାଣ୍ଡରେ ବ୍ୟବହୃତ ଗୁଳି । ସେପଟେ ହସ୍ପିଟାଲରୁ ଇସିଜି ରିପୋର୍ଟ ଗାଏବ ଘଟଣାକୁ ନେଇ ମଧ ପ୍ରଶ୍ନ ଉଠିଛି ।

### ସାବାଡ ହେବେ ବାଲି ମାଫିଆ...

ପ୍ରକ୍ରିୟା ବିଡିଓଙ୍କ ଅଧୀନରେ ହେବ। ମାଇନିଂ ପ୍ଲାନ୍ ପ୍ରସ୍ତୁତ ପାଇଁ ବିଡିଓଙ୍କୁ ସାହାଯ୍ୟ କରିବେ ଜିଲ୍ଲା ଖଣି ଅଧିକାରୀ। ବାଲି ଉଠାଣ ପାଇଁ ସର୍ଭେ କରାଯାଇ ସୀମା ନିର୍ଦ୍ଧାରଣ କରାଯିବ। ପଞ୍ଚାୟତ ସ୍ତରରେ ଗଠନ ହେବ ପଞ୍ଚାୟତ କମିଟି । ପଂଚାୟତ ସ୍ତରରେ ବାଲି ଉଠାଣ ଉପରେ ନଜର ରଖିବ ପଂଚାୟତସ୍ତରୀୟ କମିଟି । ଏଥିପାଇଁ ବି ଏସଓପିରେ ବିସ୍ତୃତ ତଥ୍ୟ ରହିଛି । ସରପଞ୍ଚଙ୍କ ଅଧକ୍ଷତାରେ ପଞ୍ଚାୟତ ସ୍ତରୀୟ କମିଟି ଗଠନ ହେବ। ବାଲି ଉଠାଣ ନେଇ ଲିଜ୍ ?ଧାରୀଙ୍କ ଉପରେ ନଜର ରଖିବ ପଞ୍ଚାୟତ କମିଟି। ବାଲି ଉଠାଣର ରେଜିଷ୍ଟର ବ୍ୟବହାର କରାଯିବ। ସୁରକ୍ଷାକର୍ମୀ ଖାଦାନକୁ ଜଗିବେ। ନିର୍ମାଣ କାମକୁ ଦେଖି କେତେ ବାଲି ଆବଶ୍ୟକତା ରହିଛି ବିଡିଓ ନିର୍ଦ୍ଧାରଣ କରିବେ। ବାଲି ଚୋରି ରୋକିବାକୁ ତହସିଲଦାରଙ୍କ ଅଧୀନରେ ଏକ ଟିମ୍ କାମ କରିବ।ଚୋରି ରୋକିବାକୁ ପ୍ରତ୍ୟେକ ବାଲିଘାଟରେ ସିସିଟିଭି ଲାଗିବ। ତେବେ ଏହି ଏସଓପି ବାଲି ଚୋରିକୁ ରୋକିବାରେ କେତେ ସକ୍ଷମ ହେବ ସେ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ । ବେଆଇନ ବାଲି ଚାଲାଣ ଉପରେ ବିଭିନ୍ନ ଜିଲ୍ଲାରେ ପ୍ରଶାସନ ପକ୍ଷରୁ ଚଢଉ ଅଭିଯାନ ଆରମ୍ଭ ହୋଇଥିଲା । ଏହାପରେ ବାଲି ଉଠାଣ ଏକପ୍ରକାର ଠପ୍ ହୋଇଯାଇଥିଲା । ଏବେ ଆଶା କରାଯାଉଛି ସରକାରଙ୍କ ଏସଓପି ପରେ ବାଲି ଉଠାଣ ସ୍ୱାଭାବିକ ହେବ ।

### ନାଗପୁର ହିଂସା...

ଫଡନବୀଶ ଓ ଅଜିତ ପାୱାରଙ୍କ ବୟାନକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଥିବା ବେଳେ ସିନ୍ଦେ ଗୋଷ୍ଠୀର ବୟାନ ମଧ ସାମ୍ନାକୁ ଆସିଛି। ଶିବସେନା (ସିନ୍ଦେ) ମୁଖପାତ୍ର କୃଷ୍ଣ ହେଗଡେ କହିଛନ୍ତି ଏପରି ବୟାନବାଜୀ ବିଜେପି ଓ ଏନସିପିର ଅନ୍ତରୀଣ ମାମଲା। ଆମେ ମରାଠା ମାନୁଷଙ୍କ ପାର୍ଟି, ମରାଠାମାନଙ୍କ ହୀତ ପାଇଁ କାମ କରୁ। ଏଣୁ ଯଦି ମରାଠାମାନଙ୍କ ପ୍ରତି କୌଣସି ପ୍ରକାରର ଆଞ୍ଚ ଆସେ ଆମେ ସାମ୍ନାକୁ ଆସିବୁ ।

### ମଣିପୁରରେ ...

ସେ ଜନସାଧାରଣଙ୍କଠାରୁ ଜବରଦସ୍ତ ଲୁଟୁଥିଲେ। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଏବଂ ଗୋଟିଏ ୱାଲେଟ ଜବତ କରାଯାଇଛି।ଏହା ବ୍ୟତୀତ ମଣିପୁର ପୋଲିସ କେସୀପୀ (ଅପୁନବା)ର ତିନିଜଣ ସକ୍ରିୟ କ୍ୟାଡରଙ୍କୁ ଇମ୍ଫାଲ ୱେଷ୍ଟ ଜିଲ୍ଲାରୁ ଗିରଫ କରିଛି। ସେମାନଙ୍କ ପରିଚୟ ତୁମ ଜ୍ୟାକ୍ସନ ମେତୋଇ(୨୦),ଅକୋଇଜମ ସଂଜୟ ସିଂହ(୧୯)ତଥା ନୋଙ୍ଗଥୋମ୍ବମ ଗୋପେନ ସିଂହ (୫୯ )ବୋଲି ଜଣାପଡିଛି। ପୋଲିସ ମୁଖପାତ୍ରଙ୍କ ଅନୁସାରେ ମୁତୁମ ଜ୍ୟାକ୍ସନ ମେତୋଇ ଅକୋଇଜମ ସିଂହ ଏବଂ ନୋଙ୍ଗଥୋମ୍ବମ ଗୋପେନ ସିଂହଙ୍କ ନିକଟରୁ ଏକ ଇନ୍ସାସ ରାଇଫଲ(ମ୍ୟାଗାଜିନରେ ତିନୋଟି ଗୁଳି),ଗୋଟିଏ ୯ଏମଏମ ପିସ୍ତଲ(ମ୍ୟାଗାଜିନରେ ଦୁଇଟି ଗୁଳି),ଦୁଇଟି ଏୟର ଗନ,ଏକ ଡବଲ ବେରଲ ଗନ,ଏକ ଲାଥୋଡ ଗନର ବଡ ପାର୍ଟ,ଏକ ଇନ୍ସାସ ଏଲଏମଜୀର ତ୍ରୁଟିପୂର୍ଣ୍ଣ ମ୍ୟାଗାଜିନ,ଏକ ଏସଏଲଆର ରାଇଫଲ ମ୍ୟାଗାଜିନ,ଏକ ୭.୬୨ ଏଲଏମଜୀର କଟା ମ୍ୟାଗାଜିନ ଏବଂ ଏକ ଲାଥୋଡ ଶେଲ ଏବଂ ଏକ ଟିୟର ସ୍ମୋକ ଶେଲ ଉଦ୍ଧାର କରାଯାଇଛି।

### ଦୁଇଦିନ ଟଳିଲା...

ଥିବା ଏକ ଉପକେନ୍ଦ୍ରରେ ନିଆଁ ଲାଗିବା କାରଣରୁ ଏହି ସଙ୍କଟ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ମାର୍ଚ୍ଚ ୨୩ରେ କୋଲକାତାରୁ ବାହାରିଥାନ୍ତେ । ତାଙ୍କ ସହିତ ରାଜ୍ୟର ମୁଖ୍ୟ ସଚିବ ମନୋଜ ପନ୍ତ ଓ ଅନ୍ୟ ଅଧିକାରୀ ବି ଯିବାର ଥିଲା । କିନ୍ତୁ ପରିସ୍ଥିତିକୁ ଦେଖି ଏବେ ଏହି ଯାତ୍ରା ମାର୍ଚ୍ଚ ୨୪ରେ ହେବ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କାଳ ବୈଶାଖୀରେ ଉଡ଼ାଇ ନେଲା ଲକ୍ଷ୍ୟପତି ଦିଦି ହେବାର ସ୍ୱପ୍ନ

ଜଳେଶ୍ୱର , ୨୨/୩ (ନି.ପ୍ର): ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବରଡିହାଗ୍ରାମ ପଞ୍ଚାୟତର ଦୁଧିଆଶୋଳ ଗ୍ରାମର ଜଗନ୍ନାଥ ବେରାଙ୍କ ପତ୍ନୀ ଶ୍ରାଶ୍ୱତୀ ବେରା ମହିଳା ହୋଇ ମଧ୍ୟ ନିଜେ ସ୍ୱାବଲମ୍ବୀ ହେବା ପାଇଁ ମୁଖ୍ୟମନ୍ତ୍ରୀ କୃଷୀ ଉଦ୍ଦେଗୀ ଯୋଜନାରେ ଏକ ବ୍ରଲରଫାର୍ମ ନିର୍ମାଣ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ କିଛି ବେରୋଜକାର ମହିଳା ମାନଙ୍କୁ କାମ ଦେଇ ଥିଲେ ଓ ପରିବାରର ପ୍ରତି ପୋଷଣ କରୁଥିଲେ କିନ୍ତୁ ସତେ ଯେମିତି ଗତ କାଲିର ଦିନ ତାଙ୍କ ପାଇଁ କାଳ ଦିନ ପାଲଟି ଗଲା ସନ୍ଧ୍ୟା ସମୟରେ ବର୍ଷା ସାଙ୍ଗକୁ ପବନର ଗତି ଜୋର ବହିବା ଯୋଗୁଁ କୁଆ ପଥର ମାଡଯୋଗୁ ବ୍ରଲରଫାର୍ମଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ମାଟିରେ ମିଶି ଯାଇଛି ଯାହା ଫଳରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି ଓ କ୍ଷୟ କ୍ଷତି ପାଇଁ ସରକାଙ୍କଠାରେ ଅନୁରୋଧ କରିଛନ୍ତି କ୍ଷତି ପୂରଣ ପ୍ରଦାନ କରି ଶ୍ରାଶ୍ୱ ତୀର ଲକ୍ଷ୍ୟ ପତି ଦିଦିର ସ୍ୱପ୍ନ ସାକାର ହୋଇ ପାରିବ।



# ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଆପାଳର ସୋସିଆଲ ଅଡିଟ



ବାଲିଆପାଳ, ୨୨/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଚଳିତ ବର୍ଷ ୨୦.୩.୨୫ରିଖ ଗୁରୁବାର ଠାରୁ ୨୨.୪.୨୫ରିଖ ପର୍ଯ୍ୟନ୍ତ ତିନିଦିନ ଧରି ସୁବର୍ଣ୍ଣ ରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଆପାଳ ରେ ସୋସିଆଲ ଅଡିଟ କାର୍ଯ୍ୟକ୍ରମ ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷା ବିତ୍ ଝାଡେଶ୍ୱର ପ୍ରଧାନ,ଦୁଇଜଣ ଆଶା ଓ ଅଠଗନାବାଡି କର୍ମୀ ପି ଟିଏ ସଭାପତି ଅନ୍ୟ ତିନି ଜଣ ସଦସ୍ୟ, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିବାବେଳେ ସୋସିଆଲ ଅଡିଟ ର ରଂଜୁଲତା ପାତ୍ର ତିନିଦିନ ଧରି ସମସ୍ତ ପ୍ରକାର ବିଭାଗକୁ ତଦାରଖ କରିଥିଲେ । ଶେଷଦିନ ସମସ୍ତ ଅଭିଭାବକ କମିଟି ସଦସ୍ୟ ତଥା ବିଦ୍ୟାଳୟ ର ସମସ୍ତ ଶିକ୍ଷକ ମାନେ ଯୋଗଦେଇଥିଲେ । ଅଭିଭାବକ ମାନଙ୍କୁ ଅଡିଟର୍ ଆଗାମୀ ଦିନରେ ସହଯୋଗ କରିବାକୁ ପରାମର୍ଶ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିୟମିତ ପରିସ୍କାର ପରିଛନପ୍ରତି ଧ୍ୟାନ ଦେବାକୁ କହିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା ସମସ୍ତ ଅଭିଭାବକ, କମିଟି ସଦସ୍ୟ, ଅଡିଟର୍, ସୋସିଆଲ ଅଡିଟ କମିଟି ର ସଦସ୍ୟ ତଥା ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲେ ।

# ୯୦ ତମ ଉତ୍କଳ ଦିବସ : ଉଦଳାରେ ବସିଲା ପ୍ରସ୍ତୁତି ବୈଠକ, ଚୂଡ଼ାନ୍ତ ହେଲା ନାହିଁ ରୂପରେଖ

ଉଦଳା , ୨୨/୩ (ନି.ପ୍ର):ଉଦଳା ଠାରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ୯୦ ତମ ଉତ୍କଳ ଦିବସ ପାଳନ ପାଇଁ ଚଳିତ ମାର୍ଚ୍ଚ ୨୦ ତାରିଖ ଗୁରୁବାର ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନଗରପାଳ, ଉପନଗରପାଳଙ୍କ ସମେତ ଉଦଳା ଥାନାର ଆରକ୍ଷୀ ନିରିକ୍ଷକ ଏହି ବୈଠକରେ ମଂଚାସୀନ ଥିଲେ । ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଗତ ବର୍ଷ ମାନଙ୍କରେ ଉଦଳାରେ କିପରି ଉତ୍କଳ ଦିବସ ପାଳିତ ହେଉଥିଲା




ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଉପଜିଲ୍ଲାପାଳ, ବର୍ତମାନ ସରକାର ବଦଳିଛି ନୂଆ ସରକାର କ୍ଷମତାରେ ଅଛନ୍ତି, ଚଳିତ ବର୍ଷ ଉତ୍କଳ ଦିବସ କିପରି ପାଳନ କରାଯିବ ଏଥିପାଇଁ ରାଜ୍ୟ ସରକାରଙ୍କର କୌଣସି ଚିଠି ଏ ପର୍ଯ୍ୟନ୍ତ ଆମର ହସ୍ତଗତ ହୋଇନାହିଁ । ଚିଠି ଆସିଲେ ଏଠାକାର କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ ବୋଲି ଘୋଷଣା କରିଥିଲେ । ତେବେ ପ୍ରତିବର୍ଷ ପରି ସହର ସଫେଇ, ମହାପୁରୁଷଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଭାତଫେରି ପ୍ରଭୃତି କାର୍ଯ୍ୟକ୍ରମ ଯେଉଁଭଳି ହୁଏ ସେହିଭଳି ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କୁହାଯାଇଛି । ଆଜିର ଏହି ବୈଠକରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରି, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ସ୍ୱେଚ୍ଛାସେବି ସଂଗଠନର କର୍ମକର୍ତା ଓ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

## ୧୪ ଘଂଟା ପରେ ଅପହୃତ ବ୍ୟବସାୟୀ ଉଦ୍ଧାର

ଜୟପୁର, ୨୨/୩ (ନି.ପ୍ର): ଦୀର୍ଘ ୧୪ ଘଂଟା ପରେ ଅପହୃତ ବ୍ୟବସାୟୀ ଉଦ୍ଧାର ହୋଇଛନ୍ତି । କୋରାପୁଟ ଜିଲା ବିସିଂପୁର ଥାନା ଅନ୍ତର୍ଗତ କିରମଗୁଡା ଗ୍ରାମର ଦୁର୍ଗମ ପାହାଡିଆ ଇଲାକାରେ ଏକ ଘରେ ନେଇ ରଖିଥିଲେ ଦୁର୍ବୃତ । ଅପହୃତ ବ୍ୟବସାୟୀ ଏ. କ୍ରିଷ୍ଣା ରାଓଙ୍କ ସୂଚନା ଅନୁସାରେ, ଗତକାଲି ବ୍ୟବସାୟୀକ କାର୍ଯ୍ୟରେ ଗେଟଗୁଡା ଯାଇଥିଲେ । ସେଠାରୁ ଏକ କାରରେ ୫ ଜଣ ଆସି ତାଙ୍କୁ ଅପହରଣ କରି ନେଇଥିଲେ । ସେ ଅସୁସ୍ଥ ଥିଲେ ତାଙ୍କ ଠାରୁ ସୁନା ଚେନ, ହାତ ମୁଦି ସବୁ ନେଇ ଯାଇଥିବା ସେ କହିଛନ୍ତି । ଉକ୍ତ ଗ୍ରାମର ବିଶ୍ୱନାଥ ମୁଦୁଲିଙ୍କ ସହାୟତାରେ ଆସିଥିଲେ ପରେ ପୋଲିସ ଉଦ୍ଧାର କରିଥିଲା । ସେପଟେ ବ୍ୟବସାୟୀ କ୍ରିଷ୍ଣା ରାଓ ଓରଫ ଡିସି ରାଜୁ ଉଦ୍ଧାର ହେବା ପରେ ବୋରିଗୁମ୍ମା ଥାନାରେ କୋରାପୁଟ ଏସପି ରୋହିତ ବର୍ମା ପଚରା ଉଚରା କରିବା ସହ ବ୍ୟବସାୟୀଙ୍କୁ ନେଇ ଦୁର୍ଗମ ପାହାଡିଆ ଗ୍ରାମରେ ସିନ ରିକ୍ରିଏସନ କରିଥିଲେ ।

# ଆଦର୍ଶହୀନ ଆଦର୍ଶ ବିଦ୍ୟାଳୟ: ମେଧାବୀ ଚୟନରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ

ନୀଳଗିରି , ୨୨/୩ (ନି.ପ୍ର): ରାଜ୍ୟ ସରକାର ମୁଖ୍ୟତଃ ମେଧାବୀ ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରେ ଅଗ୍ରାଧିକାର ଭିତ୍ତିରେ ଶିକ୍ଷାପ୍ରଦାନ ସହିତ ଆର୍ଥିକ ଅନଗ୍ରସର ପିତାମାତାଙ୍କର ଋଣବୋଝରୁ ଚିନ୍ତାମୁକ୍ତ କରି ମେଧାବୀଚୟନ ମାଧ୍ୟମରେ ଉପଯୁକ୍ତ ପିଲାଙ୍କୁ ଚୟନକରି ଆଦର୍ଶ, ଏକଲବ୍ୟ ଆଧୁନିକ ଶିକ୍ଷାବ୍ୟବସ୍ଥା ଗଠନ କରିଛନ୍ତି। ଫଳରେ ଧନୀକଶ୍ରେଣୀର ପିଲାଙ୍କଭଳି ସାଧାରଣ ଲୋକଙ୍କ ପିଲାମାନେ ମଧ୍ୟ ଉନ୍ନତମାନର ଶିକ୍ଷାସୁବିଧା ପାଇପାରିବେ। ମାତ୍ର ଶିକ୍ଷାନୁଷ୍ଠାନରେ ମଧ୍ୟ ପ୍ରିୟାପ୍ରୀତି ତୋଷଣ ସହିତ କୋଟା ର ବ୍ୟବସ୍ଥା ରହିଥିବାରୁ ମେଧାବୀ ପିଲାମାନେ ଉକ୍ତ ଶିକ୍ଷାନୁଷ୍ଠାନରେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି ।ଯାହାଫଳରେ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ସହିତ ଅଭିଭାବକ ମାନସିକ ଅଶାନ୍ତିରେ ରହିବା ସହିତ ମେଧାଚୟନ ପ୍ରକ୍ରିୟାକୁ ନିନ୍ଦା କରିଛନ୍ତି। ଏଭଳି ଘଟଣା ନୀଳଗିରି ବ୍ଲକ ଜାମୁଡିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ୨୦୨୫ବର୍ଷ ଷଷ୍ଠ ଶ୍ରେଣୀରେ ମୋଟ ୮୦ଜଣ ପିଲାଙ୍କ ନାମଲେଖା ପାଇଁ ମେଧାଚୟନ କରାଯାଇଥିଲା। ସାଧାରଣବର୍ଗରୁ ୨୬ଜଣ ପିଲାଙ୍କୁ ଚୟନ କରାଯାଇଥିବା ବେଳେ ସେଥିରୁ ୪ଜଣ ଭିନ୍ନକ୍ଷମଙ୍କୁ ଏବଂ ଜଣେ ଏସ.ସି ପିଲାଙ୍କୁ ଚୟନ କରାଯାଇଛି। ଏସ.ଟି ବର୍ଗରୁ ୪୬ଜଣ ଏବଂ ଏସ.ସିବର୍ଗରୁ ୮ଜଣ ପିଲା ଚୟନକରାଯାଇ ଚୂଡାନ୍ତ ତାଲିକା ପ୍ରକାଶପାଇଛି। ଏହାବାଦ ୮ଜଣ ଛାତ୍ରଛାତ୍ରୀଙ୍କ ୱେଟିଂଲିଷ୍ଟ ପ୍ରକାଶିତ ହୋଇଛି। ତେବେ ମୁଖ୍ୟତଃ ସାଧାରଣ ବର୍ଗରେ ଚୟନହୋଇଥିବା ୨୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪ଜଣ ଛାତ୍ରଛାତ୍ରୀ ସରକାରୀ ଚାକିରିଆଙ୍କ ପିଲା ହୋଇଥିବା ବେଳେ ୨ଜଣଛାତ୍ର ସ୍ଥାନୀୟ ବିଧାୟକଙ୍କ ସୁପାରିଶ ବିଦ୍ୟାର୍ଥୀ ଏବଂ ୨ଜଣ ଛାତ୍ରୀ ଜିଲ୍ଲାପାଳଙ୍କ ସୁପାରିଶ ବିଦ୍ୟାର୍ଥୀ ଅଟନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ରାଜ୍ୟସରକାର ଶିକ୍ଷାକ୍ଷେତ୍ରରେ କୋଟାବ୍ୟବସ୍ଥା କରିଥିବାରୁ ୮ଜଣ ମେଧାବୀପିଲା ୪୦ନମ୍ବର ରଖି ୱେଟିଂଲିଷ୍ଟରେ ରହିଥିବା ବେଳେ ବିଧାୟକ ଏବଂ ଜିଲ୍ଲାପାଳଙ୍କ ସୁପାରିଶରେ ଚୟନହୋଇଥିବା ପିଲାମାନେ ୨୨,୨୮,୩୫,୩୭ ନଂ ରଖିଛନ୍ତି। ଫଳରେ ମେଧାଚୟନ ପ୍ରକ୍ରିୟାକୁ ନାପସନ୍ଦ କରିଛନ୍ତି ଅଭିଭାବକ ସମେତ ଶିକ୍ଷାବିତ୍। ସୁପାରିଶ ପ୍ରକ୍ରିୟାକୁ ସେମାନେ ଗ୍ରହଣ କରିଥିବା ବେଳେ ଉପଯୁକ୍ତ ତଦନ୍ତ କରାଯାଇ ନିରାଶ୍ରୟ, ଗରିବ, ଅକ୍ଷମଶ୍ରେଣୀର ଅଭିଭାବକଙ୍କ ପିଲାମାନଙ୍କୁ ସୁପାରିଶ କରାଯାଇଥିଲେ ସ୍ୱଚ୍ଛତା ଅବଲମ୍ବନ କରାଯାଇପାରିଥାନ୍ତା ବୋଲି ମତରଖିଥିବା ବେଳେ ଧନୀକ ଶ୍ରେଣୀର ପିଲାଙ୍କୁ ଏହି ଯୋଗ୍ୟତା ତାଲିକାରେ ସାମିଲ କରି ପ୍ରିୟାପ୍ରୀତି ତୋଷଣ କରାଯାଇଥିବା ଅଭିଯୋଗ ଉଠିଛି। ଏହାର ତଦନ୍ତ କରାଯାଇ ପ୍ରକୃତ ମେଧାବୀଙ୍କୁ ସୁଯୋଗଦେବାକୁ ଅଭିଭାବକ ସମେତ ଅଞ୍ଚଳବାସୀ ଦାବୀ କରିଛନ୍ତି।



# ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମର ୩୬ ତମ ବାର୍ଷିକ ଉତ୍ସବ ପ୍ରଥମ ଅଧିବେଶନ



ବସ୍ତା୨୨/୩(ନିପ୍ର) ସଦର ବ୍ଲକ ଅନ୍ତର୍ଗତ ରୂପସା ପିଞ୍ଚାବଣିଆ ସ୍ଥିତ ପ୍ରତିଷ୍ଠିତ ବୈଦିକ ଗୁରୁକୁଳ ଆଶ୍ରମ ର ୩୬ ତମ ବାର୍ଷିକ ଉତ୍ସବ ଓ ଆର୍ଯ୍ୟ ସେବା ସଂଘ ଛତିସତ୍ତମ ବାର୍ଷିକ ଉତ୍ସବ ଉଦ୍ଘାଟନ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ରକ୍ତଦାତାସଂଘ ଉପସଭାପତି ପରିବେଶବିତ, ଯୁବ ସମାଜ ସେବୀ ସୁମନ୍ତ କୁମାର ଜେନା ଫିତା କାଟି ଶୁଭ ଉଦ୍ ଘାଟନ ଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସୁଦୂର ଭୁବେନେଶ୍ୱର ରୁ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗ ଦେଇ ଗୁରୁକୁଳ ଓ ଆର୍ଯ୍ୟ ସମାଜ ବିଷୟ ରେ ଅଭିଭାଷଣ ରଖିଥିଲେ। ଏହି ଉତ୍ସବ ତିନି ଦିନ ଧରି ଚାଲିବ ଆଶ୍ରମ ମୁଖ୍ୟ ବୀଜୟ ଜୀ କହିଥିଲାବେଳେ ଆଜି ପ୍ରଥମ ଦିନରେ ବେଦପାରାୟଣ ଯଜ୍ଞ , ଯୋଗ , ଆୟୁର୍ବେଦ ଓ ପ୍ରକୃତିକ ଚିକିତ୍ସା ଶିବିର , ବୈଦିକ ପ୍ରବଚନ , ଶିକ୍ଷକ ସମ୍ମିଳନୀ , ମାତୃ ସମ୍ମିଳନୀ , ବୃକ୍ଷ ରୋପଣ , ଗୋ ମାତା ସେବା , ସଂସ୍କୃତିକୁ କାର୍ଯକ୍ରମ ଓ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଉକ୍ତ ଉତ୍ସବ ରେ ବିଭିନ୍ନ ଅଞ୍ଚଳ ରୁ ବୈଦିକ ବିଦ୍ୱାନ , ସାଧୁ ସନ୍ଥ , ଭଜନ ଉପଦେଶକ , ସାହିତ୍ୟିକ , ସମାଜସେବୀ ଉପସ୍ଥିତ ରହିଥିଲେ । ବୈଦିକ ଗୁରୁକୁଳ ର ଆଚାର୍ଯ୍ୟ ବିଜୟ ଜିଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ଅନନ୍ତ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଗୁରୁକୁଳ ର ସମସ୍ତ କର୍ମକର୍ତ୍ତା ଓ ଆର୍ଯ୍ୟ ସେବା ସଂଘଠନ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଲେ ଶୁଭଶ୍ରୀ ପାତ୍ର

ସୁବର୍ଣ୍ଣପୁର, ୨୨/୩ (ନି.ପ୍ର): ସୋନପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସଂସ୍କୃତ ବିଭାଗର ପୂର୍ବତନ ଛାତ୍ରୀ ତଥା ବଉଦ ଜିଲ୍ଲା କଂଟାମାଳ ସ୍ଥିତ ମକଡିଆପଦର ଗ୍ରାମର ପ୍ରମୋଦ କୁମାର ପାତ୍ର ଏବଂ ସୁଚିତ୍ରା ପାତ୍ରଙ୍କ ପୁତ୍ରୀ ସୁଶ୍ରୀ ଶୁଭଶ୍ରୀ ପାତ୍ର ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିରୁ ସଂସ୍କୃତ ବିଷୟରେ ପାରାସ୍ନାତକ ତଥା ଆଚାର୍ଯ୍ୟ (ଏମ.ଏ) କରି ସେଥିରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ପୂର୍ବରୁ ପ୍ରାଥମିକ ସ୍ତରରୁ ଛାତ୍ରୀ ଜୀବନରୁ ମଧ୍ୟ ଜଣେ ମେଧାବୀ ଛାତ୍ରୀ ଭାବେ ପରିଚିତି ଥିଲେ । ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୁକ୍ତ ତିନିରେ ସଂସ୍କୃତ ରେ ଟପ୍ ଟେନ୍ ରେଙ୍କ୍ ରେ ରହିଥିଲେ। ବର୍ତ୍ତମାନ ସେ ଦିଲ୍ଲୀରେ ବି.ଏଡ. କରୁଛନ୍ତି। ସେ ଏହାର ସମସ୍ତ ଶ୍ରେୟ ତାଙ୍କ ବାପା ମା ତଥା ପରିବାର ବର୍ଗ ଓ ଗୁରୁ ମାନଙ୍କୁ ଦେଇଛନ୍ତି । ଭବିଷ୍ୟତରେ ସେ ଜଣେ ଭଲ ଶିକ୍ଷୟତ୍ରୀ ହେବା ପାଇଁ ଆଶା ରଖିଛନ୍ତି।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ପ୍ରଶାସନର ପ୍ରସ୍ତୁତିକୁ ନେଇ ବିଧାୟକ ମାନସ ଦତ୍ତଙ୍କ ସମୀକ୍ଷା ବୈଠକ

ବାଲେଶ୍ୱର, ୨୨/୩ (ନି.ପ୍ର): ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ନେଇ ସଦର ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ବିଧାୟକ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିବା ସହିତ ଜଳକ୍ଲିଷ୍ଟ ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ପୋଷ୍ଟର, ଲିଫ୍‌ଲେଟ୍ ଆଦି ପ୍ରଚାରପତ୍ର ଗାଁ ଗହଳିରେ ବ୍ୟାପକ ବଂଟନ ନିମନ୍ତେ ପଦକ୍ଷେପ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଯେମିତି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍ ଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନ ହାନି ନଘଟିବ ସେଥିପାଇଁ ସମସ୍ତେ ଦୃଢ ମାନସିକତା ରଖି ସଦା ତତ୍ପର ରହି କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ଦତ୍ତ ଆହ୍ୱାନ ଦେଇଥିଲେ । ଶ୍ରମିକମାନଙ୍କ କାର୍ଯ୍ୟ ସ୍ଥଳୀରେ ପାନୀୟଜଳ ଓ ଆଶ୍ରୟର ବ୍ୟବସ୍ଥା ସହ ଦିନ ୧୧ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଟାଣ ଖରାରେ କାମ ନକରାଇବା ନିୟମ କଡ଼ାକଡ଼ି ଲାଗୁ ନିମନ୍ତେ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଅଂଶୁଘାତର ପ୍ରତିକାର ପାଇଁ ବ୍ୟବସ୍ଥା ସହିତ ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ଓ ଆମ୍ବୁଲାନ୍ସ୍ ମୁତୟନ ପାଇଁ ସେ ପରାମର୍ଶ ଦେଇଥିଲେ। ଏହା ସହିତ ଜନସଚେତନତା ସୃଷ୍ଟି ସହ ଏକ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ ଓ ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଆକ୍ରାନ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ବେଡ୍ ପ୍ରସ୍ତୁତ ରଖିବା ପାଇଁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପଶୁସମ୍ପଦଙ୍କ ପାଇଁ ବିଭିନ୍ନ ସ୍ଥାନରେ ପିଇବା ପାଣି ବ୍ୟବସ୍ଥା କରିବାକୁ ସେ କହିଥିଲେ। ଏହି ବୈଠକ ଏ.ଡ଼ି.ଏମ ରେଭିନ୍ୟୁ ହେମନ୍ତ ସିଂ, ବିଡ଼ିଓ ଉତ୍ତମ ଜେନା, ପୌରପାଳିକାର ନିର୍ବାହୀ ଅଧିକାରିଣୀ ନୀର୍ଲିପ୍ତା ମହାନ୍ତି, ଏପିଡ଼ି ମଧୁସ୍ମିତା ସାମନ୍ତରାୟ, ପିଏଚଇଡ଼ିର ଅଧୀକ୍ଷଣ ଯନ୍ତ୍ରୀ ନବୀନ ସିଂ, ଗ୍ରାମ୍ୟ ଜଳ ଯୋଗାଣର ଅଧିକ୍ଷଣ ଯନ୍ତ୍ରୀ ସମୀର ଦେ ଓ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, କାର୍ତ୍ତିକ ରାଉତ ଉପସ୍ଥିତ ଥିଲେ।



# ମିଳିତ ନିଶା ନିବାରଣ ଅଭିଯାନର ବାର୍ଷିକ ସମ୍ମିଳନୀ ଉପଲକ୍ଷେ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨୨/୩ (ନି.ପ୍ର):ବାଲେଶ୍ୱର ଜିଲ୍ଲାର ନିଳିଆ ବାଗ ଶ୍ରିକଣ୍ଠ ପୁର ର ଥିବା ନିଶା ନିବାରଣ ଅଭିଯାନ ଅଫିସ (ମୋନା) ର ବାର୍ଷିକ ଉତ୍ସବ ଉପଲକ୍ଷେ ସଭାପତି ପ୍ରଭାକର ସାହୁ ଦ୍ୱାରା ପ୍ରସ୍ତୁତ ବୈଠକ ( ୧) ଶୁକ୍ରବାର ୨୧ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକ ସାଧାରଣ ସମ୍ପାଦିକା ମମତା ମହାପାତ୍ର , ଉପସଭାପତି କ୍ଷିତିଶ୍ୱର୍ ଦାସ , ଉପଦେଷ୍ଟା ସୁବ୍ରତ କର , ସମ୍ପାଦିକା ଗୀତାଞ୍ଜଳି ସିଂହ , ଉପଦେଷ୍ଟା କେଶବ ଚରଣ ପଣ୍ଡା ଉପସ୍ଥିତ ଥିଲେ ଏହି ସଭାରେ ଅନୁଷ୍ଠାନ ର ସଭ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ପ୍ରଶାସନିକ ସ୍ତରରେ ବାର୍ତ୍ତା ଆସିବା ସେଥିପାଇଁ ପ୍ରତ୍ୟେକ ସଭ୍ୟ ପରସ୍ପର ସହିତ ମିଶି କାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଛି ଓ ଯେଉଁମାନେ ନୂତନ ସଭ୍ୟ ସଂଗ୍ରହ କରିବେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କର ଫର୍ମ ପୂରଣ ଓ ଫଟୋ ଦାଖଲ କରିବେ । ସେଗୁଡିକ ମୁଖପାତ୍ର ରେ ସ୍ଥାନ ପାଇବ ବୋଲି ଆଲୋଚନା ହୋଇଛି । ବ୍ଲକ୍ କମିଟି , ଆଞ୍ଚଳିକ କମିଟି , ସହରାଞ୍ଚଳ କମିଟି କିପରି ବ୍ୟାପକ ହେବ ସେଥି ପାଇଁ ସ୍ଥିର ହୋଇଛି । କେଉଁ ମାନଙ୍କୁ ସମ୍ମାନିତ କରାଯିବ ସେଥିପାଇଁ ଆଲୋଚନା ମଧ୍ୟ ହୋଇଛି । ଏହି ବୈଠକ ରେ ବେଣୁଧର ସାହୁ ଧନ୍ୟ ବାଦ ଦେଇ ଥିଲେ । ପୂର୍ଣ୍ଣ ଚନ୍ଦ୍ର ବେହେରା , ସଞ୍ଜୟ କୁମାର ପଣ୍ଡା , ଭାସ୍କର ଦାସ , ବସନ୍ତ ପ୍ରଧାନ , କଲ୍ୟାଣୀ ନନ୍ଦୀ, ତ୍ରିଦିବ କୁମାର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida